ଧରିତ୍ରୀ 51 Years
ପୃଷ୍ଠା–୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୭/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Friday, October 17/2025 Page 16 ₹ 7.00 | BERHAMPUR
୫୧ଶ ଭାଗ ୩୨୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 321 ମୂଲ୍ୟ ₹୭/-







Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. I CIN: L35911DL1984PLC017354 I For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. *Fastest compared to all air-cooled engine motorcycles in the 125cc segment as per internal testing. **66 km/l with E5 petrol under standard tests; mileage may vary. Accessories and features shown may not be a part of standard fitment. Always wear a helmet while riding a two-wheeler. As per cumulative dispatch numbers till August 2025. #Net price is inclusive discount of GST Benefits, Cash Bonus and. Road tax and insurance is calculated on actual ex-showroom price applicable in Odisha. ^Offer amount and combination of offer may vary for model/variant and states and it is applicable on select models only, for limited time period or till stock lasts. $Finance offer is at the sole discretion of the Financier, subject to its respective T&Cs. Available at select dealerships. T&C apply.

**TOLL FREE 1800 266 0018**

**Authorized Dealers:** Behrampur: Lakshmi Motors, Dharma Nagar, Ph: 9289922184, Phulbani: Narayani Hero, Ph: 9289922991 **Associate Dealers:** Parlakhemundi: Preetam Enterprises -9438685535, Bhanjanagar: Rebati Motors - 9438279794 / 9937015509, Patrapur: Ronak Motors - 9030985084, Tikabali: M/S Maa Rudrakali Automobiles -7846961367, Baliguda: Sai Automobiles - 9827843657, Aska: Sagar Automobiles, Ph: 9437257777, Hinjilikatu: Sri Dakhinakali Automibiles - 9438076861.

SAATCHI & SAATCHI

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୭/୨୦୨୫ Bhubaneswar, Friday, October 17/2025 | ପୃଷ୍ଠା-୧



କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଗୁରୁବାର ୭୦ତମ ପୋଲିସ ବୃତ୍ତିଗତ ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହ ପରେଡ୍‌ରେ ଅଂଶଗ୍ରହଣ କରିଥିବା ପୋଲିସ ଶ୍ୱାନ ଟିମ୍। **(ଫଟୋ: ରାଜକିଶୋର ମହାନ୍ତି)**

# ମୋଦି କହିଛନ୍ତି, ଭାରତ କିଣିବନି ରୁଷୀୟ ତୈଳ: ଟ୍ରମ୍ପ୍‌

ଭାରତ ରୁଷିଆଠାରୁ ତୈଳ କିଣିବା ବନ୍ଦ କରିଦେବ ବୋଲି 'ବନ୍ଧୁ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ ଦାବି କରିଛନ୍ତି। ୟୁକ୍ରେନ୍‌ ଆକ୍ରମଣକାରୀ ରୁଷିଆ ଉପରେ ଚାପ ସୃଷ୍ଟି ଦିଗରେ ଏହା ଏକ 'ବଡ଼ ପଦକ୍ଷେପ' ବୋଲି ଟ୍ରମ୍ପ୍‌ ଅଭିହିତ କରିଛନ୍ତି। ଏନେଇ କଂଗ୍ରେସ ମୋଦିଙ୍କୁ ଟାର୍ଗେଟ କରିଥିବାବେଳେ ଉକ୍ତ ପ୍ରସଙ୍ଗ ଦେଶରେ ରାଜନୈତିକ ହଟଚମଟ ସୃଷ୍ଟି କରିଛି। ଇତିମଧ୍ୟରେ ରାଷ୍ଟ୍ରପତି ଟ୍ରମ୍ପ୍‌ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ରୁଷୀୟ ତୈଳ କ୍ରୟ ବନ୍ଦ କରିବା ଉପରେ କୌଣସି ପ୍ରକାର ଟେଲିଫୋନିକ୍‌ ଆଲୋଚନା ହୋଇ ନ ଥିବା ନୂଆଦିଲ୍ଲୀ ସ୍ପଷ୍ଟ କରିଛି।

ୱାଶିଂଟନ୍‌/ନୂଆଦିଲ୍ଲୀ/ମସ୍କୋ,୧୬।୧୦ (ବ୍ଲୁମ୍‌ବର୍ଗ/ରଏଟର୍ସ/ପି.ଟି.)

୨୦୨୨ ଫେବୃଆରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ସେନା ୟୁକ୍ରେନ୍‌ ଉପରେ ଆକ୍ରମଣ କରିଥିଲା। ସେବେଠୁ ୧,୩୩୦ ଦିନ ଧରି ରୁଷିଆ-ୟୁକ୍ରେନ୍‌ ଯୁଦ୍ଧ ଜାରି ରହିଛି। ଯୁଦ୍ଧ ପରଠାରୁ ଚାଇନା ଓ ଭାରତ ରୁଷୀୟ ତୈଳର ବଡ଼ କ୍ରେତା ରହିଆସିଛନ୍ତି। ରିପବ୍ଲିକାନ୍‌ ଡୋନାଲ୍ଡ ଟ୍ରମ୍ପ୍‌ ଦ୍ୱିତୀୟ ଥର କ୍ଷମତାକୁ ଆସିଲେ ୟୁକ୍ରେନ୍‌ ଯୁଦ୍ଧ ବନ୍ଦ କରାଇବେ ବୋଲି ଗତ ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲେ। ଟ୍ରମ୍ପ୍‌ ୨୦୨୫ ଜାନୁଆରୀ ୨୦ରେ ରାଷ୍ଟ୍ରପତି ରୂପେ ପୁନଃ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଯୁଦ୍ଧ ବନ୍ଦ

### ମୋଦି-ଟ୍ରମ୍ପ୍‌ ଆଲୋଚନା ହୋଇନାହିଁ: କେନ୍ଦ୍ର

ଦିଗରେ ପଦକ୍ଷେପ ନେବା ସହ ରୁଷିଆ ପାଇଁ ଯୁଦ୍ଧର ଇନ୍ଧନ ରୂପକ ତୈଳ ନ କିଣିବାକୁ ଭାରତକୁ ପରାମର୍ଶ ଦେଇଆସିଛନ୍ତି। କିନ୍ତୁ ନୂଆଦିଲ୍ଲୀ ଦେଶର ଉପଭୋକ୍ତାମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ମସ୍କୋଠାରୁ ତୈଳ କିଣିବା ଜାରି ରଖିଛି। ଏହି ପୃଷ୍ଠଭୂମିରେ ଟ୍ରମ୍ପ୍‌ ଭାରତୀୟ ସାମଗ୍ରୀ ଉପରେ ୨୫% ଆମଦାନୀ ଶୁଳ୍କ ସହ ରୁଷୀୟ ତୈଳ କ୍ରୟ ବାବଦକୁ ଅତିରିକ୍ତ ୨୫% ଜରିମାନା ଲଗାଇଛନ୍ତି, ଯାହାକି ଗତ ଅଗଷ୍ଟ ଶେଷଭାଗରୁ ଲାଗୁ ହୋଇଛି। ☞ ପୃଷ୍ଠା-୫

## ଜନଶୁଣାଣିକୁ ଗୁରୁତ୍ୱ ଦେଉନାହାନ୍ତି ୬ ବିଭାଗ

ଭୁବନେଶ୍ୱର,୧୬।୧୦(ରବିନାରାୟଣ ଜେନା)

ରାଜ୍ୟରେ ଲୋକଙ୍କ ଅଭିଯୋଗ ଶୁଣିବା ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସୋମବାର ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ମନ୍ତ୍ରୀ ପରିଷଦ ସମସ୍ତ ଅବହେଳିତ ବର୍ଗଙ୍କୁ ଭେଟି ଗୁହାରି ଶୁଣୁଛନ୍ତି ଏବଂ ତା'ର ତ୍ୱରିତ୍‌ ସମାଧାନ ଦିଗରେ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। ହେଲେ ୬ଟି ବିଭାଗ ଲୋକଙ୍କ ଅଭିଯୋଗର ସମାଧାନ ଦିଗରେ ଗୁରୁତ୍ୱ ଦେଉ ନାହାନ୍ତି, ଯେଉଁଥିପାଇଁ ପ୍ରାୟ ୩୮ହଜାର ଲୋକଙ୍କ ଅଭିଯୋଗର ସମାଧାନ ହୋଇପାରୁନାହିଁ। ଏନେଇ ସରକାରଙ୍କ ପକ୍ଷରୁ ବାରମ୍ବାର ପତ୍ର ଲେଖାଗଲେ ମଧ୍ୟ କର୍ଣ୍ଣପାତ କରୁ ନ ଥିବାରୁ ଏହାକୁ ନେଇ ଗତ ୧୫ ତାରିଖରେ ସମ୍ପୃକ୍ତ ବିଭାଗୀୟ ମୁଖ୍ୟଙ୍କୁ ପୁନର୍ବାର ପତ୍ର ଲେଖି ତାଗିଦ୍‌ କରାଯାଇଛି।

ସାଧାରଣ ଅଭିଯୋଗ ନିର୍ଦ୍ଦେଶକ ସୁକାନ୍ତ କୁମାର ବେହେରା ମଙ୍ଗଳବାର ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି, ଜନଶୁଣାଣି ହେଉଛି ଓଡ଼ିଶା ସରକାରଙ୍କ ସର୍ବୋତ୍ତମ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ। ଏହା ମାଧ୍ୟମରେ ନାଗରିକମାନଙ୍କୁ ଯେକୌଣସି ସ୍ଥାନରୁ ଏବଂ ଯେ କୌଣସି ସମୟରେ ରାଜ୍ୟର ପଦସ୍ଥ ସରକାରୀ ଅଧିକାରୀଙ୍କ ନିକଟରେ ସେମାନଙ୍କ ଅଭିଯୋଗ ପହଞ୍ଚିପାରିବ। ହେଲେ ପରିଲକ୍ଷିତ ହୋଇଛି, ଜଳସମ୍ପଦ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଞ୍ଚାୟତିରାଜ, ଇସ୍ପାତ ଓ ଖଣି ଏବଂ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗରେ ଅଭିଯୋଗ ସମାଧାନ ହାର ଅନ୍ୟାନ୍ୟ ବିଭାଗଠାରୁ ଯଥେଷ୍ଟ କମ୍‌ ରହିଛି। ଏହାକୁ ଦୃଷ୍ଟିରେ ରଖି ବାକି ପଡ଼ିଥିବା ଅଭିଯୋଗଗୁଡ଼ିକର ତ୍ୱରିତ୍‌ ସମାଧାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କର।

ସେ ତଥ୍ୟ ସହିତ ଦର୍ଶାଇଛନ୍ତି, ପଞ୍ଚାୟତିରାଜ ବିଭାଗରେ ଏବେ ବି ୨୦ହଜାର ୫୪୪ଟି ଅଭିଯୋଗ ସମାଧାନ ହୋଇ ☞ ପୃଷ୍ଠା-୫

## ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୩% ବୃଦ୍ଧି

### ଜୁଲାଇ ପହିଲାରୁ ପିଛିଲା ଭାବେ ପାଇବେ

ଭୁବନେଶ୍ୱର,୧୬।୧୦(ସୁନିତ୍‌ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦୀପାବଳି ପୂର୍ବରୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୩% ବୃଦ୍ଧି ନେଇ ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୫ ରୁ ୫୮%କୁ ବୃଦ୍ଧି ପାଇଛି। ଏହା ଜୁଲାଇ ପହିଲା ୨୦୨୫ରୁ ପିଛିଲା ଭାବେ ଲାଗୁହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଅକ୍ଟୋବର ଦରମାରେ ନଗଦ ଆକାରରେ ମିଳିବ। ଏହା ସହ ପେନ୍‌ସନଭୋଗୀମାନଙ୍କ ଡିଏରେ ମଧ୍ୟ ୩ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଅକ୍ଟୋବର ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଡିଏ ପାଇବେ। ଏହାଦ୍ୱାରା ପ୍ରାୟ ସାଢେ ୮ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

**ଆଜିର ସମ୍ପାଦକୀୟ** | ଅର୍ଥନୀତି ଓ ଅସମାନତା

## ଭାରତରେ ବନାଗ୍ନି: ବର୍ଷକରେ ୧.୫ କୋଟି ଲୋକ ପ୍ରଭାବିତ



- ୟୁପିରେ ସର୍ବାଧିକ ୪୬ ଲକ୍ଷ ଲୋକ ପ୍ରଭାବିତ
- ବିଶ୍ୱବ୍ୟାପୀ ୨୧୫ ବିଲିୟନ ଡଲାରର ସମ୍ପତ୍ତି କ୍ଷତିଗ୍ରସ୍ତ

ନୂଆଦିଲ୍ଲୀ,୧୬।୧୦(ପି.ଟି.)

ବର୍ଷ ୨୦୨୪-୨୫ରେ ଭାରତରେ ବନାଗ୍ନି ଯୋଗୁ ପ୍ରାୟ ୧.୫ କୋଟି ଲୋକ ପ୍ରଭାବିତ ହୋଇଛନ୍ତି। ଉତ୍ତରପ୍ରଦେଶରେ ସର୍ବାଧିକ ୪୬ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଗୁରୁବାର ଆର୍ଥ ସିଷ୍ଟମ ସାଇନ୍ସ ଡେଟା ନାମକ ଏକ ଜର୍ନାଲରେ ପ୍ରକାଶିତ 'ଷ୍ଟେଟ୍‌ ଅଫ୍‌ ୱାଇଲ୍ଡ ଫାୟାର୍ସ' ଶୀର୍ଷକ ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଫସଲ ଜାଳିବା, ପ୍ରଚଣ୍ଡ ତାତି, ଶୁଷ୍କ ଇନ୍ଧନ ସଂଗ୍ରହ ଆଦି ଯୋଗୁ ଉତ୍ତରପ୍ରଦେଶରେ ବନାଗ୍ନି ଘଟଣା ବଢ଼ିଛି ବୋଲି ଏହି ଅଧ୍ୟୟନରେ କୁହାଯାଇଛି। ସେହିପରି ଗତବର୍ଷ ବନାଗ୍ନି ଯୋଗୁ ପଞ୍ଜାବରେ ୩୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ବ୍ରିଟେନ୍‌ର ୟୁନିଭର୍ସିଟି ଅଫ୍‌ ଇଷ୍ଟ ଆଙ୍ଗଲିଆ, ୟୁକେ ମେଟ୍‌ ଅଫିସର ଗବେଷକଙ୍କ ଦ୍ୱାରା ମିଳିତ ଭାବେ ଏହି ଅଧ୍ୟୟନ କରାଯାଇଛି।

ଅଧ୍ୟୟନ ଅନୁଯାୟୀ, ସାରା ବିଶ୍ୱରେ ହିଟ୍‌ ୱେଭ୍‌ ଏବଂ ମରୁଡ଼ି ଯୋଗୁ ବନାଗ୍ନି ଘଟଣା ଲଗାତର ବଢ଼ିବା ସହ ତୀବ୍ର ହେବାରେ ଲାଗିଛି। ଫଳରେ ନିଆଁ, ପ୍ରଦୂଷିତ ଧୂଆଁ ଆଦି ମାଧ୍ୟମରେ ଲୋକଙ୍କ ଜୀବନ ପ୍ରତି ବିପଦ ବଢ଼ୁଛି। ଏହା ଲୋକଙ୍କୁ ଆର୍ଥିକ ଭାବେ ଦୁର୍ବଳ କରିବା ସହ ☞ ପୃଷ୍ଠା-୫







A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in

**ନବୀନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,(ସୁନିତ୍ ମିଶ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଟେଲିଫୋନ ଯୋଗେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହିତ କଥା ହୋଇ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସେ ନବୀନଙ୍କ ଦୀର୍ଘ ନିରାମୟ ଜୀବନ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିବା କହିଛନ୍ତି।

# ଯୋଗଜନ୍ମା ପୁରୁଷ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ



**ନବୀନ ନନ୍ଦ**

**(୧୩୮ତମ ଜୟନ୍ତୀ ଉପଲକ୍ଷେ)**



୧୮୮୭ ମସିହା ଅକ୍ଟୋବର ୧୭ରେ ଢେଙ୍କାନାଳ ଜିଲାର ହରେକୃଷ୍ଣପୁର ଗ୍ରାମରେ ହରେକୃଷ୍ଣ ଓ ମାଣିକ ଦେବୀଙ୍କ ଗର୍ଭରେ ଜନ୍ମନେଇଥିଲେ ଭାରତ ଭୂମିର ଏକ ଯୋଗଜନ୍ମା ପୁରୁଷ ସାରଙ୍ଗଧର ଦାସ। ରେଭେନ୍ସା କଲେଜରେ ପଢ଼ିବା ସମୟରେ ସେ ଗୋପବନ୍ଧୁ ଓ ଆଚାର୍ଯ୍ୟ ହରିହର ଦାସଙ୍କ ସହିତ ଘନିଷ୍ଠ ହୋଇ ଦେଶସେବାର ଅଭିଳାଷ ଜନ୍ମାନ୍ତର କଲେ। ଆର୍ଥିକ ସଙ୍କଟ ମଧ୍ୟରେ ମଧ୍ୟ ସେ ଜାପାନକୁ ଯାଇ ଶିଳ୍ପ ଓ କୃଷି ବିଜ୍ଞାନରେ ଉଚ୍ଚଶିକ୍ଷା ଲାଭ କରିଥିଲେ, ପରେ ଆମେରିକାର ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ଚିନି ଶିଳ୍ପରେ ପାରଙ୍ଗମ ହୋଇଥିଲେ।

୧୯୨୦ ମସିହାରେ ମାତୃ ଅସୁସ୍ଥତା ଖବର ପାଇ ଭାରତ ଫେରିଲେ ଓ ନିଜ ଜନ୍ମଭୂମି ଢେଙ୍କାନାଳରେ ଏକ ଚିନି କାରଖାନା ସ୍ଥାପନର ସ୍ୱପ୍ନ ଦେଖିଲେ। ରାଜା ସୁରପ୍ରତାପ ମହିନ୍ଦ୍ର ବାହାଦୁରଙ୍କ ପ୍ରୋତ୍ସାହନରେ ବ୍ରହ୍ମକୁଣ୍ଡ ପାଖରେ ଆଖୁଚାଷ ଓ ଚିନି ଶିଳ୍ପ ପାଇଁ ଜମି ପଟ୍ଟା ମିଳିଲା। କିନ୍ତୁ ନୂଆ ରାଜା ଶଙ୍କର ପ୍ରତାପଙ୍କ ଶାସନ ଓ ବ୍ରିଟିଶ ପଲିଟିକାଲ ଏଜେଣ୍ଟଙ୍କ ଅସହଯୋଗ ଫଳରେ ତାଙ୍କର ସ୍ୱପ୍ନ ଭାସିଗଲା। ସେହି ସମୟରେ ରାଜପରିବାର ତାଙ୍କୁ ଦେଶଦ୍ରୋହୀ ବୋଲି ଦେଖି ଚିନିକଳ ଯନ୍ତ୍ର ଭାଙ୍ଗିଦେଲେ, ଘରକୁ ନିଆଁ ଲଗାଇଦେଲେ ଓ ସମସ୍ତ ସମ୍ପତ୍ତି ହାତରୁ ଚାଲିଗଲା। ସେ ପରେ ବିହାରର ଚମ୍ପାରଣରେ ଚିନି କାରଖାନାରେ କାମ କଲାବେଳେ ମହାତ୍ମା ଗାନ୍ଧୀଙ୍କ ସହ ଯୋଗ ଦେଲେ ଓ ଗଡ଼ଜାତ ଆନ୍ଦୋଳନରେ ଅଗ୍ରଣୀ ଭୂମିକା ନେଲେ। ତାଙ୍କ ନେତୃତ୍ୱରେ ଢେଙ୍କାନାଳ ପ୍ରଜାମଣ୍ଡଳ ଗଠନ ହୋଇ ଗଡ଼ଜାତ ଗାନ୍ଧୀ ନାମରେ ସେ ଖ୍ୟାତିଲାଭ କଲେ।

୧୯୪୬ ମସିହାରେ ସାରଙ୍ଗଧର ବିଧାୟକ ରୂପେ ନିର୍ବାଚିତ ହେଲେ ଏବଂ କୃଷି ଓ ଶିଳ୍ପର ଉନ୍ନତି ପାଇଁ ଆଗ୍ରହ ଦେଖାଇଲେ। ପରେ ସୋସିଆଲିଷ୍ଟ ପାର୍ଟିରେ ଯୋଗ ଦେଇ ୧୯୫୨ ମସିହାରେ ଢେଙ୍କାନାଳ ପଶ୍ଚିମ କଟକ ଲୋକ ସଭା ଅଞ୍ଚଳରୁ ସାଂସଦ ହେଲେ। ଲୋକ ସଭାରେ ଭାରତର ଚିନି ଶିଳ୍ପ ଓ କୃଷିର ଉନ୍ନତି ବିଷୟରେ ତାଙ୍କ ଭାଷଣ ଆଜି ମଧ୍ୟ ସ୍ମରଣୀୟ।


୧୯୫୭ ମସିହାରେ ସେ ମୃତ୍ୟୁବରଣ କଲେ। ମୃତ୍ୟୁ ପୂର୍ବରୁ ସାରଙ୍ଗଧର ନିଜ ସମସ୍ତ ସମ୍ପତ୍ତିକୁ 'ଜାନକୀ ଦେବୀ ନାରୀ ଓ ଶିଶୁ କଲ୍ୟାଣ ସମିତି' ଏବଂ 'ଗଙ୍ଗାଧର ଶିଶୁ କଲ୍ୟାଣ ସମିତି' ନାମକ ଦୁଇ ଟ୍ରଷ୍ଟକୁ ଦାନକରି ଯାଇଥିଲେ, ଯାହା ମାଧ୍ୟମରେ ନାରୀ ଓ ଶିଶୁ କଲ୍ୟାଣ ପାଇଁ ତାଙ୍କ ସମ୍ପତ୍ତିର ଆୟ ଖର୍ଚ୍ଚ ହେବାକୁ ଇଚ୍ଛା କରିଥିଲେ। କିନ୍ତୁ ଦୁଃଖ ଯେ ଏହି ଟ୍ରଷ୍ଟଗୁଡ଼ିକ ତାଙ୍କ ଇଚ୍ଛା ଅନୁଯାୟୀ କାର୍ଯ୍ୟକାରୀ ହୋଇପାରିନାହିଁ ଓ ତାଙ୍କ ମହାନ୍ ଉଦ୍ଦେଶ୍ୟ ଅନର୍ଥକ ହୋଇ ରହିଛି।

ତାଙ୍କ ସ୍ମୃତିରେ କେବଳ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମରେ ୨୦୨୩ ମସିହାରେ ଏକ ଡାକଟିକଟ ମୁକ୍ତି ପାଇଛି। ବର୍ତ୍ତମାନ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ପ୍ରତିବର୍ଷ ତାଙ୍କ ଜନ୍ମ ଓ ଶ୍ରାଦ୍ଧ ଦିବସକୁ ରାଜ୍ୟସ୍ତରରେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଏହା ଗଡ଼ଜାତ ଗାନ୍ଧୀଙ୍କ ପ୍ରତି ଏକ ସତ୍ୟ ସମ୍ମାନ।

ସାରଙ୍ଗଧର ଦାସ ଆମ ଗଡ଼ଜାତ ଆନ୍ଦୋଳନର ଆତ୍ମା ଏବଂ ଓଡ଼ିଶାର ଶିଳ୍ପ, କୃଷି ଜାଗରଣର ପ୍ରଥମ ସ୍ୱପ୍ନଦର୍ଶୀ। ତାଙ୍କ ଆଦର୍ଶ ଓ ତ୍ୟାଗ ଆମ ଆଗାମୀ ପିଢ଼ି ପାଇଁ ପ୍ରେରଣା ହୋଇ ରହିବ।

ପୂର୍ବତନ ବିଧାୟକ, ଢେଙ୍କାନାଳ
୮୨୪୯୪୩୪୪୦୬

**ବାରମ୍ବାର ନିୟମ ଭାଙ୍ଗିଲେ ରଦ୍ଦହେବ ରେଜିଷ୍ଟ୍ରେଶନ**




# ୨୫୮ ଗାଡ଼ିର ରେଜିଷ୍ଟ୍ରେଶନ ରଦ୍ଦହେବ

**ବାରମ୍ବାର ଟ୍ରାଫିକ୍ ନିୟମ ଉଲ୍ଲଂଘନ**

ଏସ୍‌ଟିଏକୁ ଚିଠି ଲେଖିଲା କମିଶନରେଟ୍ ପୋଲିସ

ଭୁବନେଶ୍ୱର,୧୬।୧୦ (ସତ୍ୟଜିତ ରାଉତ)


ବାରମ୍ବାର ଟ୍ରାଫିକ୍ ନିୟମ ଉଲ୍ଲଂଘନ ଏବଂ ଜରିମାନା ନ ଭରିବାରୁ ୨୫୮ଟି ଗାଡ଼ିର ରେଜିଷ୍ଟ୍ରେଶନ ରଦ୍ଦ କରାଯିବ। ଏନେଇ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ପକ୍ଷରୁ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ)କୁ ଚିଠି ଲେଖାଯାଇଛି। ଏହି ଅମାନିଆ ମାଲିକମାନଙ୍କ ଗାଡ଼ିର ରେଜିଷ୍ଟ୍ରେଶନ ସାର୍ଟିଫିକେଟ୍ ଓ ଫିଟ୍‌ନେସ୍ ସାର୍ଟିଫିକେଟ୍ ରଦ୍ଦ କରିବାକୁ ଅନୁରୋଧ କରାଯାଇଛି। ତେବେ ଏ ସମ୍ପର୍କରେ ଏସ୍‌ଟିଏ ପକ୍ଷରୁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏସବୁ ଗାଡ଼ି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସବୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ)କୁ ଏସ୍‌ଟିଏ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବାରମ୍ବାର ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ଗାଡ଼ିଗୁଡ଼ିକୁ କଳା ତାଲିକାଭୁକ୍ତ କରିବା ସହ ରେଜିଷ୍ଟ୍ରେଶନ ଓ ଫିଟ୍‌ନେସ୍ ସାର୍ଟିଫିକେଟ୍ ରଦ୍ଦ କରିବାକୁ କୁହାଯାଇଛି। ତେବେ ସଡ଼କ ସୁରକ୍ଷା ନିୟମ ମାନିବାକୁ କମିଶନରେଟ୍ ପୋଲିସ ପକ୍ଷରୁ ନିବେଦନ କରାଯିବା ସହ ଅଭ୍ୟାସଗତ ଅମାନିଆ ଗାଡ଼ିଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ପୁରୀ, ଦିଲ୍ଲୀ ମଧ୍ୟରେ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା):** ଚଳିତ ପାର୍ବଣ ଋତୁରେ ଅତିରିକ୍ତ ଭିଡ଼ ଦୂରକରିବା ପାଇଁ ଭାରତୀୟ ରେଳପଥ ପୁରୀ ଏବଂ ନୂଆଦିଲ୍ଲୀ ମଧ୍ୟରେ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍ ପରିଚାଳନା କରିବ। ୦୪୪୦୮ ଆନନ୍ଦ ବିହାର ପୁରୀ ପାର୍ବଣ ସ୍ୱତନ୍ତ୍ର ଏକ୍ସପ୍ରେସ୍ ୧୮ ତାରିଖ ରାତି ୧୧ଟାରେ ନୂଆଦିଲ୍ଲୀ ଆନନ୍ଦ ବିହାର ଟର୍ମିନାଲରୁ ଛାଡ଼ିବ। ୦୪୪୦୭ ପୁରୀ ଆନନ୍ଦ ବିହାର ପାର୍ବଣ ସ୍ୱତନ୍ତ୍ର ଏକ୍ସପ୍ରେସ୍ ୨୦ ତାରିଖ ଅପରାହ୍ନ ୪ଟାରେ ପୁରୀରୁ ଛାଡ଼ିବ। ଏହା ଖୋର୍ଦ୍ଧାରୋଡ୍, ଭୁବନେଶ୍ୱର, କଟକ, ଭଦ୍ରକ, ବାଲେଶ୍ୱର, ଟାଟାନାଗର, ବୋକାରୋ ଷ୍ଟିଲ୍ ସିଟି, ହଜାରିବାଗ ରୋଡ୍, ଗୟା, ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ଜଙ୍କ୍‌ଶନ, ମିର୍ଜାପୁର ଏବଂ ଗାଜିଆବାଦରେ ଏହି ସ୍ୱତନ୍ତ୍ର ଟ୍ରେନ୍ ରହଣି କରିବ। ଏଥିରେ ୧୫ଟି ସାଧାରଣ ଓ ସ୍ଲିପର କୋଚ, ଗୋଟିଏ ଲଗେଜ କମ୍ ବ୍ରେକ୍ ଭ୍ୟାନ୍ ଏବଂ ଗୋଟିଏ ଦିବ୍ୟାଙ୍ଗଜନ କୋଚ୍ ରହିବ। ଅନ୍ୟପଟେ ୦୮୪୭୫ ପୁରୀ- ହଜରତ ନିଜାମୁଦ୍ଦିନ ସ୍ପେଶାଲ ଏକ୍ସପ୍ରେସ୍ ୧୯ ତାରିଖ ସକାଳ ୪ଟା ୫୦ରେ ପୁରୀରୁ ଯାତ୍ରା ଆରମ୍ଭ କରିବ। ଖୋର୍ଦ୍ଧାରୋଡ୍, ଭୁବନେଶ୍ୱର, ଢେଙ୍କାନାଳ, ସମ୍ବଲପୁର ସିଟି, ଝାରସୁଗୁଡ଼ା ରୋଡ୍, ବିଳାସପୁର, ଝାନ୍ସୀ ଏବଂ ଆଗ୍ରା କ୍ୟାଣ୍ଟଠାରେ ରହଣି କରିବ।








As homes light up with diyas, light up your celebrations with the happiness of driving a Kia. With GST and additional festive benefits, this is your moment to start a journey filled with comfort, tech, and style. Visit your nearest Kia dealership today.

| Model | Old Ex-showroom | New Ex-showroom | GST Reduction | Additional festive benefits up to | Total benefits |
|---|---|---|---|---|---|
| Sonet | ₹7 99 900 | ₹7 30 138 | ₹69 762 | ₹1 15 000 | ₹1 84 762 |
| Syros | ₹9 49 900 | ₹8 67 053 | ₹82 847 | ₹1 58 000 | ₹2 40 847 |
| Seltos | ₹11 18 900 | ₹10 79 276 | ₹39 624 | ₹1 60 000 | ₹1 99 624 |
| Carens | ₹10 86 412 | ₹10 47 454 | ₹38 958 | ₹88 000 | ₹1 26 958 |
| Carens Clavis | ₹11 59 412 | ₹11 17 835 | ₹41 577 | ₹1 23 000 | ₹1 64 577 |

*Benefits available on other Kia cars as per applicability.

For more information, visit our dealership or contact: 1800 108 5000 | 093195 91407 | www.kia.com | Book Kia | kiacare@kiaindia.net | Look for "Kia India" @

*Terms & condition apply. Ex-showroom price mentioned is for the base variant (PAN India). Benefits shown are the combination of exchange, loyalty, corporate, scrappage and special benefits, which are applicable on select models and variants, may vary from model to model and region to region. The product shown is for representation purposes only. Actual features, colors, and specifications may not be part or standard fitment and may vary. Kia India Pvt. Ltd. reserves the right to make any changes with respect to the trims, colors, specifications, and other details of any model as mentioned or to modify/ discontinue any offer/ scheme/ service without prior notice. Kia urges you to follow traffic rules, these are meant to keep you safe on the roads. Visit your nearest Kia dealership for more details.

**Central Kia:** NH- 16, Mandiapalli, Berhampur, Tel: 9124563157

ଯେ ଅନ୍ୟଠାରୁ ପ୍ରେମ ପାଏ ଓ ତାକୁ ଭୋଗ କରେ– ସେହି ପ୍ରେମ ଦ୍ୱାରା ସେ ନିଜକୁ ଉଜ୍ଜ୍ୱଳ କରିପାରେନା କି ପରିପୂର୍ଣ୍ଣ କରିପାରେନା। କିନ୍ତୁ ଯେ ଅନ୍ୟକୁ ପ୍ରେମ ଦିଏ– ତା'ର ସେହି ପ୍ରେମ ହିଁ ତାକୁ ଉଜ୍ଜ୍ୱଳ ଓ ପରିପୂର୍ଣ୍ଣ କରିଦିଏ। –ଶ୍ରୀମା

-ତୁଳା (ଗର୍ଭଣା) ସଂକ୍ରାନ୍ତି, ଉମା ଏକାଦଶୀ ଗୋବତ୍ସ ଦ୍ୱାଦଶୀ ଓ ହଳ ନିଷେଧ



# ଅର୍ଥନୀତି ଓ ଅସମାନତା



କୌଶିକ ବସୁ

ଏବେ ଅତ୍ୟନ୍ତ ଭୟାନକ ଓ କଷ୍ଟଦାୟକ ସମୟରେ ଅସମାନତା ବୃଦ୍ଧି ପାଉଛି। ଏହା ଭିତରେ ଅନେକ ଦେଶର ରାଜନେତାମାନେ ଗରିବଙ୍କୁ ଲାଭ ଦେଉଥିବା କାର୍ଯ୍ୟକ୍ରମ ଓ ସେବାକୁ ସୀମିତ କରୁଛନ୍ତି। ଏହା ବ୍ୟତୀତ ପ୍ରବାସୀ ଓ ଶରଣାର୍ଥୀଙ୍କ ବିରୋଧରେ କ୍ରୋଧ ଓ ଭୟର ବାତାବରଣ ସୃଷ୍ଟି କରୁଛନ୍ତି। ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା, ସମୃଦ୍ଧି ପାଇଁ ପ୍ରୋତ୍ସାହନ ଏବଂ ନାଗରିକଙ୍କ ସୁରକ୍ଷା କ୍ଷେତ୍ରରେ ସେମାନଙ୍କ ଉଦ୍ଦେଶ୍ୟ ବାହାରକୁ ମହାନ୍ ଜଣାପଡୁଥିଲେ ମଧ୍ୟ ଏହା ବହୁ ସମୟରେ ସେମାନଙ୍କୁ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କୁ ଧନୀ କରିବାର ଏକ ଛଦ୍ମ ନୀତିଗତ କାର୍ଯ୍ୟକ୍ରମ ଭଳି ପ୍ରତୀୟମାନ ହେଉଛି। ରାଜନୀତି ପ୍ରକ୍ରିୟାରେ ଏଭଳି ଅଧୋଗତି ପଛରେ ଥିବା ଅନେକ କାରଣ ମଧ୍ୟରୁ ସବୁଠୁ ପ୍ରମୁଖଟି ହେଉଛି ଅର୍ଥନୀତି କାର୍ଯ୍ୟକାରିତାର ଅଧୋଗତି। ଅନେକ ସମୟରେ ଅର୍ଥନୀତିକୁ ବୈଜ୍ଞାନିକ ଅଧ୍ୟୟନର ବିଷୟ ଭାବେ ବର୍ଣ୍ଣନା କରାଯାଏ, ଯାହା ନୈତିକତା ଓ ମୂଲ୍ୟବୋଧ ବିନା 'ଇଫ୍–ଦେନ୍' ବା ପରିକଳ୍ପନା ଓ ସିଦ୍ଧାନ୍ତର ବିଚାରକୁ ଅନୁଧ୍ୟାନ କରିଥାଏ। କିନ୍ତୁ ବୈଜ୍ଞାନିକ ସିଦ୍ଧାନ୍ତଗୁଡ଼ିକ ଆମ ମୂଲ୍ୟବୋଧ ଓ ବୈଚାରିକ ବ୍ୟାଖ୍ୟାନକୁ ପ୍ରଭାବିତକରେ। ବୈଜ୍ଞାନିକ ବିଚାର କିମ୍ବା ଭାବନାର ଯୁକ୍ତିଗୁଡ଼ିକ କାର୍ଯ୍ୟକୁ ତର୍କସଙ୍ଗତ କରିବା ସକାଶେ ବ୍ୟବହାର କରାଯାଇପାରେ, ଯାହା ଆମ ନୈତିକ ସମ୍ବେଦନଶୀଳତାରେ ବାଧା ଉପୁଜାଏ। ବାସ୍ତବରେ, ମୁଖ୍ୟଧାରାର ଅର୍ଥନୀତିର ଦର୍ଶନ ହେଉଛି ବିଶେଷକରି ଲମ୍ବା ସମୟ ଧରି ପ୍ରଚଳିତ ନବ ଉଦାରବାଦୀ ବିଚାରଧାରା, ଯାହା ଅଭିବୃଦ୍ଧି, ଦକ୍ଷତା ଏବଂ ବଜାର ସ୍ୱାଧୀନତାକୁ ଗୁରୁତ୍ୱ ଦେଇଥାଏ। ଏହା ବହୁ ସମୟରେ ଲୋଭ, ଶୋଷଣ ଏବଂ ଅତ୍ୟଧିକ ଅସମାନତା ବୃଦ୍ଧି କରିଥାଏ।

ଅର୍ଥନୀତି ବ୍ୟବସ୍ଥାରେ ଅସମାନତା ସୃଷ୍ଟି ହୋଇପାରେ। ନୋବେଲ ବିଜେତା ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ୍‌ଙ୍କ 'କାପାବିଲିଟି ଆପ୍ରୋଚ୍' ବା 'ସାମର୍ଥ୍ୟ ଦୃଷ୍ଟିକୋଣ'କୁ ଆଧାରକରି ୨୦୧୨ରେ କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି, କେତେକ ଶୈକ୍ଷିକ ଦୃଷ୍ଟିକୋଣ ଲୋକଙ୍କୁ ଅଧିକ ଯତ୍ନଶୀଳ ଓ ସହଯୋଗୀ କରିବାରେ ସାହାଯ୍ୟ କରିପାରେ। କିନ୍ତୁ ଅନ୍ୟସବୁ ଗବେଷଣା ସୂଚିତ କରିଛି ଯେ ଅନ୍ୟମାନଙ୍କ ତୁଳନାରେ ଅର୍ଥନୀତି ବିଦ୍ୱାନମାନେ ଅଧିକ ସ୍ୱାର୍ଥପର ବ୍ୟବହାର ପ୍ରଦର୍ଶନ କରିଥାନ୍ତି। ଏଥିରୁ ବୁଝାପଡୁଛି, ପଢ଼ାଯାଉଥିବା ଅର୍ଥନୀତି ଏକ ସାଧାରଣ କିମ୍ବା ଏପରିକି ଆକାଂକ୍ଷୀ ନୈତିକ ସିଦ୍ଧାନ୍ତ ଭାବେ ସ୍ୱାର୍ଥପରତାକୁ ପ୍ରୋତ୍ସାହିତ କରିଥାଏ। ସମସ୍ୟା ହେଉଛି, ଅନ୍ୟ ଜଣେ ନୋବେଲ ବିଜେତା ଅର୍ଥନୀତିଜ୍ଞ ସ୍ୱର୍ଗତ କେନେଥ୍ ଆରୋ ୧୯୭୮ର ଏକ ଗବେଷଣାତ୍ମକ ରିପୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, ଜଟିଳ ବିଶ୍ୱରେ ନେଓକ୍ଲାସିକାଲ ଅର୍ଥନୀତିର କଳ୍ପନା ୧୦ ମିନିଟ୍ ପାଇଁ ବି ତିଷ୍ଠି ରହିବ ନାହିଁ। ଅର୍ଥନୈତିକ କାର୍ଯ୍ୟକଳାପ,ପ୍ରତିଯୋଗୀ ଫାର୍ମ ଓ ବ୍ୟକ୍ତିଙ୍କ ବିନା ବଜାର ଚାଲିପାରିବ ନାହିଁ। ଅନ୍ୟ ଅର୍ଥରେ ସେମାନେ ବିଶ୍ୱାସ ଓ ସହଯୋଗ ଉପରେ ନିର୍ଭରକରନ୍ତି। ସ୍ୱାଧୀନତା ଓ ସମାନତାକୁ ବିପରୀତ ଭାବେ ଦେଖିବାରେ ମୁଖ୍ୟଧାରାର ଅର୍ଥନୀତିର ପ୍ରବୃତ୍ତିକୁ ଆରୋ ମଧ୍ୟ ବିରୋଧ କରିଥିଲେ। ନବ ଉଦାରବାଦୀ ସିଦ୍ଧାନ୍ତ ହେଉଛି, କିଛି ମାତ୍ରାର ଅସମାନତା ନିଶ୍ଚିତ ଭାବେ ରହିବ, କିନ୍ତୁ ଏହାକୁ ହ୍ରାସ କରିବାରେ କୌଣସି ପଦକ୍ଷେପ ସ୍ୱାଧୀନତାର ଅବକ୍ଷୟ ଘଟାଇବ। ଭବିଷ୍ୟତର ପରିଣାମ ବର୍ତ୍ତମାନର କାର୍ଯ୍ୟ ଦ୍ୱାରା ପ୍ରଭାବିତ ହୋଇଥାଏ। ଯଦି ତୁମେ ଅତି ଧନୀ , ତେବେ ତୁମେ ଏହାକୁ ନିଶ୍ଚିତ ଭାବେ କଠିନ ପରିଶ୍ରମ କିମ୍ବା ନୂତନ ଚିନ୍ତାଧାରା ବଳରେ ଉପାର୍ଜନ କରିଥିବ ଏବଂ ତୁମେ ନିଶ୍ଚିତ ଭାବେ ସ୍ୱାଧୀନ ଭାବେ ତୁମ ଯୋଗଦାନର ଲାଭକୁ ଉପଭୋଗ କରିବ।



କିନ୍ତୁ ଆରୋ ସୂଚିତ କରିଛନ୍ତି, ଯେତେବେଳେ କେତେଜଣ ବ୍ୟକ୍ତି ମଣିଷ ଜାତିର କଲ୍ୟାଣ ସମ୍ପର୍କିତ ପ୍ରମୁଖ ନିଷ୍ପତ୍ତିଗୁଡ଼ିକ ନେଉଛନ୍ତି ସେତେବେଳେ ସେମାନେ ନିଜ ସ୍ୱାର୍ଥକୁ ଲକ୍ଷ୍ୟକରି ଏହା କରୁଛନ୍ତି। ସମାନତାକୁ ଅଣଦେଖା କରୁଥିବା କାର୍ଯ୍ୟଗୁଡ଼ିକ ଯଥା ଆନ୍ଦୋଳନରେ ବାଧାଦେବା ଏବଂ ଅଧିକ ସୂକ୍ଷ୍ମ ଆକାରରେ ଅର୍ଥନୈତିକ ଚାପ ଇତ୍ୟାଦି ଶ୍ରମିକଙ୍କ ସ୍ୱାଧୀନତାକୁ ଅତ୍ୟଧିକ ସୀମିତ କରିଦେଉଛି। ନିଜକୁ ଶ୍ରେଷ୍ଠ ମଣୁଥିବା ଅଳ୍ପ କେତେଜଣ ବ୍ୟକ୍ତି ଅର୍ଥ ବ୍ୟବସ୍ଥାକୁ ଆୟତ୍ତରେ ରଖିବା ସୂଚିତକରେ ଯେ, ଔପଚାରିକ ଗଣତନ୍ତ୍ର ଓ ସ୍ୱାଧୀନତା ହେଉଛି ଏକ ବାହାନା। ଶେଷରେ ଆରୋ ଉଲ୍ଲେଖ କରିଥିଲେ, ସଂସ୍ଥାଗୁଡ଼ିକ ସାମଗ୍ରିକ ଭାବେ ସୃଷ୍ଟିକରୁଥିବା ଅସମାନତା ମାନବ ପାଇଁ ଉଦ୍ଦିଷ୍ଟ ମର୍ଯ୍ୟାଦା ପ୍ରତି ଅପମାନ।

ଦାର୍ଶନିକ ଇସାଏହ ବର୍ଲିନ୍ ସଂକ୍ଷେପରେ କହିଛନ୍ତି , ଗଧିଆକୁ ସ୍ୱାଧୀନତା ଦେବା ବହୁ ସମୟରେ ମେଣ୍ଢାର ମୃତ୍ୟୁର କାରଣ ହୁଏ। ରାଜନେତାଙ୍କୁ ଆକର୍ଷିତକରିବା ଏବଂ ସେମାନଙ୍କ ପସନ୍ଦକୁ ପ୍ରଭାବିତ କରିବା ପାଇଁ 'ହେଟା'ଙ୍କ ପାଖରେ ଅଧିକ ସମ୍ବଳ ଥିବା ଏବଂ ସାର୍ବଜନୀନ ମତକୁ ପ୍ରଭାବିତ କରିବା ନିମନ୍ତେ ବ୍ୟାପକ ଡିଜିଟାଲ ସାଧନ ରହିଥିବାରୁ ଏହି ଚେତାବନୀ ବିଶେଷକରି ଏବକାର ସମୟ ପାଇଁ ପ୍ରଯୁଜ୍ୟ ଏବଂ ଭବିଷ୍ୟତ ପାଇଁ ଚିନ୍ତାକରିବା ଦରକାର। ଅନ୍ୟ ଜଣେ ନୋବେଲ ବିଜେତା ଜୋଶେଫ.ଇ. ଷ୍ଟିଗ୍ଲାଇଜ 'ଜଣେ ବ୍ୟକ୍ତି, ଗୋଟିଏ ଭୋଟ'ର ସିଦ୍ଧାନ୍ତ 'ଗୋଟିଏ ଡଲାର, ଗୋଟିଏ ଭୋଟ'କୁ ପଥ ଦେଖାଇଛି ବୋଲି ଉଲ୍ଲେଖ କରିଥିଲେ। କିନ୍ତୁ ନିଜସ୍ୱ ଆର୍ଥିକ ସ୍ୱାର୍ଥ ଉପରେ ଅତ୍ୟଧିକ ଧ୍ୟାନଦେବାରେ ସମସ୍ୟା ରହିଛି। ଉଗ୍ର ଜାତୀୟତାବାଦ ମଧ୍ୟ ଅସମାନତା ବୃଦ୍ଧି କରିଥାଏ। ଗୋଟିଏ ସମୟରେ ଆର୍ଥିକ ପରିଚାଳନା ପାଇଁ ଯେତେବେଳେ ସ୍ୱାଧୀନ ତଥା ସାର୍ବଭୌମ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଥିଲା ସେତେବେଳେ ପ୍ରଗତିକୁ ସହଯୋଗ କରିବା ସକାଶେ ଜାତୀୟ ଗୌରବର ଏକ ଭୂମିକା ରହିଥିଲା। କିନ୍ତୁ ଏବେ ଆମର ଜଗତୀକରଣ ବିଶ୍ୱରେ ଦେଶ–ଦେଶ ମଧ୍ୟରେ ଯେଭଳି ଲୋକ, ସାମଗ୍ରୀ ଓ ପୁଞ୍ଜିର ପ୍ରବାହ ଘଟୁଛି ତାହା ସମୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଅପରିହାର୍ଯ୍ୟ ମଧ୍ୟ, ହେଲେ କେତେଜଣ ଧନିକଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ଏହି ସମୟରେ ଅତି ଧନୀ ବିଶେଷ ଏବଂ ରାଜନୈତିକ କ୍ଷମତାଶାଳୀ ବ୍ୟକ୍ତି ସେମାନଙ୍କ ସ୍ୱାର୍ଥକୁ ଆଗକୁ ବଢ଼ାଇବା ଲାଗି ଜାତୀୟତାବାଦକୁ ଉସୁକାଉଛନ୍ତି।

ଏହା ମଧ୍ୟ ଦୀର୍ଘଦିନ ଧରି ପରୀକ୍ଷିତ ଯେ, ଜାତୀୟ ସୁରକ୍ଷା ପାଇଁ ଯୁଦ୍ଧରେ ଲଢୁଥିବା ଲୋକମାନେ ଧନ କିମ୍ବା କ୍ଷମତାର ଅସମାନତା ବିରୋଧରେ ସଙ୍ଗଠିତ ହେବେ ନାହିଁ ଏବଂ ଏଭଳି ସ୍ଥିତିରେ ଅସମାନତା ବୃଦ୍ଧି ପାଇପାରେ। ଜାତୀୟ ଗୌରବ ହେଉଛି ଅତୀତର ଏକ ସୁରକ୍ଷିତ ପରମ୍ପରା। ପାରସ୍ପରିକ ଲାଭଦାୟକ ବାଣିଜ୍ୟ ବ୍ୟବସ୍ଥାରୁ ଆରମ୍ଭକରି ସମ୍ମିଳିତ ଜଳବାୟୁ ପଦକ୍ଷେପ ପର୍ଯ୍ୟନ୍ତ ସାମୂହିକ ଲକ୍ଷ୍ୟ ହାସଲ ଦିଗରେ ବୈଶ୍ୱିକ ସହଯୋଗ ଲୋଡ଼ା ଏବଂ ଏଥିପାଇଁ ଏହା ହେଉଛି ଉପଯୁକ୍ତ ସମୟ। କିନ୍ତୁ ତାହା ହାସଲକରିବା ଏତେ ସହଜ ନୁହେଁ। ମାର୍କେଟକୁ ଚଳାଇବା ଭଳି ସମସ୍ତେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ମୁକାବିଲା କରିବା ପାଇଁ ଆବଶ୍ୟକ ହେଉଥିବା ଅନ୍ତର୍ଜାତୀୟ ପଦକ୍ଷେପ କେବଳ ବିଶ୍ୱାସ ଓ ସହଯୋଗ ଉପରେ ନିର୍ଭରକରେ।

ଆହ୍ୱାନର ମୁକାବିଲା ଓ ସେଥିରୁ ଲାଭ ପାଇବା ସମ୍ପର୍କରେ ଫ୍ରାନ୍ସର ଦାର୍ଶନିକ ଜିନ୍ –ଜାକ୍ୟୁ ରୌସେୟୁଙ୍କ ଷ୍ଟାଗ୍‌ହଣ୍ଟ ଗେମ୍ ସିଦ୍ଧାନ୍ତ ଦର୍ଶାଇଛି। ଯଦି ୨ ଶିକାରୀ ପୃଥକ୍ ଭାବେ ଗୋଟିଏ ଲେଖା ଠେକୁଆ ଶିକାର କରନ୍ତି ତେବେ ସେମାନେ ଅଳ୍ପ ଲାଭ ପାଇବା ନିଶ୍ଚିତ। କିନ୍ତୁ ସେମାନେ ଯଦି ମିଳିତ ଭାବେ ଶିକାର କରନ୍ତି ତେବେ ଅଧିକ ଲାଭ ପାଇବେ। କେବଳ ସେମାନଙ୍କ ତରଫରୁ ପାରସ୍ପରିକ ସହଯୋଗ କିମ୍ବା ଭାଗୀଦାରି ରହିଲେ ଏହା ସମ୍ଭବ ହେବ, ଅନ୍ୟଥା ଶେଷରେ ସେମାନେ କିଛି ପାଇବେ ନାହିଁ। ସେହିଭଳି ସହଯୋଗ, ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍‌ଓ) ଏବଂ ଅନ୍ତର୍ଜାତୀୟ ନ୍ୟାୟାଳୟ( ଆଇସିଜେ) ଭଳି ଅନ୍ତଃରାଷ୍ଟ୍ରୀୟ ସଂସ୍ଥାଗୁଡ଼ିକ ଉପରେ ଦୃଢ଼ ବିଶ୍ୱାସ ରହିବା ଦରକାର। ଏହା ହେଲେ ଦେଶଗୁଡ଼ିକ ପୂର୍ବାପେକ୍ଷା ନିଜେ ଯାହା ହାସଲ କରିଥିଲେ ତାହା ତୁଳନାରେ ଅଧିକ ପାଇପରିବେ। ଏହି ସଂସ୍ଥାଗୁଡ଼ିକୁ ଦୃଢ଼କରାଯିବା ଦରକାର। ଏହା ସହ ଅନ୍ୟ ସହଯୋଗୀ ସଂସ୍ଥାଗୁଡ଼ିକ ଆମ ନୈତିକ ସୁଯୋଗଗୁଡ଼ିକୁ ପୁନଃ ସଞ୍ଚଳନ କରିବାରେ ମଧ୍ୟ ସାହାଯ୍ୟ କରିପାରିବେ। ନିଜସ୍ୱ ସ୍ୱାର୍ଥକୁ ଯୁକ୍ତିଯୁକ୍ତ ମନେକରି ତା'ଉପରେ ବିଶେଷ ଧ୍ୟାନଦେବା କିମ୍ବା ଆମ ପାଇଁ ଥିବା ସୁଯୋଗଗୁଡ଼ିକୁ ସଙ୍କୁଚିତ କରିବା ପରିବର୍ତ୍ତେ ଆମେ ଜାତୀୟତା ବଦଳରେ ମାନବତାର ଅଧିକ ମୂଲ୍ୟାୟନ କରିବା ଦରକାର।

**ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ ତଥା ଭାରତ ସରକାରଙ୍କ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା**

# ଆଶୀର୍ବାଦର ଛାଇ



ରାକେଶ ପଣ୍ଡା

ସମାଜରେ ଲୋକମାନେ ଯେତେବେଳେ ଜାଣିବାକୁ ପାଆନ୍ତି ଯେ ଝିଅ ବଦଳରେ ପୁଅଟିଏ ଜନ୍ମ ହୋଇଛି, ସେହି ମୁହୂର୍ତ୍ତରେ ସେମାନଙ୍କ ମନ ଆନନ୍ଦର ସବୁ ସୀମାକୁ ଲଙ୍ଘିଯାଇଥାଏ। ପରବର୍ତ୍ତୀ ସମୟରେ, ହାତଧରି ଚାଲି ଶିଖାଇବାଠାରୁ ଆରମ୍ଭ କରି କାନ୍ଧରେ ବସେଇ ଯାନିଯାତ୍ରା ବୁଲାଇବା ପର୍ଯ୍ୟନ୍ତ ଏଥିରେ ଜଡ଼ିତ ଥିବା ପ୍ରତିଟି ମୁହୂର୍ତ୍ତ, କ୍ଷଣ ଓ କଷ୍ଟକୁ ସେମାନେ ତାଙ୍କ ପିଲା ପାଇଁ ସମର୍ପିତ କରିଥାନ୍ତି। ପିଲାଟିର ଲାଳନ, ପାଳନ, ତା'ର ଆଗାମୀ ଦିନର ଭବିଷ୍ୟତକୁ ନିରାପଦ କରିବା ଲାଗି ଯତ୍ନବାନ ହୋଇଥାନ୍ତି। କିନ୍ତୁ ଆଜିର ସମୟରେ ବିଭିନ୍ନ ଗଣମାଧ୍ୟମରେ ମାତାପିତାଙ୍କୁ ସନ୍ତାନଟିଏ ନିଷ୍ଠୁର ଭାବରେ ହତ୍ୟା କରିବା ତଥା ସେମାନଙ୍କୁ ମାରପିଟ କରିବାର ଅନେକ ଘଟଣା ପ୍ରକାଶ ପାଉଛି। କେଉଁ ଘଟଣାରେ ନିଶାସକ୍ତ ପୁଅ ମାତାପିତାଙ୍କଠାରୁ ଅର୍ଥ ନ'ପାଇ ସେମାନଙ୍କୁ ଆଘାତ କରୁଛି ତ ପୁଣି କେଉଁଠି ଅର୍ଥଲୋଭୀ ସନ୍ତାନ ସେମାନଙ୍କଠାରୁ ଟଙ୍କା ଓ ସମ୍ପତ୍ତି ଆଶାରଖି ନ ପାଇ ସେମାନଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଉଛି। ଏତଦ୍‌ବ୍ୟତୀତ ବିଦେଶରେ ରହୁଥିବା ସନ୍ତାନଙ୍କ ପାଖରେ ମା'ବାପାଙ୍କ ଦେହ କଥା ବୁଝିବାକୁ ସମୟ ନାହିଁ। ନିଜ ପାଖରେ ରଖି ସେମାନଙ୍କ ସେବା, ଶୁଶ୍ରୂଷା କରିବା ଓ ଦୈନନ୍ଦିନ କଥା ବୁଝିବା ତ ଦୂରର ବିଷୟ, ଗୋଟିଏ ଦୁଇଟି ବର୍ଷର ବ୍ୟବଧାନରେ ସେମାନେ ଗୃହକୁ ଆସିବାକୁ ଚାହିଁ ନ ଥାନ୍ତି। ଏହା ପଛରେ ଏକ ବାହାନା ରହିଥାଏ। ତାହା ହେଉଛି ବ୍ୟସ୍ତବହୁଳ। କିନ୍ତୁ ଛୋଟ ପ୍ରଶ୍ନବାଚୀ ସୃଷ୍ଟି ହୁଏ। ତାହା ହେଉଛି, ମାତାପିତାଙ୍କ ଭଲ ମନ୍ଦ ଖବର ବୁଝିବା ଏବଂ ପରିଣତ ବୟସରେ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତାକୁ ପୂରଣ କରିବା ଦାୟିତ୍ୱ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ନୁହେଁ କି ? ଦୁଃଖର ବିଷୟ, ମାତାପିତାଙ୍କ ପ୍ରତି ଥିବା ସେସବୁ ଦାୟିତ୍ୱ ଓ କର୍ତ୍ତବ୍ୟକୁ ସେ ଜାଣି ଜାଣି ଉପେକ୍ଷା କରେ। ତା'ର ମାନସିକତାରେ ପରିବାର ଓ ଦାୟିତ୍ୱ ନିର୍ବାହର ସୀମା କେବଳ ସ୍ତ୍ରୀ ଓ ପିଲାଙ୍କ ମଧ୍ୟରେ ସୀମିତ ରହିଯାଏ, ବାପା ମା' ସଦସ୍ୟ ହୋଇ ନ'ଥାନ୍ତି। ଏକ ଅସହାୟ ଓ ଯନ୍ତ୍ରଣାଦାୟକ ଜୀବନର ପରିସମାପ୍ତି ପରେ ଯେତେବେଳେ ମାତାପିତା ଇହଧାମ ତ୍ୟାଗ କରନ୍ତି, ସେତେବେଳେ ସନ୍ତାନଟିଏ ତା'ର ପୈତୃକ ବାସଗୃହ ତଥା ଗ୍ରାମକୁ ଆସିଥାଏ ୧୨ ଦିନ ପାଇଁ ଶୁଦ୍ଧିକ୍ରିୟା ଲାଗି। ଏତଦ୍‌ବ୍ୟତୀତ, ସେମାନେ ଜୀବିତ ଓ ସୁସ୍ଥ ଥିବା ଅବସ୍ଥାରେ ଯେଉଁ ସନ୍ତାନ ସେମାନଙ୍କ ମୁହଁରେ ଭଲ ମନ୍ଦ ଟିକିଏ ଦେଇ ନ ଥାଏ, ସେମାନଙ୍କ ସେବା ଶୁଶ୍ରୂଷା କରି ନ ଥାଏ ଏବଂ ଟଙ୍କାଟିଏ ବ୍ୟୟ କରି ନ ଥାଏ, ସେ ଉକ୍ତ ଶୁଦ୍ଧିକ୍ରିୟା ସମୟରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଭୋଜି ଦେଇଥାଏ ଏବଂ ଲୋକଙ୍କର ସାମାନ୍ୟ ପ୍ରଶଂସାରେ ଗର୍ବ ଅନୁଭବ କରିଥାଏ। ଉକ୍ତ ୧୨ ଦିନରେ ବ୍ୟୟ ହୋଇଥିବା ତା'ର ସମୟ, ଟଙ୍କା ଏବଂ ଦ୍ରବ୍ୟକୁ ଯଦି ସେ ମାତାପିତା ବଞ୍ଚିଥିବା ସମୟରେ ଦେଇଥାନ୍ତା, ତେବେ ସେମାନଙ୍କ ଜୀବନ କିଛି ମାତ୍ରାରେ ସାର୍ଥକ ହୋଇଥାନ୍ତା!

ଅଧିକାଂଶ ସନ୍ତାନ ନିଜର ମାତାପିତାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ଦେଉଛନ୍ତି। ଅପରପକ୍ଷରେ, ଭାରତୀୟ ସଭ୍ୟତା, ସଂସ୍କୃତି ଓ ଧର୍ମଗ୍ରନ୍ଥଗୁଡିକ ମାତାପିତାଙ୍କୁ ସନ୍ତାନଙ୍କ ଚଳନ୍ତି ଠାକୁର ତଥା ଜୀବନ୍ତ ଦେବତା ଭାବରେ ଅଭିହିତ କରିଥାନ୍ତି। ବୃଦ୍ଧ ମାତାପିତା ସେମାନଙ୍କର ପ୍ରତିଟି ସନ୍ତାନଙ୍କ ପାଇଁ ହେଉଛନ୍ତି ବିଶାଳ ବୃକ୍ଷ ସଦୃଶ। ଯଦିଓ ବୟସର ଅପରାହ୍ନରେ ପହଞ୍ଚି ସେମାନେ ଶାରୀରିକ ଓ ଆର୍ଥିକ ସାହାଯ୍ୟ, ସହଯୋଗ କରିବାକୁ ଅକ୍ଷମ, ତଥାପି ନିଃସ୍ୱାର୍ଥ ଭଲପାଇବା ଓ ଆଶୀର୍ବାଦ ରୂପକ ଛାୟାରୁ ତାଙ୍କର ସନ୍ତାନକୁ କେହି ବଞ୍ଚିତ କରି ପାରିବେ ନାହିଁ। ଗୃହରେ ସେମାନଙ୍କ ଉପସ୍ଥିତି ହିଁ ଯଥେଷ୍ଟ। ଯାହା ମାନସିକ ସ୍ତରରେ ପ୍ରତିଟି ସନ୍ତାନର ମନୋବଳ ବଢ଼ାଇବା ସହ ସାହସ ଦେଇଥାଏ। ମନ ଦୃଢ଼ ହୋଇ ସ୍ୱତଃ କହି ଉଠିବ, ମୋ ସହ ବାପା ଅଛନ୍ତି, ମୋ ନିକଟରେ ମା' ଅଛି। ଜଣେ ବ୍ୟକ୍ତିର ସମ୍ପୂର୍ଣ୍ଣ ଜୀବନ କାଳ ମଧ୍ୟରେ, ମାତାପିତାଙ୍କଠାରୁ ବଡ଼ ନିଃସ୍ୱାର୍ଥପର ଚରିତ୍ର ଏବଂ ଶୁଭାକାଂକ୍ଷୀ କେହି ଜଣେ ହେଲେ ମିଳିବେ ନାହିଁ। ସେମାନେ ଦୁନିଆର ସବୁଠାରୁ ବଡ଼ ମୂଲ୍ୟବାନ ସମ୍ପତ୍ତି। ଏଣୁ ପ୍ରତିଟି ସନ୍ତାନ ନିଜର ମାତାପିତାଙ୍କ ଆଶୀର୍ବାଦ ଓ ଭଲପାଇବାର ଛାଇ ତଳେ ଜୀବନ ବିତାଇବା ଉଚିତ। ଯାହା ସେମାନଙ୍କୁ ଜୀବନର ପ୍ରତିଟି ଝଡ଼ଝଞ୍ଜା, ବିପଦ, ଦୁଃଖ ଓ କଷ୍ଟ ପରିସ୍ଥିତିରୁ ଏକ ଅଦୃଶ୍ୟ ଶକ୍ତି ହୋଇ ରକ୍ଷା କରିବ।

**ବନ୍ଦାଲୋ, ଟାଙ୍ଗୀ, କଟକ**
**ମୋ: ୯୩୩୭୮୯୭୬୫୦**

## ଏଇ ଭାରତରେ

ହାଇଦ୍ରାବାଦସ୍ଥିତ ମହିନ୍ଦ୍ରା ୟୁନିଭର୍ସିଟିରେ ଇଞ୍ଜିନିୟରିଂ ପଢୁଥିବା ୨୨ ବର୍ଷୀୟ ରାହୁଲ ଆର୍‌ପାକା ରକ୍ଷକ ନାମକ ଏକ ରୋବୋ ନିର୍ମାଣ କରିଛନ୍ତି। ଏହାକୁ ନିର୍ମାଣ କରିବା ପାଇଁ ମହିନ୍ଦ୍ରା କମ୍ପାନୀ ତାଙ୍କୁ ସହଯୋଗ କରିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ( ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଚାଳିତ ଏହି ରୋବୋ ଜମିରୁ ଘାସକୁ ନଷ୍ଟ କରିପାରୁଛି। ଏହାର ବ୍ୟବହାର କୃଷକମାନଙ୍କୁ ଘାସ ବଛା ଖର୍ଚ୍ଚ କମାଇପାରିବ ବୋଲି କହନ୍ତି ରାହୁଲ। ଆର୍ଥିକ ଦୃଷ୍ଟିକୋଣରୁ ଏହା କୃଷକଙ୍କ ପାଇଁ ଲାଭଦାୟକ । ବଡ଼ କଥା ହେଉଛି, ରକ୍ଷକ ଜମିରେ ଏଆଇ ମାଧ୍ୟମରେ ଘାସକୁ କମ୍ ସମୟରେ ଠାବ କରିବା ସହ ତାହାକୁ ଲେଜର ଦ୍ୱାରା ନଷ୍ଟ କରୁଛି। ରକ୍ଷକ ଟ୍ରାକ୍ଟର ବ୍ୟାଟେରିରେ ଚାର୍ଜ ହୋଇପାରୁଛି। ରାହୁଲ କହନ୍ତି, ଏହି ରୋବୋର ମୂଲ୍ୟ ୧୦ ଲକ୍ଷ ଟଙ୍କା ରହିବ।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ଅକ୍ଟୋବର ୧୯୭୬

- କେନ୍ଦ୍ର ଜନସ୍ୱାସ୍ଥ୍ୟ ଓ ପରିପାର୍ଶ୍ୱ ଇଞ୍ଜିନିୟରିଂ ସଂସ୍ଥା ୧୧୫୧ ନିୟୁତ ଟଙ୍କା ବ୍ୟୟରେ ୫ଟି ଜଳଯୋଗାଣ ବ୍ୟବସ୍ଥା କାର୍ଯ୍ୟ କରିବା ପାଇଁ ବୈଷୟିକ ମଞ୍ଜୁରୀ ପାଇଛି।
- ସିଆଇଏର ସହାୟତାରେ କାଷ୍ଟ୍ରୋ ବିରୋଧୀମାନଙ୍କ ଦ୍ୱାରା କ୍ୟୁବା ଏୟାରଲାଇନ୍ସର ଗୋଟିଏ ବିମାନକୁ ଧ୍ୱଂସ କରିଦେବା ପରେ ଆମେରିକା ଓ କ୍ୟୁବା ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ କ୍ୟୁବା ପ୍ରତ୍ୟାହାର କରିନେଇଛି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | 4 | | 1 | | | 7 | |
| | 5 | | | 9 | | | | |
| 3 | | 1 | 5 | | 6 | 8 | | |
| | | | | | | 1 | | |
| | | 2 | | 4 | | | | |
| | | | 8 | | 2 | | | |
| | | | 9 | | 7 | | | 6 |
| 7 | | 8 | | | | | 1 | 3 |
| | | 3 | | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 9 | 2 | 3 | 8 | 4 | 7 | 6 |
| 7 | 4 | 3 | 5 | 6 | 9 | 8 | 2 | 1 |
| 2 | 6 | 8 | 7 | 4 | 1 | 3 | 9 | 5 |
| 4 | 7 | 1 | 8 | 5 | 2 | 6 | 3 | 9 |
| 9 | 2 | 5 | 6 | 1 | 3 | 7 | 8 | 4 |
| 3 | 8 | 6 | 9 | 7 | 4 | 1 | 5 | 2 |
| 8 | 3 | 2 | 4 | 9 | 6 | 5 | 1 | 7 |
| 6 | 9 | 7 | 1 | 8 | 5 | 2 | 4 | 3 |
| 5 | 1 | 4 | 3 | 2 | 7 | 9 | 6 | 8 |

ଗତକାଲିର ଉତ୍ତର

# ଆଡୁଆଳର ଦୁଇ କଥା



ଗଣେଶ୍ୱର ନାୟକ

ଆଡୁଆଳର ଦୁଇ କଥା, ଯାହା ଉପରେ ସାରା ସମାଜ ଛିଡ଼ା ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତାହା ଅତି ଶକ୍ତିଶାଳୀ, ତାହାର ଠିକ୍ ଉପଯୋଗ ନ ହେଲେ ସମାଜର ଅନେକ କ୍ଷତି ଘଟାଇବ, ଆମେ ମଧ୍ୟ କହିପାରିବା ସମାଜରେ ଯେତେ ବି ଅଘଟଣ ଘଟୁଛି, ତାହାର ମୂଳରେ ସେହି ଦୁଇଟିରୁ କୌଣସି ଗୋଟିଏ କାରକ ହୋଇଥିବ ନିଶ୍ଚିତ। ସେଥିପାଇଁ ଜ୍ଞାନୀଗୁଣୀଜନ ତାହାକୁ ଅତି ସନ୍ତର୍ପଣରେ, ସତର୍କତାର ସହିତ ସ୍ଥାନ, କାଳ, ପାତ୍ରରେ ଦେଖି ଆଲୋଚନା କରିବା ପାଇଁ ସବୁବେଳେ ଉପଦେଶ ଦେଇଥାନ୍ତି, ଯାହା ସର୍ବସମ୍ମୁଖରେ ସର୍ବଦା ପ୍ରକାଶ ଯୋଗ୍ୟ ନୁହେଁମଧ୍ୟ।

ସାମାଜିକ ବିଜ୍ଞାନରେ ରଚିଥିବା ବ୍ୟକ୍ତିଙ୍କୁ ଯଦି ପଚରା ଯାଏ କାହା ବିନା ମଣିଷ ସମାଜ ବଞ୍ଚିପାରିବ ନାହିଁ, ତାହାର ଉତ୍ତର ସେମାନଙ୍କ ନିକଟରୁ ଆସିବ 'ଯୌନାକାଂକ୍ଷା'। ଯଦିଓ ଆମଭଳି ସାଧାରଣ ମଣିଷ ମନକୁ ଅନେକ ଉତ୍ତର ଆସିବ, କିନ୍ତୁ ଆମେ ପଛକୁପଛ ସମୟକୁ ଫେରିଯିବା, ଶେଷରେ ଏହି ଉତ୍ତରରେ ଏକମତ ହେବା। ପଶୁପକ୍ଷୀ ପ୍ରାକୃତିକ ନିୟମକୁ ସମାହିତ କରି ବଂଶ ବିସ୍ତାର କରନ୍ତି। ସେହିପରି ଜୈବ ବିବର୍ତ୍ତନର ଧାରାରେ ଆଦିମ ମଣିଷ ଏହି ପ୍ରାକୃତିକ କ୍ରିୟାକୁ ସମାପନ କରୁଥିଲା। ଏହାକୁ ଆମେ ସମସ୍ତେ ଜାଣୁ, କିନ୍ତୁ ସର୍ବସମ୍ମୁଖରେ ଆଲୋଚନାକୁ ସମାଜ ଗ୍ରହଣ କରେ ନାହିଁ। ସମସ୍ତେ ସର୍ବଦା ଉହ୍ୟ ରଖିବାକୁ ଚାହାନ୍ତି।

ସରକାର ଏବେ ଏକ ପ୍ରୟାସ କରିଛନ୍ତି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ଯୌନ ଶିକ୍ଷା ଦେବେ। ଏହା ଏକ ସମୟୋପଯୋଗୀ ପଦକ୍ଷେପ ହୋଇପାରେ, କିନ୍ତୁ କେଉଁ ଉପାୟରେ ଶିକ୍ଷାଦାନ କରାଯିବ ତାହା ବିଚାରଯୋଗ୍ୟ। ଶିକ୍ଷକ ଉଭୟ ଛାତ୍ରୀ ଓ ଛାତ୍ର ଉପସ୍ଥିତିରେ ଏହି ଶିକ୍ଷାର ଆଲୋଚନା କଲାବେଳେ ମାନସପଟରେ ସକାରାତ୍ମକଠାରୁ ନକାରାତ୍ମକ ଭାବ ଅଧିକ ଉଦ୍ରେକ ହୋଇପାରେ। କିନ୍ତୁ ଛାତ୍ର ଓ ଛାତ୍ରୀଙ୍କୁ ପୃଥକ୍ ଭାବେ, ସେମାନଙ୍କ ଅଗୋଚରରେ, ସ୍ୱାସ୍ଥ୍ୟ କର୍ମୀ, ନର୍ସ ବା ଡାକ୍ତରମାନଙ୍କ ଦ୍ୱାରା ଗୋଟିଏ ଶିକ୍ଷା ବର୍ଷରେ ଅନେକ ସ୍ୱାସ୍ଥ୍ୟ କର୍ମଶାଳା ନାମରେ ଯୌନଶିକ୍ଷା ଦିଆଯାଇପାରେ। ଏହା ସତ୍ୟ, ଅନେକ ନାରୀ ଅଜ୍ଞତା ପାଇଁ ଅନେକ ଯୌନ ସମ୍ବନ୍ଧୀୟ ରୋଗର ସମ୍ମୁଖୀନ ହେଉଛନ୍ତି। ଏପରିକି ସହର, ଗାଁରେ ସମସ୍ତ ନାରୀଙ୍କୁ ସାମୂହିକ ଭାବେ ସ୍ୱାସ୍ଥ୍ୟ କର୍ମୀ, ମହିଳା ଡାକ୍ତରଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟ ସାକ୍ଷରତା ଅନୁଷ୍ଠିତ ହେବା ଉଚିତ। କେହି କେହି ଯୁକ୍ତି ରଖିପାରନ୍ତି, ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ତ ଏକାଠି ପୁଣି ଏ ସମ୍ବନ୍ଧୀୟ ପାଠ ପଢ଼ା ଯାଉଛି। ଏହା ଠିକ୍ କଥା। କିନ୍ତୁ ସେମାନେ ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ବୟସରେ ଆଉ ସେ ପାଠପଢ଼ା ବୃତ୍ତିକୁ ନେଇ। ତେଣୁ କୌଣସି ବିଷମ ଏତେଟା ଆସି ନ ପାରେ। ଜ୍ଞାନ ଅର୍ଜନ କ୍ଷେତ୍ରରେ ପରିବେଶ ଟିକେ ସକାରାତ୍ମକ ହେବା ଜରୁରୀ।

ଅନେକଙ୍କ ମନେଥିବ ନବେ ଦଶକରେ ଯେତେବେଳେ ଏଡ୍‌ସ ରୋଗ ବ୍ୟାପିବାକୁ ଲାଗିଲା, ଏ ସମ୍ବନ୍ଧରେ ଦୂରଦର୍ଶନରେ ବାରମ୍ବାର ସଚେତନତା ବିଜ୍ଞାପନ ପ୍ରଚାର କରାଗଲା, ଏହାକୁ ସମାଜ ସହଜରେ ଗ୍ରହଣ କଲା ନାହିଁ। ଅନେକେ ଅଭିଯୋଗ କଲେ ଘରେ ପରିବାର ସହିତ ଦୂରଦର୍ଶନ ଦେଖିବା ସହଜ ହେଉନାହିଁ ଅର୍ଥାତ୍ ଲଜ୍ଜାବୋଧ ହେଉଛି। ଏପରିକି କଥା ବିଧାନସଭାରେ ମଧ୍ୟ ଉଠିଥିଲା।




ଦ୍ୱିତୀୟ ଆଡୁଆଳର କଥା ହେଉଛି ଅର୍ଥ ବା ଧନ ଉପାର୍ଜନ କରିବାର ସଚେତନତା ଶିକ୍ଷା। ଆମେ ସାଧାରଣତଃ ବିଦ୍ୟାର୍ଥୀଙ୍କୁ ଯାହା ଦରକାର ନିଜେ କିଣି ଦେଇଥାଉ। ଆମର ଅନେକଙ୍କ ଧାରଣା ପିଲାଙ୍କ ହାତରେ ପଇସା ପଡ଼ିଲେ, ସେମାନେ ବିପଥଗାମୀ ହୋଇଯିବେ। ଅନେକ ସମୟରେ ଜ୍ଞାନୀଗୁଣୀ କହିଥାନ୍ତି ଯଦିଓ ବଞ୍ଚିବା ପାଇଁ କିଛି ଅର୍ଥର ପ୍ରୟୋଜନ, ତଥାପି ଟଙ୍କା ଜୀବନର ସବୁକିଛି ନୁହେଁ। 'ଅର୍ଥ'ର ଗୁରୁତ୍ୱକୁ ଆଖିଆଗରେ ରଖି କୌଟିଲ୍ୟ ରାଷ୍ଟ୍ର ପରିଚାଳନା ସମ୍ବନ୍ଧୀୟ ଶାସ୍ତ୍ରର ନାମ ରଖିଥିଲେ 'ଅର୍ଥ ଶାସ୍ତ୍ର', ଯଦିଓ ଏହି ଶାସ୍ତ୍ରର ଅର୍ଥ ସହିତ କିଛି ନେଣଦେଣ ନାହିଁ।

ଆମ ପିଲାମାନଙ୍କୁ ବ୍ୟବସାୟ ସମ୍ବନ୍ଧୀୟ ଜ୍ଞାନ ଆହରଣ ପାଇଁ ବାଣିଜ୍ୟ ପାଠ ରହିଛି। ସରକାର ଏବେ ଗୋଟିଏ ପ୍ରସ୍ତାବ ରଖିଛନ୍ତି, ଶେୟାର୍ ମାର୍କେଟ ସମ୍ବନ୍ଧରେ ସବୁପିଲାଙ୍କୁ ଶିକ୍ଷା ଦିଆଯିବ। ଏ ସମ୍ବନ୍ଧରେ ଅନେକେ ଏକମତ ହେଉ ନାହାନ୍ତି। ବିଦ୍ୟାର୍ଥୀଟିଏ ଧନ ଆଡ଼କୁ ମନ ଚଞ୍ଚଳ ହୋଇଗଲେ, ତାହା ସମାଜ ଉପରେ, ପରିବାର ଉପରେ, ନିଜ ଉପରେ ଅନେକ କୁପ୍ରଭାବ ପକାଇବ। ମାନସିକ ଭାବେ ଅନ୍ୟ କୌଣସି ସୃଜନାତ୍ମକ କାର୍ଯ୍ୟ ପ୍ରତି ଉଦାସୀନ ରହିବ। ଯଦିଓ କିଛି ଠିକ୍ ଆଉ ଭୁଲ୍‌ର ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଅନେକଙ୍କ ମତ ଏହା ପିଲାଙ୍କୁ ଜ୍ଞାନ ଅର୍ଜନ କରିବାର ପ୍ରକ୍ରିୟାକୁ ବ୍ୟାଘାତ କରିବ। ଏଠାରେ ସୂଚିତ କରାଯାଇପାରେ ଶେୟାର ମାର୍କେଟକୁ ଫଟକା ବଜାର ବୋଲି କୁହାଯାଏ। ମୋବାଇଲ ଯୁଗରେ ପିଲାଏ ଏମିତି ବିଭିନ୍ନ ଠକାମିର ଶିକାର ହେଉଛନ୍ତି, ଅଜଣା ଯୋଗୁ ନୁହେଁ, ଲୋଭ ଯୋଗୁ। ତାହା ଅନ୍‌ଲାଇନ ଜୁଆ ଖେଳ ହୋଇପାରେ ବା ଶେୟାର ମାର୍କେଟର ମନୋଲୋଭା ବିଜ୍ଞାପନ ହୋଇପାରେ। ସେଥିପାଇଁ କୌଣସି କଥା ସର୍ବସମ୍ମୁଖରେ ଥୋଇବା ବିଚାରର ବିଷୟ। ସବୁ ଛାତ୍ରୀଛାତ୍ରଙ୍କୁ ଶେୟାର ମାର୍କେଟର ଶିକ୍ଷା ଦେଲେ, ଆଉ ଯଦି ସଭିଏଁ ଷଣ୍ଢ ଲଢ଼େଇ ଆଉ ଭାଲୁ ଲଢ଼େଇ ମଧ୍ୟରେ ମନୋନିବେଶ କରନ୍ତି, ପିଲାଏ ପ୍ରକୃତ ଜ୍ଞାନ ଅର୍ଜନରୁ ବିରତ ରହିବେ ନିଶ୍ଚିତ। ସାମାଜିକ ଦାୟିତ୍ୱବୋଧ ଟିକକ କ୍ଷୁଣ୍ଣ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ମଣିଷର ସ୍ୱଭାବ ସହଜରେ କିପରି ଅର୍ଥ ଉପାର୍ଜନ କରିବ, ଆଉ ରାତିକା ରାତି ଧନୀ ହୋଇଯିବ। ଲଟେରି କ'ଣ ସମସ୍ତେ ଜାଣନ୍ତି, ଆଉ ଲଟେରି ଖେଳି ଅନେକେ କ୍ଷତି ସହୁଥିବାର ମଧ୍ୟ ଦେଖାଯାଉଛି, ଆଉ ଜୀବନ ବି ଯାଉଛି। ଆର୍ଥିକ ସାକ୍ଷରତା ପାଇଁ ସବୁ ବର୍ଗର ମଣିଷଙ୍କୁ ନେଇ ଅନେକ କର୍ମଶାଳା କରାଯାଇପାରେ।

ଅନେକ ଆଡୁଆଳର କଥା ଅଛି, ଯାହା ସର୍ବସମ୍ମୁଖରେ ବିଚାର ହେବା ଉଚିତ। କିନ୍ତୁ ଅନେକ କଥା ସମାଜ ଚାହେଁ ସ୍ଥାନ, କାଳ, ପାତ୍ରକୁ ତଉଲି ଆଲୋଚନା ହେଉ। ସେଥିପାଇଁ ଶିକ୍ଷାବିତ୍, ମନସ୍ତତ୍ତ୍ୱବିତ୍, ସମାଜର ଜ୍ଞାନୀଗୁଣୀଙ୍କ ପରାମର୍ଶ ନେଇ ତଥା ଅନେକ ବିଚାର କରି ଏସବୁ ପ୍ରୟୋଗ ହେବା ଜରୁରୀ ମନେହୁଏ, ନଚେତ୍ ପରବର୍ତ୍ତୀ ସାମାଜିକ ବିଭ୍ରାଟକୁ ହାତ,କାତ ପାଇବ ନାହିଁ....।

**ଗୋଗଲ, କାଏମା, ଯାଜପୁର**
**ମୋ:୯୭୭୭୭୪୯୭୨୭**

## ଚିରନ୍ତନୀ

ସ୍ଫଟିକ ଧବଳ ଦଶନେ ତୁମର
ଦଶଦିଶ ଉଠୁ ହସି
ଅଧର ଶୋଭାକୁ ସରସ କରୁ ଗୋ
ତୃତୀୟାର ଶିଶୁ ଶଶି ।
–(ରୂପର ସ୍ତବ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ଦୁରବସ୍ଥା: ଦୁର୍ଘଟଣା ଆଶଙ୍କା

ମହାଶୟ,

ଗବକୁଣ୍ଡଠାରୁ ବଳଙ୍ଗା ବାମପଟ ପିଚୁ ରାସ୍ତା ହୋଇଥିଲା। ପରେ ସୁଆଣ୍ଡୋଠାରୁ ବିଦ୍ୟାଧରପୁର ପର୍ଯ୍ୟନ୍ତ ପ୍ରଶସ୍ତ ଦୋରସ୍ତ ପିଚୁରାସ୍ତା ହୋଇଛି। ମାତ୍ର ବିଦ୍ୟାଧରପୁର ପାଟଣା ସାହିଠାରୁ ଖଡ଼ିକୁଦା ଛକ ପର୍ଯ୍ୟନ୍ତ ରାସ୍ତାରୁ ପିଚୁ ଉଠିଯାଇ ଖାଲଖମାରେ ପରିପୂର୍ଣ୍ଣ। ଏହି ରାସ୍ତାରେ ଛାତ୍ରୀଛାତ୍ର ଗୁଆଳିଗୋରଡ଼ା ଉଚ୍ଚ ବିଦ୍ୟାଳୟ ଓ ବଳଙ୍ଗା ମହାବିଦ୍ୟାଳୟକୁ ଯାଉଛନ୍ତି। ଏଥିସହିତ ଏହାର ପାଖାପାଖି ୧୫ ଖଣ୍ଡ ଗ୍ରାମର ଚାଷୀ, ପଥଚାରୀ, ଭାରିଯାନ, ବସ୍, ଟ୍ରାକ୍ଟର, ଅଟୋ, ସାଇକେଲ, ବାଇକ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଅନେକ ବାଇକ, ସାଇକେଲ, ଆରୋହୀ ଉପର ନଦୀବନ୍ଧ ନାଳି ସଡ଼କରେ ମଧ ଯାତାୟାତ କରୁଛନ୍ତି। ସତ୍ୟବାଦୀ ବିଧାୟକ, ନିମାପଡ଼ା ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ତଥା ଜିଲାପାଳ, ପୁରୀ ସରଜମିନ ତଦନ୍ତ କରି ତୁରନ୍ତ ଏହି ରାସ୍ତା ମରାମତି କରାଯିବା ପାଇଁ ପଦକ୍ଷେପ ନିଅନ୍ତୁ। ଏହା ଦ୍ୱାରା ଅଞ୍ଚଳବାସୀ ଉପକୃତ ହେବେ।

**–ରାମଚନ୍ଦ୍ର ଦାସ, ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରାଜ୍ୟସ୍ତରୀୟ ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ ମହୋତ୍ସବ -୨୦୨୫, ସ୍ଥାନ: ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସର, ପ୍ରେସ କଲୋନୀ, ସମୟ: ଅପରାହ୍ନ ୪ଟା।
- ଟିଲୋ ଆଥଲେଟିକ୍ ଆସୋସିଏଶନ୍ ପକ୍ଷରୁ କନ୍‌କ୍ଲେଭ ଗେମ୍ ଚେଞ୍ଜର କାର୍ଯ୍ୟକ୍ରମ, ସ୍ଥାନ, ହୋଟେଲ୍ ତୁରେନ୍, ସମୟ: ସନ୍ଧ୍ୟା ୬ଟା।
- ହିନ୍ଦୁସ୍ତାନୀ ସଙ୍ଗୀତ ସଭା ପକ୍ଷରୁ ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ସପ୍ତାହ ପାଳନ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ପାଣିଟାଙ୍କି ପାଖ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ଓଡ଼ିଶା ପୋଲିସର କ୍ରାଇମବ୍ରାଞ୍ଚ ଶାଖା ଆନୁକୂଲ୍ୟରେ ୭୦ତମ ପୋଲିସ ବୃତ୍ତିଗତ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବକ୍ସି ବଜାର, ସମୟ: ସକାଳ ୮ଟା।
- କଟକ ଜିଲାସ୍ତରୀୟ କଳା ଉତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଖାନନଗର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ କଟକ ନାଟ୍ୟୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ସେଭେନ୍ ପିଲର୍ସ ଅଫ୍ ୱିସ୍‌ଡମ ପ୍ରେକ୍ଷାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆକାଶବାଣୀର ପୂର୍ବତନ ନିର୍ଦ୍ଦେଶକ ଡ. ହୃଷୀକେଶ ପଣ୍ଡାଙ୍କ ୮ମ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ରାଇସିନା ମଣ୍ଡପ, ସିଡିଏ ସେକ୍ଟର-୯, ସମୟ: ଅପରାହ୍ନ ୫ଟା।

**ବାଲେଶ୍ୱର**
- ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ 'ଉତ୍ସାହ', ସ୍ଥାନ: ସ୍ପୋର୍ଟସ୍ ହଷ୍ଟେଲ କ୍ୟାମ୍ପସ, ଭୀମପୁରା, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ବିକାଶ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମରଣିକା ଉନ୍ମୋଚନ ଉତ୍ସବ, ସ୍ଥାନ: ରାଣୀପାଟଣାସ୍ଥିତ ପ୍ରେସ ଇମ୍ପ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

**ଭଦ୍ରକ**
- କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ, ସ୍ଥାନ: ସରସଦା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।

**କେନ୍ଦୁଝର**
- ସମ୍ବର୍ଦ୍ଧନା ସଭା ଓ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ,ସ୍ଥାନ: ସେଣ୍ଟ ମେରିଜ୍ ସ୍କୁଲ୍, ବଡ଼ବିଲ,ସମୟ:ସକାଳ ୮ଟା।

**ମୟୂରଭଞ୍ଜ**
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ଭାଜପା ପକ୍ଷରୁ ସ୍ମୃତି ଚାରଣ ସଭା, ସ୍ଥାନ: ୧୬ ନଂ. ଜାତୀୟ ରାଜପଥସ୍ଥିତ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

**କନ୍ଧମାଳ**
- ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟ କ.ନୂଆଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଦାରିଙ୍ଗବାଡ଼ି ବିଇଓଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ଜଗତ୍‌ସିଂହପୁର**
- ପାରାଦୀପ ପୌରପରିଷଦ ଆଗଧାଡିର କର୍ମଚାରୀଙ୍କ ପାଇଁ ସହଯୋଗ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ସମ୍ମିଳନୀ କକ୍ଷ, ପୌର କାର୍ଯ୍ୟାଳୟ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦ୍ରାପଡ଼ା**
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ୟାମସୁନ୍ଦରପୁର, କେନ୍ଦ୍ରାପଡ଼ା, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଜିଲା ପ୍ରଶାସନ ପକ୍ଷରୁ ଯାଜପୁର ଟାଉନରେ ଲକ୍ଷ୍ମୀନାରାୟଣ ଓ କାଳୀ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ : ଜିଲା ପରିଷଦ ସମ୍ମିଳନୀ କକ୍ଷ। ସମୟ : ଅପରାହ୍ନ ୫ଟା।

**ନୟାଗଡ଼**
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ:ନାରୁଗାଁ, ସୁବଳୟା,ସଜନାପଡା, ରଘୁନାଥପୁର, ଅଁଳାମଡା, ମୈଳାମ୍ଭ, ଅରାସାହି, ଆଙ୍କୁଲା ପାଟଣା, ସମୟ: ସକାଳ ୮ଟା ରୁ ରାତି ୯.୩୦।
- ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ନୟାଗଡ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ନୂଆଗାଁ ବ୍ଲକ ନୂଆଗାଁ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- କାଉନସିଲ ବୈଠକ, ସ୍ଥାନ: ନୟାଗଡ ମ୍ୟୁନିସିପାଲିଟି ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦.୩୦।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆଗାଁ ବ୍ଲକ ସଭାଗୃହ, ସମୟ:ପୂର୍ବାହ୍ନ ୧୧ଟା।
- ପୋଷାକ ବିତରଣ, ସ୍ଥାନ:ନୀଳମାଧବ ନୋଡାଲ ସ୍କୁଲ କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ମନ୍ଦିରରେ ଭାଗବତ ମହାପୁରାଣ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଅବସରରେ ପ୍ରବଚନ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ: ସଂଧ୍ୟା ୭ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ଅଷ୍ଟମ ଦିବସରେ ରାମ ଜଟାୟୁ ଉଦ୍ଧାର, ବାଳୀବଧ ଓ ସୁନ୍ଦରାକାଣ୍ଡ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସଂଧ୍ୟା ୭ଟା।

**ଅନୁଗୋଳ**
- ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକସ୍ଥିତ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।

**ରାୟଗଡ଼ା**
- ବ୍ଲକ୍‌ସ୍ତରୀୟ ସୁରଭି ମହୋତ୍ସବ-୨୦୨୫, ସ୍ଥାନ: ସରକାରୀ ନୋଲାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନବରଙ୍ଗପୁର**
- ଉମରକୋଟରେ ୬୯ ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ ସିପାକ୍ ଟାକ୍ରୋ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଉମରକୋଟ, ସମୟ: ସକାଳ ୯ଟା।
- ଭୀମଭୋଇ ଭିନ୍ନକ୍ଷମ ଶିବିର, ସ୍ଥାନ: ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତ, ସମୟ: ପୂର୍ବାହ୍ନ ୧୦ଟା।
- ପରିମଳ ମାଧ୍ୟମରେ ଗ୍ରାମୀଣ ସମୃଦ୍ଧି ନେଇ ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ପ୍ରାଥମିକ ବିଦ୍ୟାଳୟ, ମହୁଲି୧୭, ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ବନ୍ଧୁଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ, ସ୍ଥାନ: ପୁପୁଗାଁ ସଦର ମହକୁମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁନ୍ଦୁରା ବ୍ଲକ୍, ସମୟ: ଅପରାହ୍ନ ୩ ଟା।

**ସମ୍ବଲପୁର**
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା।
- ମାତା ଭଗବତୀ ଦେବୀ ଏବଂ ଅଖଣ୍ଡ ଦୀପ ଜନ୍ମ ଶତାବ୍ଦୀ ବର୍ଷ ଉପଲକ୍ଷେ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ଗାୟତ୍ରୀ ପୀଠ ସମ୍ମୁଖ ରାସ୍ତା, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ କଥା ମୃତ କାର୍ଯ୍ୟକ୍ରମ, ସ୍ଥାନ: କମିଶନର କଲୋନୀ ସ୍ଥିତ ଶ୍ରୀଶ୍ରୀ ଜ୍ଞାନ କ୍ଷେତ୍ର, ସମୟ: ଅପରାହ୍ନ ୫ଟା।
- ନବରତ୍ନ ସାଂସ୍କୃତିକ ଅନୁଷ୍ଠାନ ଆୟୋଜିତ ସମ୍ବଲପୁରୀ ନାଟକ ଶ୍ରୀରାମ ଅଯୋଦ୍ଧା ଫିରୁଛନ ମଞ୍ଚସ୍ଥ, ସ୍ଥାନ : ଗଙ୍ଗାଧରମୁକ୍ତ ମଞ୍ଚ, ସମୟ : ସନ୍ଧ୍ୟା ୭ଟା।
- ପ୍ରୟାସ ପରିବାର ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ମହାନଗର କାର୍ଯ୍ୟାଳୟ ସମ୍ମୁଖ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ବୁର୍ଡା ପ୍ରାଥମିକ କୃଷି ସମବାୟ ସମିତି ବୋର୍ଡ ବୈଠକ,ସ୍ଥାନ: ବୁର୍ଡା ସମିତି କାର୍ଯ୍ୟାଳୟ,ଲୋଇସିଂହା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଫିସ, ଡୁଡୁକା, ଆଗଲପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମହାଶକ୍ତି ଫାଉଣ୍ଡେଶନ ୨୧ ତମ ବାର୍ଷିକୋତ୍ସବ ତଥା କନ୍‌କ୍ଲେଭ ୨୦୨୫, ସ୍ଥାନ: ସ୍ୱୟମ୍ ହୋଟେଲ ଏଣ୍ଡ ରିସର୍ଟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭୀମପାହାଡ ମହୋତ୍ସବ ୨୦୨୫ ଲୋଗୋ ଉନ୍ମୋଚନ ଉତ୍ସବ,ସ୍ଥାନ: ଭୀମପାହାଡ, ଦେଓଗାଁ ବ୍ଲକ,ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

**ରାଉରକେଲା**
- ମା' ଦକ୍ଷିଣ କାଳୀଙ୍କ ଅଧିବାସ, ସ୍ଥାନ: ସେକ୍ଟର-୧, ସମୟ: ସକାଳ ୭ଟା।
- କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ରଘୁନାଥପାଲୀ ଉପ୍ରା ବିଦ୍ୟାଳୟ, ସମୟ: ସକାଳ ୯ଟା।
- କାଳୀପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୨୦ ଚିପ୍ ଟାଇପ୍ ମାର୍କେଟ, ସମୟ: ପୂର୍ବାହ୍ନ ୧୧ଟା।
- ହମ୍ ନିଶାଦ୍ ପକ୍ଷରୁ ଡିଲ୍ୟୁଗ୍-୨୦୨୫, ସ୍ଥାନ: ସେକ୍ଟର-୨୦ ରାଉରକେଲା କ୍ଲବ ମେନ୍ ହଲ୍, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ ଚନ୍ଦ୍ରଶେଖର ରଥଙ୍କ ଜନ୍ମ ଜୟନ୍ତୀ, ସ୍ଥାନ:ସେକ୍ଟର-୭, ପ୍ରଗତି ଉତ୍କଳ ସଂଘ କାର୍ଯ୍ୟାଳୟ ସମୟ: ସନ୍ଧ୍ୟା ୭ଟା।
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଫର୍ଟିଲାଇଜର , ସମୟ: ପୂର୍ବାହ୍ନ ୧୧ଟା।
- ସାହିତ୍ୟ ସଭା, ସ୍ଥାନ: ନୋବେଲ ଆସୋସିଏଶନ, ଉଦିତନଗର, ସମୟ: ସନ୍ଧ୍ୟା ୭ଟା ୩୦।

**ସୁନ୍ଦରଗଡ଼**
- ଛାତ୍ର ଏବଂ ଶିକ୍ଷକମାନଙ୍କ ପାଇଁ ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଏକ ଦିନିଆ ଜିଲା ସ୍ତରୀୟ କର୍ମଶାଳା, ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ଼,ସମୟ:ପୂର୍ବାହ୍ନ ୧୦ଟା।

**ବରଗଡ଼**
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବଗେଇବିରା ଖେଳ ପଡିଆ, ବରଗଡ଼, ସମୟ: ସକାଳ ୮ଟା।
- 'ସମ୍ଭବ' ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

**କଳାହାଣ୍ଡି**
- ବିକାଶ ଡିଗ୍ରୀ କଲେଜରେ ବୈଷୟିକ କର୍ମଶାଳା, ସ୍ଥାନ: ଭବାନୀପାଟଣା ବିକାଶ ଡିଗ୍ରୀ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଯୋଜନା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ବୌଦ୍ଧ**
- ଜିଲାସ୍ତରୀୟ କପା ସଂଗ୍ରହ ବୈଠକ, ସ୍ଥାନ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- ହନୁମାନପାଲିଠାରେ ସୀତା ବିବାହ ପାଇଁ ନିର୍ବନ୍ଧ କାର୍ଯ୍ୟକ୍ରମ, ସ୍ଥାନ: ହନୁମାନପାଲି, ବୀରମହାରାଜପୁର, ସମୟ: ସକାଳ ୮ଟା।
- ରାମାୟଣ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ:ବରିଷ୍ଠ ସଙ୍ଗଠନ କାର୍ଯ୍ୟାଳୟ ବୀରମହାରାଜପୁର, ସମୟ: ସକାଳ ୯ଟା।
- ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ପଣ୍ଡିଆପାଲି, ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ମାସ ବ୍ୟାପୀ ଅଖଣ୍ଡ ନାମଯଜ୍ଞର ଦଶମ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି, ଉଲୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ମନ୍ଦିରରେ ସୁନ୍ଦରକାଣ୍ଡ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର ହନୁମାନ ମନ୍ଦିର, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।
- ହନୁମାନ ପାଲିଠାରେ ରାମଲୀଳାର ସୀତା ବିବାହ ନାଟକ ମଞ୍ଚସ୍ଥ, ସ୍ଥାନ : ହନୁମାନପାଲି ମନ୍ଦିର ସମ୍ମୁଖ, ସମୟ: ରାତି ୯ଟା।

**ନୂଆପଡ଼ା**
- ସୁରଭି କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ସିଆଳଲଟି ପ୍ରାଥମିକ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅତି ନିକଟତର ବନ୍ଧୁଙ୍କ ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିବେ। କର୍ମକ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପାରନ୍ତି। ପରିବାରରେ ଛୋଟ କଥାରେ ଚିହ୍ନା ପଡିଲେ ଅପଦସ୍ଥ ହେବେ। ବିନା କାରଣରେ ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ।

**ବୃଷ**
କର୍ମକ୍ଷେତ୍ରରେ ଫାଇଲ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ପାରିବାରିକ ସମସ୍ୟା ବୃଦ୍ଧି ପାଇବା କାରଣରୁ କୌଣସି କାମ ଶୃଙ୍ଖଳିତ ରହିବ ନାହିଁ। ଅର୍ଥ ଓ ସମ୍ମାନ ପାଇବେ,ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହୋଇପାରନ୍ତି।

**ମିଥୁନ**
ସାଧାରଣ କଥାରେ ବନ୍ଧୁ ବିରକ୍ତ ପ୍ରକାଶ କରିପାରନ୍ତି। ଦୃଢ଼ ମନୋବଳ ଯୋଗୁ ବହୁ ବିପଦରୁ ରକ୍ଷା ପାଇବେ। ମାନସିକ ଦ୍ୱନ୍ଦ୍ୱ ବୃଦ୍ଧି ପାଇବା କାରଣରୁ ନିଷ୍ପତ୍ତି ନେବାରେ ବିଳମ୍ବ କରାଇବ। ମାନସିକ ସ୍ଥିତି ଠିକ୍ ରହିଲେ ମଧ୍ୟ ପାରିବାରିକ ସମସ୍ୟାଜଡିତ ରହିପାରନ୍ତି।

**କର୍କଟ**
ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ସହକର୍ମୀମାନେ ସହଯୋଗର ହାତ ବଢାଇବେ, କିନ୍ତୁ ସହଜରେ କାମ ହାସଲ ହେବା କାଠିକର ପାଠ ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ନିଜ ଲୋକମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ସିଂହ**
କର୍ମକ୍ଷେତ୍ରରେ ଟେନ୍‌ସନ କମିଯିବ ଏବଂ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ସକାଳୁ ସକାଳୁ କୌଣସି ଶୁଭାକାଂକ୍ଷୀଙ୍କ ସାନିଧ୍ୟ ଲାଭ କରିବେ। ଆର୍ଥିକ ଦିଗଟି ଭଲ ରହିବ, ମାତ୍ର ସ୍ୱାସ୍ଥ୍ୟ ହାନି ଘଟିବ। ରାଜନୈତିକ ସ୍ତରରେ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା**
ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। କଥା ଦେଇଥିବା ବନ୍ଧୁ ପର କ୍ଷଣରେ ଓଲଟା କଥା କହିବେ। ପରିବାରରେ ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢିପାରେ। ପରିବହନରେ ଲାଗିରହିଥିବା ସମସ୍ୟା ସମାଧାନ ହୋଇଯିବ।

**ତୁଳା**
କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ପ୍ରିୟଜନଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ ଓ ସାମୟିକ ଆନନ୍ଦ ପାଇବେ। ହାତରୁ ଖାଇ ପର ପାଇଁ ଖଟିବେ କିନ୍ତୁ ପ୍ରଶଂସା ବଦଳରେ ସମାଲୋଚିତ ହେବେ । ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ।

**ବିଛା**
ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ପିଲାମାନଙ୍କ ବୈବାହିକ ସମ୍ବନ୍ଧ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ପରିଜନମାନଙ୍କ ସହିତ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ବନ୍ଧୁଙ୍କ ସହାୟତାରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ**
ପଛକଥା ପଛକୁ ପକାଇ କାମ କରି ଚାଲନ୍ତୁ ଭଲ ହେବ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ କିନ୍ତୁ ସାମୟିକ ଆନନ୍ଦ ପାଇବେ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ ।

**ମକର**
କର୍ମକ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ । ପଡୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। ଆଜିର ଯାତ୍ରା, ପରିଭ୍ରମଣ, ମନୋରଞ୍ଜନ ପ୍ରୀତିପ୍ରଦ ହେବ। ବାକ୍ ସଂଯମତା ରକ୍ଷା ନ କଲେ ଅଯଥା କଳହ ସୃଷ୍ଟି ହୋଇପାରେ।

**କୁମ୍ଭ**
ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ପରିଜନଙ୍କ ସହିତ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ପୁରୁଣା ରୋଗ ପୀଡ଼ା ପାଇଁ ଟେନ୍‌ସନ୍ ବଢ଼ିଯାଇପାରେ।

**ମୀନ**
ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। କର୍ମକ୍ଷେତ୍ରର ସମସ୍ୟା କମିବା ଫଳରେ ରହିଥିବା ଟେନ୍‌ସନ୍ କମିଯିବ। ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। କର୍ମକ୍ଷେତ୍ରର ସମସ୍ୟାକୁ ସୁଧାରି ନେବାରେ ସମର୍ଥ ହେବେ।

ଆଜି ଅକ୍ଟୋବର ୧୭ ତାରିଖ, ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ ଦିବସ, ଗର୍ଭଣା ସଂକ୍ରାନ୍ତି, କାର୍ତ୍ତିକ କୃଷ୍ଣପକ୍ଷର ସର୍ବସମ୍ମତ ରମା ଏକାଦଶୀ ଯୁକ୍ତ ଦ୍ୱାଦଶୀ ଶୁକ୍ରବାର। ରାଶିନକ୍ଷତ୍ର-ଦିବା ଘ.୦୧।୫୮ ପର୍ଯ୍ୟନ୍ତ ମଘା/ସିଂହ, ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୫ ଗତେ, ଘ.୦୬।୩୧ ମଧ୍ୟେ, ଘ.୦୭।୧୭ ଗତେ, ଘ.୦୮।୩୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୫ ଗତେ, ଘ.୧୧।୩୧ ମଧ୍ୟେ ରାହୁକାଳ।

## ମୋଦି କହିଛନ୍ତି...

ପ୍ରଥମ ପୃଷ୍ଠାରୁ...

ଏଥିଯୋଗୁ ଭାରତକୁ ନିଜ ସାମଗ୍ରୀ ରପ୍ତାନି କରିବା କାଠିକର ହୋଇପଡ଼ିଛି। ଭାରତର ବାଣିଜ୍ୟିକ କାରବାର ଉପରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଛି। ୨୦୨୫ ସେପ୍ଟେମ୍ବରରେ ଭାରତର ବାଣିଜ୍ୟିକ ନିଅଣ୍ଟ ୩୨.୧୫ ବିଲିୟନ୍ ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି, ଯାହାକି ଗତ ୧୩ ମାସରେ ସର୍ବାଧିକ। ଭାରତ ଓ ଆମେରିକା ସମ୍ପର୍କରେ ତିକ୍ତତା ବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ ପାଲଟିଥିବା ରୁଷୀୟ ତୈଳ କ୍ରୟ ପ୍ରସଙ୍ଗରେ ବୁଧବାର ଟ୍ରମ୍ପ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ହ୍ୱାଇଟ୍‌ହାଉସ୍ ଓଭାଲ ଅଫିସରେ ଖବରଦାତାମାନଙ୍କୁ ଟ୍ରମ୍ପ କହିଛନ୍ତି, ଭାରତ ରୁଷୀୟ କ୍ରୁଡ୍ କିଣୁଥିବାରୁ ଏହା ୧୫ ଲକ୍ଷ ଲୋକଙ୍କ ଜୀବନ ଯାଇଥିବା ପୁଟିନ୍‌ଙ୍କ ହାସ୍ୟାସ୍ପଦ ଯୁଦ୍ଧ ପାଇଁ ଆର୍ଥିକ ସହାୟକ ହେଉଛି। ଏହାକୁ ନେଇ ଆମେରିକା ଅସନ୍ତୁଷ୍ଟ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପ ମୋଦିଙ୍କୁ ତାଙ୍କର ଜଣେ ବନ୍ଧୁ ଦର୍ଶାଇ ଉଭୟଙ୍କ ମଧ୍ୟରେ ବହୁତ ଭଲ ସମ୍ପର୍କ ରହିଥିବା କହିଛନ୍ତି। ଟ୍ରମ୍ପ ଆହୁରି ଦାବି କରିଛନ୍ତି ଯେ, ଭାରତ ରୁଷିଆଠାରୁ ଆଉ କ୍ରୁଡ୍ ଅଏଲ୍ କିଣିବ ନାହିଁ ବୋଲି ବୁଧବାର ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଆଶ୍ୱାସନା ଦେଇଛନ୍ତି। ଏହା ଏକ ବଡ଼ ପଦକ୍ଷେପ। ବର୍ତ୍ତମାନ ଚାଇନା ମଧ୍ୟ ରୁଷୀୟ ତୈଳ କ୍ରୟ ବନ୍ଦ କରୁ।

ମୋଦିଙ୍କୁ ଜଣେ ମହାନ୍ ବ୍ୟକ୍ତି ଭାବେ ଅଭିହିତ କରି ଟ୍ରମ୍ପ କହିଛନ୍ତି, ସେ ଟ୍ରମ୍ପଙ୍କୁ ଭଲ ପାଆନ୍ତି। ତାଙ୍କ ରାଜନୈତିକ କ୍ୟାରିୟର ନଷ୍ଟ ନ କରିବାକୁ ଟ୍ରମ୍ପ ଚାହାନ୍ତି ନାହିଁ। ସେ ଭାରତକୁ ଅନେକ ବର୍ଷ ଧରି ଦେଖିଆସିଛନ୍ତି। ଏହା ଏକ ଅବିଶ୍ୱସନୀୟ ଦେଶ, ଯେଉଁଠି ପ୍ରତିବର୍ଷ ଜଣେ ନୂଆ ନେତା କ୍ଷମତାକୁ ଆସିଥାନ୍ତି। ଏପରି କି ସେମାନଙ୍କ ମଧ୍ୟରୁ କେତେଜଣ କିଛି ମାସ ଭିତରେ ବଦଳିଥାନ୍ତି। ବର୍ଷ ବର୍ଷ ଧରି ଏପରି ଚାଲିଆସିଥିବାବେଳେ ବନ୍ଧୁ ମୋଦି ଦୀର୍ଘ ସମୟ ହେଲା ପ୍ରଧାନମନ୍ତ୍ରୀ ରହିଆସିଛନ୍ତି। ମୋଦି ତାଙ୍କୁ ଆଗକୁ ରୁଷୀୟ ତୈଳ କ୍ରୟ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପର୍ଯ୍ୟାୟକ୍ରମେ ତୈଳ କ୍ରୟ ବନ୍ଦ କରିବାକୁ ସମୟ ଲାଗିବ କିନ୍ତୁ ତାହା ଆରମ୍ଭ ହୋଇସାରିଛି ବୋଲି ମୋଦି କହିଥିବା ଟ୍ରମ୍ପ ପ୍ରକାଶ କରିଛନ୍ତି। ତେବେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ହେବା ପରେ ଭାରତ ମସ୍କୋ ସହ ଶକ୍ତି ବାଣିଜ୍ୟ ଜାରି ରଖିପାରିବ। ଭାରତ ଯଦି ତୈଳ ନ କିଣେ ତେବେ ସବୁ ସୁବିଧାଜନକ ହେବ ବୋଲି ଟ୍ରମ୍ପ କହିଛନ୍ତି।

ପ୍ରକାଶ ଯେ, ବିଶ୍ୱର ତୃତୀୟ ବୃହତ୍ ତୈଳ ଆମଦାନୀକାରୀ ରାଷ୍ଟ୍ର ଭାରତ ନିଜ ଚାହିଦା ପୂରଣ ପାଇଁ ପାରମ୍ପରିକ ଭାବେ ମଧ୍ୟପ୍ରାଚ୍ୟ ତୈଳ ଉପରେ ନିର୍ଭରଶୀଳ ରହିଆସିଥିଲା। ତେବେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରଠାରୁ ମସ୍କୋଠାରୁ ରିହାତି ମୂଲ୍ୟରେ ତୈଳ କ୍ରୟ ପରିମାଣ ଅହେତୁକ ବୃଦ୍ଧି ପାଇଛି। ପୂର୍ବରୁ ଭାରତ ରୁଷିଆଠାରୁ ୧% କ୍ରୁଡ୍‌ଅଏଲ୍ କିଣୁଥିବାବେଳେ ଏଥିରେ ହଠାତ୍ ପ୍ରାୟ ୪୦% ପର୍ଯ୍ୟନ୍ତ ବୃଦ୍ଧି ଦେଖିବାକୁ ମିଳିଛି। ତେବେ ଭାରତ ଏହାର ଜାତୀୟ ଶକ୍ତି ସୁରକ୍ଷା ଓ ଅପେକ୍ଷାକୃତ ସ୍ୱଳ୍ପ ମୂଲ୍ୟ ଯୋଗୁ ଏପରି କରୁଥିବା କହୁଛି। ଟ୍ରମ୍ପଙ୍କ ସଦ୍ୟ ମନ୍ତବ୍ୟ ପରେ ଭାରତ ସମାନ କଥା ଦୋହରାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଗୁରୁବାର କହିଛନ୍ତି, ଭାରତ ନିଜ ବଜାର ଚାହିଦା ପୂରଣ ପାଇଁ ଶକ୍ତି କ୍ଷେତ୍ରରେ ଉତ୍ସର ବିବିଧତା ଉପରେ ଜୋର୍ ଦେଉଛି। ଏନର୍ଜି ବଜାରର ଉଠାପକା ଭିତରେ ଭାରତୀୟ ଉପଭୋକ୍ତାମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଭିନ୍ନ ଆମଦାନୀ ନୀତି ଆପଣାଯାଉଛି। ଏହି କ୍ରମରେ ଆମେରିକା ସହ ମଧ୍ୟ ଶକ୍ତି ସମ୍ପର୍କକୁ ବ୍ୟାପକ କରିବାକୁ ନୂଆଦିଲ୍ଲୀ ଆଶାବାଦୀ ଥିବା ଜୟସ୍ୱାଲ ସ୍ପଷ୍ଟ କରିଛନ୍ତି। ଜୟସ୍ୱାଲ ଏପରି ସଫେଇ ଦେଇଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ଟ୍ରମ୍ପଙ୍କୁ ନେଇ ଭୟଭୀତ। ତେଣୁ ଭାରତର କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପାଇଁ ଆମେରିକା ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି। ମୋଦି ସରକାରଙ୍କ ବିଦେଶ ନୀତି ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ିପଡ଼ିଛି। କେନ୍ଦ୍ର ସରକାର ବିରୋଧୀ ନେତାମାନଙ୍କୁ ବିଶ୍ୱାସକୁ ନେଇ ସର୍ବଦଳୀୟ ବୈଠକ ଡାକନ୍ତୁ, ନଚେତ୍ ସମସ୍ତଙ୍କ ସହ ଜଣ ଜଣକରି ଆଲୋଚନା କରନ୍ତୁ ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଦାବି କରିଛନ୍ତି। ବିରୋଧୀଙ୍କ ସମାଲୋଚନା ପରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ମିଡିଆ ବିବୃତିରେ ଟ୍ରମ୍ପ-ମୋଦି ଆଲୋଚନା ପ୍ରସଙ୍ଗକୁ ଖଣ୍ଡନ କରାଯାଇଛି। ଦୁଇ ନେତାଙ୍କ ମଧ୍ୟରେ ବୁଧବାର ଫୋନ୍‌ରେ ରୁଷୀୟ ତୈଳ କ୍ରୟ ସମ୍ପର୍କରେ କୌଣସି ପ୍ରକାର ଆଲୋଚନା ହୋଇନାହିଁ ବୋଲି କୁହାଯାଇଛି। ଇତିମଧ୍ୟରେ ନୂଆଦିଲ୍ଲୀରେ ଅବସ୍ଥାପିତ ରୁଷିଆ ରାଷ୍ଟ୍ରଦୂତ ଡେନିସ୍ ଅଲିପୋଭ୍ କହିଛନ୍ତି, ଆମେ କାହାର ବାଣିଜ୍ୟିକ କାରବାରରେ ହସ୍ତକ୍ଷେପ କରୁନାହୁଁ। ଭାରତ ନିଜ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଆମଠାରୁ ତୈଳ କିଣୁଛି। ତେବେ ରୁଷିଆ ଭାରତ ସହ ଶକ୍ତି ସହଯୋଗ ବଜାୟ ରହିବା ନେଇ ଆଶାବାଦୀ ଏବଂ ନୂଆଦିଲ୍ଲୀ ତୈଳ ଆମଦାନୀ ଜାରି ରଖିବ ବୋଲି ରୁଷିଆ ଉପପ୍ରଧାନମନ୍ତ୍ରୀ ଆଲେକ୍‌ଜାଣ୍ଡାର ନେଭାକ୍ କହିଛନ୍ତି।

ସେପଟେ ବ୍ରିଟେନ୍ ରୁଷିଆର ସର୍ବବୃହତ୍ ତୈଳ ଉତ୍ପାଦନକାରୀଗୁଡ଼ିକ ସମେତ ଚାଇନାର ୨ଟି ଏନର୍ଜି ଫାର୍ମ ଏବଂ ଭାରତୀୟ ରିଫାଇନର୍ ନାୟରା ଏନର୍ଜି ଲିମିଟେଡ୍ ଉପରେ କଟକଣା ଜାରି କରିଛି। ରୁଷିଆ ସହ ତୈଳ କାରବାର ଯୋଗୁ ଏପରି ପଦକ୍ଷେପ ନିଆଯାଇଥିବା ବ୍ରିଟେନ୍ ସ୍ପଷ୍ଟ କରିଛି। ଏଭଳି ସ୍ଥିତିରେ ଅଶୋଧିତ ତୈଳ ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଛି। ଗୁରୁବାର ବ୍ରେଣ୍ଟ ବ୍ୟାରେଲ ପିଛା ୬୨ ଡଲାରର ନିକଟତର ହୋଇଛି। ଆଗକୁ ଏଥିରେ ଆହୁରି ବୃଦ୍ଧି ଘଟିପାରେ ବୋଲି ଜଣେ ବିଶେଷଜ୍ଞ ମତ ଦେଇଛନ୍ତି। କ୍ରୁଡ୍ ଓ ବ୍ରେଣ୍ଟ ଅଧିକ ମହଙ୍ଗା ହେଲେ ଏହା ଜୁଲାଇ ପରଠାରୁ ସର୍ବାଧିକ ହେବ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଈଶ୍ୱର ଚାହିଁଲେ ସବୁ ହୁଏ**
**ଦୂବ ମଧ୍ୟ ଦାରୁ ହୁଏ ।**

ଈଶ୍ୱର ସର୍ବଶକ୍ତିମାନ୍ ତଥା ସର୍ବବିଦ୍ୟମାନ୍। ତାଙ୍କରି ନିର୍ଦ୍ଦେଶରେ ସୂର୍ଯ୍ୟ ଚନ୍ଦ୍ର ଆତଯାତ ହେଉଥିବା ବେଳେ ତାଙ୍କ ବିନା ଇଚ୍ଛାରେ ଗଛରୁ ପତ୍ରଟିଏ ମଧ୍ୟ ଝଡ଼ିପାରି ନ ଥାଏ। ଈଶ୍ୱରଙ୍କ କୃପା ମିଳିଲେ ଦୂବ ଘାସଟି ମଧ୍ୟ ଦାରୁରେ ପରିଣତ ହୋଇଯାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଇଷ୍ଟ ରୁଷ୍ଟ ହେଲେ ସଂଶୋଧନ**
**ଇଷ୍ଟ ରୁଷ୍ଟ ହେଲେ ବୈକୁଣ୍ଠ ସମାନ ।**

ନିଜର ଭୁଲ୍ ଥିଲେ ବା ଦୋଷ ଥିଲେ ସେଥିରେ ଯୁକ୍ତିତର୍କ ନ କରି ତାହାର ସଂଶୋଧନ କରିବା ଉଚିତ୍ ହୋଇଥାଏ। ଏପରି କରିବା ଦ୍ୱାରା ବିବାଦ ଆଗକୁ ବଢ଼ି ନ ଥାଏ ଓ ଏହାଦ୍ୱାରା ଅନେକ ସୁଫଳ ମିଳିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଜନଶୁଣାଣିକୁ ଗୁରୁତ୍ୱ...

ନ ଥିବାବେଳେ ମହିଳା ଓ ଶିଶୁ କଲ୍ୟାଣ ବିଭାଗରେ ୨ହଜାର ୩୧୯ ଅଭିଯୋଗ ଗଡୁଛି। ସେହିପରି ଜଳସମ୍ପଦ ବିଭାଗରେ ୧ହଜାର ୪୪୬, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୪ହଜାର ୯୮୮, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୮ହଜାର ୬୫୨ ଏବଂ ଖଣି ଓ ଇସ୍ପାତ ବିଭାଗରେ ୫୦୬ଟି ଅଭିଯୋଗ ଗଡୁଛି। ପଞ୍ଚାୟତିରାଜ ବିଭାଗକୁ ବାଦ୍ ଦେଇ ଅନ୍ୟ ୫ଟି ବିଭାଗରେ ଅଭିଯୋଗ ସମାଧାନ ହାର ୮୦ପ୍ରତିଶତରୁ କମ୍ ରହିଛି।

ଇତିମଧ୍ୟରେ ରାଜ୍ୟରେ ୪୦ଟି ବିଭାଗକୁ ୪ଲକ୍ଷ ୯୯ହଜାର ୮୫୧ଟି ଅଭିଯୋଗ ମିଳିଥିବାବେଳେ ଗତ ସେପ୍ଟେମ୍ବରରେ ୧୭ହଜାର ୧୧ଟି ଅଭିଯୋଗ ସରକାରଙ୍କ ହସ୍ତଗତ ହୋଇଛି। ସେପ୍ଟେମ୍ବର ମାସରେ ସରକାରଙ୍କ ହସ୍ତଗତ ହୋଇଥିବା ଅଭିଯୋଗର ସମାଧାନ ହାର ୧୧ପ୍ରତିଶତ ଭିତରେ ରହିଛି। ଅଧିକାଂଶ ବିଭାଗର ଅଭିଯୋଗ ସମାଧାନ ହାର ୩ରୁ ୫ପ୍ରତିଶତ ମଧ୍ୟରେ ରହିଛି। ସେପ୍ଟେମ୍ବର ସୁଦ୍ଧା ରାଜ୍ୟରେ ୬୬ହଜାର ୮୬୮ଟି ଅଭିଯୋଗ ୪୦ଟି ବିଭାଗରେ ଗଡୁଛି। ଅଭିଯୋଗ ସମାଧାନ ହାର ମଧ୍ୟରେ ସାଧାରଣ ଉଦ୍ୟୋଗ, ସୂଚନା ଓ ଲୋକସମ୍ପର୍କ, ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନଶିଳ୍ପ ବିଭାଗର ସମାଧାନ ହାର ୯୭ରୁ ୯୮ପ୍ରତିଶତ ମଧ୍ୟରେ ରହିଛି।

## ବର୍ଷକରେ ୧.୫ କୋଟି...

ଦେଶର ଅର୍ଥନୀତି ଏବଂ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ନେଇ ଅଧ୍ୟୟନରେ କୁହାଯାଇଛି। ଗତବର୍ଷ ବନାଗ୍ନି ଯୋଗୁ ବିଶ୍ୱବ୍ୟାପୀ ୩୭ ଲକ୍ଷ ବର୍ଗ କି.ମି. ଅଞ୍ଚଳ ଜଳିଯାଇଥିଲା, ଯାହା ଭାରତର କ୍ଷେତ୍ରଫଳଠାରୁ ମଧ୍ୟ ଅଧିକ। ଏଥିରୁ ନିର୍ଗତ ହୋଇଥିବା ଅଙ୍ଗାରକାମ୍ଳ ୮ ବିଲିୟନ ଟନ୍‌ରୁ ଅଧିକ ବୋଲି ରିପୋର୍ଟରେ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ବିଶ୍ୱବ୍ୟାପୀ ବନାଗ୍ନି ଘଟଣାକୁ ବଢ଼ାଇବା ସହ ଏହାର ଗମ୍ଭୀରତାକୁ ବୃଦ୍ଧି କରିଛି ବୋଲି ଏହି ଅଧ୍ୟୟନ ସ୍ପଷ୍ଟ ଭାବେ ପ୍ରମାଣିତ କରିଥିବା ଅଧ୍ୟୟନର ମୁଖ୍ୟ ଲେଖକ ଡଗ୍‌ଲାସ କେଲୀ କହିଛନ୍ତି। ଗତବର୍ଷ ସାରା ବିଶ୍ୱରେ ୧୦ କୋଟି ଲୋକ ବନାଗ୍ନିର ସମ୍ମୁଖୀନ ହୋଇ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ। ଦକ୍ଷିଣ ଏବଂ ଦକ୍ଷିଣପୂର୍ବ ଏସିଆ, ମଧ୍ୟ ଏବଂ ପୂର୍ବ ଆଫ୍ରିକାରେ ଏହି ସଂଖ୍ୟା ସର୍ବାଧିକ ଥିଲା ବୋଲି ଅଧ୍ୟୟନରେ କୁହାଯାଇଛି। ବନାଗ୍ନି ଯୋଗୁ ଭାରତ ଏବଂ ରିପବ୍ଲିକ ଅଫ୍ କଙ୍ଗୋରେ ସର୍ବାଧିକ ୧.୫ କୋଟି ଲେଖାଏ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ନାଇଜେରିଆ, ଚାଇନା, ମୋଜାମ୍ବିକ ଏବଂ ଦକ୍ଷିଣ ସୁଦାନରେ ୫୦ ଲକ୍ଷ ଲେଖାଏ ଲୋକ ପ୍ରଭାବିତ ହୋଇଥିବା ଏହି ଅଧ୍ୟୟନ କହିଛି। ବନାଗ୍ନି ଯୋଗୁ ଗତବର୍ଷ ବିଶ୍ୱବ୍ୟାପୀ ୨୧୫ ବିଲିୟନ ଡଲାର ମୂଲ୍ୟର ଘର ଏବଂ ଭିତ୍ତିଭୂମିକୁ କ୍ଷତି ପହଞ୍ଚିଛି। ଭାରତରେ ୪୪ ବିଲିୟନ ଡଲାର (ପ୍ରାୟ ୩.୬ ଲକ୍ଷ କୋଟି ଟଙ୍କା)ର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ଏହାପଛକୁ ଆମେରିକାରେ ୨୬ ବିଲିୟନ ଡଲାର ଏବଂ ଚାଇନାରେ ୧୭ ବିଲିୟନ ଡଲାର ମୂଲ୍ୟର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥିବା ଏହି ରିପୋର୍ଟ କହିଛି।

Prestige

ରୋଷେଇକୁ ଯିଏ ଭଲ ପାଆନ୍ତି, ପ୍ରେଷ୍ଟିଜ୍‌କୁ ଅସ୍ୱୀକାର କରିବେ କେମିତି!

## ଏଭଳି ଉଦ୍ଭାବନ ଯାହା ନେଇ ଗର୍ବ କରାଯାଏ, ଏଭଳି ଦାମରେ ଯାହା ଉଦଯାପନ କରାଯାଏ

ଶୁଭ ସଞ୍ଚୟ (କମି ଯାଇଥିବା GST ଦାମ) ଏବଂ ଶୁଭ ଉତ୍ସବ ଅଫର୍ସର ସହିତ ଉତ୍ସବ ଉଦଯାପନର ଆନନ୍ଦ ହେଉ ଦ୍ୱିଗୁଣ

Prestige ଶୁଭ ଉତ୍ସବ
10 ସେପ୍ଟେମ୍ବର – 31 ଅକ୍ଟୋବର, 2025



ଉତୁରି ପଡୁଥିବାକୁ ନିୟନ୍ତ୍ରଣରେ ରଖେ
ସ୍ୱଚ୍ଛ ଡୀପ୍ ଲିଡ୍
ସମାନ ହିଟିଙ୍ଗ ପାଇଁ 3ଟି ଲେୟାର

75 Years of Prestige

କିଣନ୍ତୁ*
ସ୍ୱଚ୍ଛ ଟ୍ରାଇ-ପ୍ଲାଇ 3 ଲି କୁକର୍
MRP: ₹3 535.00
(GST ହ୍ରାସର ପରବର୍ତ୍ତୀ ମୂଲ୍ୟ)

₹1 530.00 ମୂଲ୍ୟରେ ସ୍ୱଚ୍ଛ ଟ୍ରାଇ-ପ୍ଲାଇ କୁକର୍ ସହିତ ଷ୍ଟେନ୍‌ଲେସ୍ ଷ୍ଟିଲ୍ କଢ଼େଇ 24 ସେମି ମାଗଣାରେ*

କିଣନ୍ତୁ
ଟ୍ରାଇ-ପ୍ଲାଇ 3 ପିସ୍ କୁକ୍‌ୱେୟାର ସେଟ୍*
(କଢ଼େଇ, ଫ୍ରାଇ ପ୍ୟାନ୍, ସସ୍ ପ୍ୟାନ୍)
MRP : ₹4 990.00
(GST ହ୍ରାସର ପରବର୍ତ୍ତୀ ମୂଲ୍ୟ)
ଏବଂ ପାଆନ୍ତୁ
₹2 945.00 ମୂଲ୍ୟର ସ୍ୱଚ୍ଛ ଟ୍ରାଇ-ପ୍ଲାଇ କୁକର୍ 2 ଲି
ମାଗଣାରେ*

କିଣନ୍ତୁ
ମ୍ୟାଜିକ୍ ବେସ୍ ପ୍ରିମିୟମ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ କ୍ୟାସେରୋଲ୍ 24 ସେମି
MRP : ₹6 080.00
(GST ହ୍ରାସର ପରବର୍ତ୍ତୀ ମୂଲ୍ୟ)
ଏବଂ ପାଆନ୍ତୁ
₹3 100.00 ମୂଲ୍ୟର ନକ୍ଷତ୍ର ଆଲଫା ସ୍ୱଚ୍ଛ କୁକର୍ 3 ଲି
ମାଗଣାରେ*

କିଣନ୍ତୁ
ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ଲାଟିନା 3 ପିସ୍ କୁକ୍‌ୱେୟାର ସେଟ୍*
(କଢ଼େଇ, ଫ୍ରାଇ ପ୍ୟାନ୍, ସସ୍ ପ୍ୟାନ୍)
MRP : ₹3 730.00
(GST ହ୍ରାସର ପରବର୍ତ୍ତୀ ମୂଲ୍ୟ)
ଏବଂ ପାଆନ୍ତୁ
₹2 480.00 ମୂଲ୍ୟର ଷ୍ଟେନ୍‌ଲେସ୍ ଷ୍ଟିଲ୍ ନକ୍ଷତ୍ର ଏସେନସିଆଲ୍ ସ୍ୱଚ୍ଛ କୁକର୍ 3 ଲି
ମାଗଣାରେ*

PRASA-2025

ସମସ୍ତ ମୂଲ୍ୟ ହ୍ରାସ ପାଇଁ QR କୋଡ୍ ସ୍କାନ୍ କରନ୍ତୁ
সংশোধিত GST হার 22 সেপ্টেম্বর থেকে প্রযোজ্য।

CUSTOMER CARE NO 080-60004411 | Scan to find Prestige Xclusive stores | Shop Online on shop.ttkprestige.com | ttk

ସଂଶୋଧିତ GST ହାର 22 ସେପ୍ଟେମ୍ବର ଠାରୁ ପ୍ରଯୁଜ୍ୟ ।

*ନିୟମ ଓ ସର୍ତ୍ତାବଳୀ । ଗୋଟିଏ ଜିନିଷ ପାଇଁ ଯେଉଁ ଦାମ ଲେଖା ଅଛି, ସେଥିରେ ସବୁ ଟ୍ୟାକ୍ସ ଯୋଗ କରି ଏମଆରପି ଦିଆ ହୋଇଛି । ରିହାତି କେବଳ ଏମଆରପି ଉପରେ ପ୍ରଯୁଜ୍ୟ, ଏବଂ ଦୁଇଟି ଅଫର ଏକ ସାଥିରେ ନିଆ ଯାଇ ପାରିବ ନାହିଁ । ପ୍ରତିଟି ଅଫର କେବଳ ଏକ ୟୁନିଟ୍ କିଣିବା କ୍ଷେତ୍ରରେ ପ୍ରଯୁଜ୍ୟ । ପ୍ରତିଟି ଯୋଗ୍ୟ କ୍ରୟରେ ଏକ ୟୁନିଟ୍ ମାଗଣାରେ ଦିଆ ହେବ । ଅଫର କେବଳ ନିର୍ଦ୍ଦିଷ୍ଟ ମଡେଲ୍ ଓ ବଛା ଯାଇଥିବା ଷ୍ଟୋର୍‌ରେ ପ୍ରଯୁଜ୍ୟ, ଏବଂ ଷ୍ଟକ୍ ଥିବା ପର୍ଯ୍ୟନ୍ତ ଚାଲିବ । ଗୋଟିଏ ସ୍ୱଚ୍ଛ ଟ୍ରାଇ-ପ୍ଲାଇ 3 ଲିଟର ଇନର ଲିଡ୍ କୁକର୍ କିଣିଲେ, ଗ୍ରାହକ 24 ସେମିର ଗୋଟିଏ ଏସ୍‌ଏସ୍ କଢ଼େଇ ପାଇବେ । ଟ୍ରାଇ-ପ୍ଲାଇ 3-ପିସ୍ କୁକ୍‌ୱେୟାର ସେଟ୍‌ରେ ରହିଛି 24 ସେମି ଫ୍ରାଇ ପ୍ୟାନ୍, ଏସ୍‌ଏସ୍ ଲିଡ୍ ସହ 24 ସେମି କଢ଼େଇ ଓ 16 ସେମି ସସ୍‌ପ୍ୟାନ୍ । ଏସ୍‌ଏସ୍ ପ୍ଲାଟିନା 3-ପିସ୍ କୁକ୍‌ୱେୟାର ସହିତ ରହିଛି 22 ସେମି ଫ୍ରାଇ ପ୍ୟାନ୍, ଗ୍ଲାସ୍ ଲିଡ୍ ସହ 22 ସେମି କଢ଼େଇ ଓ ଗ୍ଲାସ୍ ଲିଡ୍ ସହ 16 ସେମି ସସ୍‌ପ୍ୟାନ୍ । ପ୍ରେଷ୍ଟିଜ୍‌ର ଲୋଗୋ ଭାରତରେ ଟିଟିକେ ପ୍ରେଷ୍ଟିଜ୍ ଲିମିଟେଡ୍‌ର ରେଜିଷ୍ଟର୍ଡ ଟ୍ରେଡମାର୍କ । ବିଶଦ ନିୟମ ଓ ସର୍ତ୍ତାବଳୀ ଜାଣିବା ପାଇଁ ଆପଣଙ୍କ ନିକଟବର୍ତ୍ତୀ ପ୍ରେଷ୍ଟିଜ୍ ଏକ୍ସକ୍ଲୁସିଭ୍/ଡିଲର୍ ଆଉଟଲେଟ୍‌କୁ ଯାଆନ୍ତୁ ।

**For Franchise Enquiry, please contact Mob - 7978985580 ■ For Distributor & Institutional enquiries Call +91 7008309169**

Prestige® | Xclusive

**BHUBANESWAR, Rabi Takies Chhak:** opposite to Kedar Gouri Resort Mob: 7750925223 , **Bapuji Nagar**: 105 Bapuji Nagar, Behind Yes Bank(Old Post Office Lane) Lane No 08, 0674-2597141/9937138998 **Bapuji Nagar:** 237,Pani Tanki Lane,Bapuji Nagar Ph: 0674 2597685 Mob: 9777744071, **Sunderpada :**Shop No. 11, Vinayak Enclave, , 7008463572 **Satyangar:** 10, Janpath, Satyangar, Mob: 8280056821, **ID Market:** Shop No FG 3, I.D. Market, Near Reliance Fresh, IRC Village Mob: 9861404879, **Damana:** 248, Sailashree Vihar Road, Damana Mob : 7327902258, **Baramunda:** A/37, Ruchika Market, Baramunda, Mob : 9937073674, **CUTTACK, Dolmundai:** Hotel Akbari complex, Dolomundai, Haripur Road, Ph: 0671 2910337; Mob: 9348222581, **CDA:** Plot No.CM/3 (In front of Police Station), Markat Nagar, Sector - 7, Mob: 8917442506, 8280079702 , **Rourkela:** Daily Market, Near Reliance trend, Rourkela, Mob: 9777457774 , **BALUGAON**: Chilika Road, Balugaon, Mob: 8984858783 **KENDRAPARA**: Kakat Chhak, Ph: 06727 221241; Mob: 9040562233 **DHENKANAL:** I.G. Super Market, near SBI ATM; Mob: 9337477279/ 9348178750 **BOLANGIR:** A.B.S.S. Road, Near Samaleswari Temple, Ph: 06652 232419; Mob : 9437331171, 9437241863 **SEMILIGUDA:** Infront of RAM Mandir Gate,Main Road, Mob: 8328800974. **BARGARH:** C/o: New patra needs, infront of Gopal Goshala,NH-6, Main Road, Mob: 9776323188. **Berhampur:**Plot No 1865/2608, Khata No 833/395, Aska Road, opposite Chaturbhuj Petrol Pump- 09337748007,**Khordha:** Shop No- 140 & 145, Municipality Complex, New Bus Stand, in front of Bajaj Showroom,9552614450

**BHUBANESWAR:-**REETA-9938677424, Crockery Plaza-9938399889,BNM Enterprises-7008480152, Lingaraj Store-7978209549,Sulochana Enterprises-9338067682,Spectra Vision, Ph.-9937722277, Pratap Sewing Machine-9937138544, Utkal Light house-9937019272, Tammana Trading-7004248554 -Utkal Sales-9853150619, Triveni Agency-9937612806,Ghar Sansar Mart-7205377126,Bharat Electronics-9556760383, Balaji Electonics-9938469841, Sai Traders-7008298692-Bhubaneswar, S B Enterprises-9437310480, B S Enterprises, Ph 9861155551, ,Sai Associate-9937065641,Pursty Home appliances-8249694212,Sreeji Enterprises-9040533801, **Jatni-**D B enterprises-9078919100,**Khordha-**Maharana enterprises-7978018288,Kitchen Plaza-9337756820,**Balipatna-** Tarini Aluminum Stores-9438568797, **CUTTACK-** Patra Electonics-7008312282,Union Sales Emporium-9338461472,Nigam store-8249064237, Janata General Store-9937966355, Arbinda Plastic- 8763923528, Arbinda home Appliances-9438480346,Puspak Agency-7205016581, Balaji Distributor-8763153928 ,**Chowdar-**Prince Electronics-986110122, **Salepur-** Sanjaya electronics-9777777529, **Rahama -**Maa Padmavati Bastralaya-8908194534,**PARADEEP:-** Krishna Enterprise, **Kujanga-** Satapathy Enterprises-9437088525,**ROURKELA:-** Prestige-7064584070.Kitchen Accessories-7008058146 , **Sundergarh-**Laxmi Steel-8895443777 , **Sambalpur-**Samuka Steel Center-9437331074,Rathi Steel -9040448466, **Bhadrak-**Sako Sales-9777988814,Radhika Furniture-9437991876, **Baripada-**Aerovision-9861828643, ,**Angul-**Saralia Trading-9439471222, M.K Enterprises- 9776667882 **Nayagarh-**Ganapati Home Appliances-9583281930,**Balasore-**United Sales Agency-9583519516,**Pattamundei-**Nalini & Sons-9938175761 , **Pallahara** -Kanha Enterprises-9437334629 ,

MARUTI SUZUKI NEXA

# CELEBRATIONS JUST GOT BIGGER.
## WITH GST BENEFITS + LIMITED PERIOD FESTIVE OFFERS*

| | PRICE REDUCTION OF UP TO# | NOW STARTING AT# | ADDITIONAL FESTIVE OFFERS OF UP TO* |
|---|---|---|---|
| FRONX | ₹1 12 600 | ₹6 84 900 | ₹75 000 |
| GRAND VITARA | ₹1 07 000 | ₹10 76 500 | ₹2 10 000 + 5 Year Extended Warranty |
| BALENO | ₹86 100 | ₹5 98 900 | ₹52 500 |
| IGNIS | ₹71 300 | ₹5 35 100 | ₹65 000 |
| INVICTO | ₹61 700 | ₹24 97 400 | ₹1 55 000 |
| XL6 | ₹52 000 | ₹11 52 300 | ₹55 000 |
| JIMNY | ₹51 900 | ₹12 31 500 | ₹85 000 |



SCAN TO CONNECT TO A SHOWROOM NEAR YOU

NEXA SAFETY SHIELD

*FESTIVE OFFERS VALID TILL 23RD OCT ONLY

UP TO 100% WAIVER ON CAR LOAN PROCESSING FEE (ONLY TILL 31ST OCT)##

E-BOOK TODAY @ WWW.NEXAEXPERIENCE.COM

Contact us at 1800-200-[6392] 1800-102-[6392]

For detailed T&C kindly visit your nearest dealership. Features and accessories shown may not be a part of the standard fitment. Black glass shade on the vehicle is due to the lighting effect. Images used are for illustration purposes only. All offers are brought to you by NEXA dealers only. Offers and features may vary subject to the model and variant purchased. *The mentioned offers include "Consumer Offer + Booking offer + Exchange Bonus + Rural offer", and may vary from city to city. Please contact nearby dealership for more details. Maruti Suzuki reserves the right to withdraw offers at any point in time without any advance notice. All offers are applicable till 23rd October '25 or till stocks last. Maruti Suzuki Smart Finance is now available pan India. Maruti Suzuki Subscribe is available only in selected cities. ##Offers include consumer offer, exchange bonus and institutional or rural offers (wherever applicable) on select models/variants. Finance is at the sole discretion of the financer by selected finance partners. #Prices and savings mentioned above are for select variants and may vary across cities/ variants.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୭/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, October 17/2025 | Page 16 | ₹ 7.00 | BERHAMPUR

୫୧ଶ ଭାଗ ୩୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 321 | ମୂଲ୍ୟ ₹୭/-




# ଅନ୍ଧାରରେ ରାଜ୍ୟର ୨୯% ଘର

## ୪୯% ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ ପହଞ୍ଚି ପାରିନାହିଁ

**ଓଡ଼ିଶାରେ ବର୍ତ୍ତମାନ ମଧ ୨୯% ପରିବାର ପାଖରେ ବିଦ୍ୟୁତ୍ ସେବା ପହଞ୍ଚି ପାରିନାହିଁ। ଓଡ଼ିଶା ଏକ ବିଦ୍ୟୁତ୍ ବଳକା ରାଜ୍ୟ ହୋଇଥିବା ସତ୍ତ୍ୱେ ଏତେ ସଂଖ୍ୟକ ପରିବାର ଅନ୍ଧାରରେ ରହିବା ସରକାରଙ୍କ ପାଇଁ ଚିନ୍ତାଜନକ ବିଷୟ। ଏ ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ଜନଜାତି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ସ୍ପଷ୍ଟ କୁହାଯାଇଛି ଯେ, ଓଡ଼ିଶାରେ ପର୍ଟିକୁଲାରଲି ଭଲ୍‌ନେରେବଲ୍ ଟ୍ରାଇବାଲ ଗ୍ରୁପ୍(ପିଭିଟିଜି) ବର୍ଗର ଜଣେ ମଧ ବ୍ୟକ୍ତି ବିଦ୍ୟୁତ୍ ସେବାରୁ ବଞ୍ଚିତ ହେବା ଅନୁଚିତ। ସେଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି। ଗତ ୧୪ ତାରିଖରେ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ସଚିବ ବିଭୁ ନାୟାର ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଏନେଇ ପତ୍ର ଲେଖିଛନ୍ତି। ରାଜ୍ୟର ସମସ୍ତ ପିଭିଟିଜି ଗ୍ରାମକୁ ଅକ୍ଟୋବର-୨୦୨୫ ସୁଦ୍ଧା ସବୁ ପ୍ରକାର ସରକାରୀ ସେବା ପହଞ୍ଚାଇବା ଆବଶ୍ୟକ ବୋଲି ପତ୍ରରେ ଦର୍ଶାଇଛନ୍ତି।**

ଭୁବନେଶ୍ୱର,୧୬।୧୦ (ରବିନାରାୟଣ ଜେନା)

ନଭେମ୍ବର ୨୦୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଏକ ମେଗା ଇଭେଣ୍ଟ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ପିଭିଟିଜି ଗ୍ରାମଗୁଡ଼ିକୁ 'ସ୍ୟାଚୁରେଟେଡ୍' ତଥା ସମସ୍ତ ସେବା ପହଞ୍ଚିଛି ବୋଲି ଘୋଷଣା ଓ ପ୍ରମାଣିତ କରାଯିବ। ଏହାକୁ ଦୃଷ୍ଟିରେ ରଖି 'ପିଏମ୍-ଜନମନ' ମିଶନରେ ରାଜ୍ୟରେ ଥିବା ପିଭିଟିଜି ବର୍ଗଙ୍କ ନିକଟରେ ଯେଭଳି ସମସ୍ତ ପ୍ରକାର ସରକାରୀ ସେବା ତଥା ଯୋଜନା

### ମୁଖ୍ୟ ଶାସନ ସଚିବଙ୍କୁ ଜନଜାତି ମନ୍ତ୍ରଣାଳୟର ନିର୍ଦ୍ଦେଶ

### ବିଦ୍ୟୁତ୍ ସଂଯୋଗରୁ ଜଣେ ବି ପିଭିଟିଜି ବାଦ୍ ନ ପଡ଼ନ୍ତୁ

ଉପଲବ୍ଧ ହୋଇପାରିବ ସେନେଇ ଗୁରୁତ୍ୱ ଦେବାକୁ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ସଚିବ ବିଭୁ ନାୟାର ରାଜ୍ୟ ସରକାରଙ୍କୁ ଚିଠି କରିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ପିଏମ୍-ଜନମନ ଯୋଜନା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହା ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଚାଲିବ। ପିଏମ୍ ଜନମନ ଅଧୀନ ଅନେକ କାର୍ଯ୍ୟରେ ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ। ଓଡ଼ିଶାରେ ଏହି ଯୋଜନାରେ କିଛି ମୁଖ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଦେଖାଯାଇଛି, ତଥାପି ଏହି ଗତିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ନାୟାର ଦର୍ଶାଇଛନ୍ତି, ଓଡ଼ିଶାରେ ଅଦ୍ୟାବଧି ୭୧% ଘରେ ବିଦ୍ୟୁତ୍ ସଂଯୋଗ ହୋଇଛି। କିନ୍ତୁ ରାଜ୍ୟ ସରକାର ଏକ୍ଷେତ୍ରରେ ନିଶ୍ଚିତ କରିବା ଆବଶ୍ୟକ ଯେ ପିଭିଟିଜିମାନେ ବିଲ୍ ଦେଉ ନ ଥିବା ଯୋଗୁ ଯେଭଳି ତାଙ୍କର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଏନେଇ 'ଗ୍ରାମସଭା' ଏକ ପ୍ରମାଣପତ୍ର ଦେବା ଆବଶ୍ୟକ। ଏପରି କି 'ଡିସ୍‌କମ୍' କିମ୍ବା ଜିଲା ପ୍ରଶାସନ ଦ୍ୱାରା ବିଦ୍ୟୁତ୍ ☞ପୃଷ୍ଠା-୫

# ନୂଆପଡ଼ାର ବିକାଶ ମୋ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ




ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ନେତୃବୃନ୍ଦ।

ନୂଆପଡ଼ା,୧୬।୧୦ (ମକାରୁ ବେମାଲ)

ନୂଆପଡ଼ାର ବିକାଶ ତାଙ୍କ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ଖରିଆର ରୋଡ୍ ଗୋଟମା ଏୟାରଷ୍ଟ୍ରିପ ପଡ଼ିଆରେ ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆପଡ଼ାକୁ ସେ ସ୍ୱତନ୍ତ୍ର ଭାବରେ ଦେଖିବେ ଓ ବାରମ୍ବାର ଆସିବେ। ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଅଧୁରା ସ୍ୱପ୍ନକୁ ସେ ପୂରଣ କରିବେ ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଇତିମଧ୍ୟରେ ସେ ଏହି ଜିଲାକୁ ୪ଥର ଆସି ସାରିଲେଣି। ମାରାଗୁଡ଼ା ମହୋତ୍ସବ ସମୟରେ ସେ ସାଢ଼େ ୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ପାଇଁ ଅନୁଦାନ ମଞ୍ଜୁର କରିଥିଲେ। ଗତ ୬ ତାରିଖରେ ୧,୧୦୧ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ନୂତନ ପ୍ରକଳ୍ପ ଘୋଷଣା କରିଛନ୍ତି। ଦୁଇଟି ଏନ୍‌ଏସି ଓ ଗୋଟିଏ ମ୍ୟୁନିସିପାଲିଟି ମଧ୍ୟ ଘୋଷଣା କରାଯାଇଛି। କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ରହିଛି। ତାଙ୍କ ସରକାର ସବୁବେଳେ ବିକାଶ ଚାହାନ୍ତି ଓ କେବଳ କଥାରେ ନୁହେଁ, କାମ କରି ଦେଖାନ୍ତି ବୋଲି ସେ କହିଛନ୍ତି। ସେ ପୁଣି କହିଛନ୍ତି, ୨୦୨୪ ନିର୍ବାଚନ ସମୟରେ ଯାହା କହିଥିଲୁ ତାହା କରି ଦେଖାଇଲୁ। ଚାଷୀଙ୍କ ଧାନ କୁଇଣ୍ଟାଲ ୩୧ ଶହ ଟଙ୍କା, ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୫ ବର୍ଷରେ ୫୦ ହଜାର ଟଙ୍କା ଦେବାକୁ ଘୋଷଣା କରିଛୁ। ବର୍ତ୍ତମାନ ୩ଟି କିସ୍ତିରେ ୧୫ ହଜାର ଟଙ୍କା ଦିଆସରିଲାଣି। ୮୦ ବର୍ଷର ବୃଦ୍ଧାବୃଦ୍ଧଙ୍କ ଭତ୍ତା ୩୫ ଶହ ଟଙ୍କା କରିଛୁ। ରାଜ୍ୟରେ ୨୫ ବର୍ଷ ଶାସନରେ ଥିବା ବିଜେଡି ସରକାର ଆଦିବାସୀଙ୍କୁ ଅଣଦେଖା କରୁଥିଲା। ଭାଜପା ସରକାର କ୍ଷମତାକୁ ଆସିଲା ପରେ ଜଣେ ଆଦିବାସୀ ମହିଳା ରାଷ୍ଟ୍ରପତି ହୋଇଛନ୍ତି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ। ମନ୍ତ୍ରିମଣ୍ଡଳରେ ଅନେକ ଆଦିବାସୀ ନେତା ସଦସ୍ୟ ରହିଛନ୍ତି। ନୂଆପଡ଼ା ଏକ ଆଦିବାସୀ ବହୁଳ ଜିଲା ହୋଇଥିବାବେଳେ ସେମାନଙ୍କ ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ବର୍ତ୍ତମାନ ସମୟରେ ବିଜେଡି ଦେବାଳିଆ ହୋଇଗଲାଣି। ବିଜେଡିକୁ ☞ପୃଷ୍ଠା-୫

**ନୂଆପଡ଼ା ଉପନିର୍ବାଚନ**

# ଭାଜପାର ୪୦ ଷ୍ଟାର ପ୍ରଚାରକ

### ମୁଖ୍ୟମନ୍ତ୍ରୀଙ୍କ ସହ ବିଷ୍ଣୁଦେବ ସାଏ, ଧର୍ମେନ୍ଦ୍ର, ଅଶ୍ୱିନୀ, ଜୁଏଲ ପ୍ରଚାର କରିବେ

ଭୁବନେଶ୍ୱର, ୧୬।୧୦ (ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ପାଇଁ ବିଗୁଲ ବାଜିସାରିଥିବା ବେଳେ ୩ ଦଳର ପ୍ରାର୍ଥୀଙ୍କ ନାମ ମଧ୍ୟ ଘୋଷଣା ସରିଛି। ଉପନିର୍ବାଚନ ଲାଗି ଭାଜପା ପକ୍ଷରୁ ୪୦ ଜଣିଆ ତାରକା ପ୍ରଚାରକ ତାଲିକା ଗୁରୁବାର ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ପ୍ରଦାନ କରାଯାଇଛି। ଏହି ତାରକା ପ୍ରଚାରକମାନେ ପ୍ରଚାରର ମଞ୍ଚ ଧରି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିବା ସହ ଦଳ ସହିତ ଯୋଡ଼ିହେବା ପାଇଁ ଭୋଟରଙ୍କୁ ଆକୃଷ୍ଟ କରିବେ ବୋଲି ଦଳର ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ଏହି ୪୦ ଜଣିଆ ତାଲିକାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ ଓରାମ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହ ପ୍ରଭାରୀ ଲତା ଉସେଣ୍ଡି, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଓ ପ୍ରଭାତୀ ପରିଡ଼ା, ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ, ମନ୍ତ୍ରୀ ସୁରେଶ ପୂଜାରୀ, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ସାଂସଦ ବ୍ରିଜମୋହନ ଅଗ୍ରୱାଲ, ଏମ୍‌ପି ସଂଗୀତା ସିଂଦେଓ, ମନ୍ତ୍ରୀ ରବିନାରାୟଣ ନାଏକ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଛତିଶଗଡ଼ ସରକାରଙ୍କ ମନ୍ତ୍ରୀ ଗୁରୁ ଖୁସ୍‌ୱନ୍ତ ସାହିବ, ସାଂସଦ ପ୍ରଦୀପ ପୁରୋହିତ, ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ସାଂସଦ ରୂପକୁମାରୀ ଚୌଧୁରୀ, ସାଂସଦ ମାଳବିକା ଦେବୀ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ବିଧାୟକ ☞ପୃଷ୍ଠା-୫


# ଗୁଜରାଟ କ୍ୟାବିନେଟ୍‌ର ସମୂହ ଇସ୍ତଫା

### ଆଜି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

ଗାନ୍ଧୀନଗର,୧୬।୧୦

ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଶୁକ୍ରବାର ତାଙ୍କ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରିବାକୁ ଯାଉଥିବାରୁ ଗୁରୁବାର ତାଙ୍କୁ ବାଦ୍ ଦେଇ ସମ୍ପୂର୍ଣ୍ଣ କ୍ୟାବିନେଟ ଇସ୍ତଫା ଦେଇଛି। ସମସ୍ତ ୧୬ ମନ୍ତ୍ରୀଙ୍କ ଇସ୍ତଫାପତ୍ରକୁ ଭାଜପା ଗ୍ରହଣ କରିଛି। ବର୍ତ୍ତମାନର ସରକାର ପାଖାପାଖି ୩ ବର୍ଷ ପୂରଣ କରିଛି। ଆଗକୁ ଗୁରୁତ୍ୱପୂର୍ଣ୍ଣ ପୌର ନିର୍ବାଚନ, ଜିଲା ପଞ୍ଚାୟତ ଓ ତାଲୁକ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାବେଳେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ନିଷ୍ପତ୍ତି ନିଆଯାଇଛି। ୧୮୨ ସଦସ୍ୟ ବିଶିଷ୍ଟ ଗୁଜରାଟ ବିଧାନସଭାରେ ୧୫ ପ୍ରତିଶତ ଅନୁପାତରେ ୨୭ ଜଣ ମନ୍ତ୍ରୀ ହୋଇପାରିବେ। ରାଷ୍ଟ୍ରମନ୍ତ୍ରୀ ଥିବା ଜଗଦୀଶ ବିଶ୍ୱକର୍ମାଙ୍କୁ ଚଳିତ ମାସରେ ଗୁଜରାଟ ଭାଜପା ରାଜ୍ୟ ସଭାପତି ନିଯୁକ୍ତ କରାଯାଇଥିଲା। ଶୁକ୍ରବାର ପୂର୍ବାହ୍ଣ ୧୧ଟା ୩୦ରେ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ନବନିଯୁକ୍ତ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ।

# ବିଦାୟ ନେଲା ମୌସୁମୀ, ୨୧ରେ ଲଘୁଚାପ



ଭୁବନେଶ୍ୱର, ୧୬।୧୦(ବନ୍ଦନା ସେଠୀ)

ଓଡ଼ିଶା ସମେତ ସାରା ଦେଶରୁ ଗୁରୁବାର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବିଦାୟ ନେଇଛି। ଏବେ ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନ ଥିବାବେଳେ ଗୁରୁବାର କାଁ ଭାଁ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ତେବେ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ଓଡ଼ିଶାରେ ପାଗ ଶୁଖିଲା ରହିବ। କିନ୍ତୁ ଆସନ୍ତା ୨୧ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପଟି ଉତ୍ତର-ପଶ୍ଚିମ ଦିଗରେ ମୁହାଁଇ ମୁଖ୍ୟତଃ ତାମିଲନାଡୁ ଓ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଆଡକୁ ଗତି କରିବ। ୨୩ ତାରିଖ ବେଳକୁ ଏହା ଅବପାତର ରୂପ ନେଇପାରେ। ଅବପାତ ନେଇ ଜିଏଫ୍‌ଏସ୍ ମଡେଲ ଦର୍ଶାଇଥିବାବେଳେ ଅନ୍ୟ କୌଣସି ମଡେଲ ପୂର୍ବାନୁମାନ କରିନାହାନ୍ତି। କିନ୍ତୁ ଓଡ଼ିଶା ଉପରେ ଏହା ପ୍ରଭାବ ପକାଇବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ପଦାଧିକାରୀ ତାଲିକା ପ୍ରକାଶକଲା ଭାଜପା

- **୧୦ ଉପସଭାପତି, ୪ ସାଧାରଣ ସମ୍ପାଦକ , ୧୦ ସମ୍ପାଦକ ନିଯୁକ୍ତ**
- **ଜଣେ କୋଷାଧ୍ୟକ୍ଷ, ଜଣଙ୍କୁ ଯୁଗ୍ମ କୋଷାଧ୍ୟକ୍ଷ ପଦବୀ ମିଳିଲା**

ଭୁବନେଶ୍ୱର, ୧୬।୧୦(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ଭାବେ ମନମୋହନ ସାମଲ ଦାୟିତ୍ୱ ଗ୍ରହଣକରିବା ପରେ ପ୍ରଥମ ପଦାଧିକାରୀ ତାଲିକା ଘୋଷଣା ହୋଇଛି। ଉକ୍ତ ତାଲିକାରେ ୧୦ ଜଣ ଉପସଭାପତି, ୪ ଜଣ ସାଧାରଣ ସମ୍ପାଦକ ଏବଂ ୧୦ ଜଣ ସମ୍ପାଦକ ରହିଛନ୍ତି। ଏହାସହ ଜଣେ କୋଷାଧ୍ୟକ୍ଷ ଏବଂ ଜଣେ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ପାଇଛନ୍ତି। ୧୦ ଉପସଭାପତିଙ୍କ ମଧ୍ୟରେ ଜତିନ ମହାନ୍ତି, ଅଶୋକ ମିଶ୍ର, କୁସୁମ ଟେଟେ, ରମେଶ ଚନ୍ଦ୍ର ସାହୁ, କେ. ନାରାୟଣ ☞ପୃଷ୍ଠା-୫



## କପିଲ ଶର୍ମାଙ୍କ କାନାଡା କାଫେକୁ ପୁଣି ଗୁଳିମାଡ଼

**ନୂଆଦିଲ୍ଲୀ,୧୬।୧୦**

ହାସ୍ୟାଭିନେତା କପିଲ ଶର୍ମାଙ୍କ କାନାଡାର ସୁରିସ୍ଥିତ କାପ୍ସ କାଫେରେ ବୁଧବାର ବିଳମ୍ବିତ ରାତିରେ ପୁଣି ଗୁଳିମାଡ଼ ହୋଇଛି। ଗତ ୪ ମାସ ମଧ୍ୟରେ ଏହା ତୃତୀୟ ଘଟଣା। ଲରେନ୍ସ ବିଷ୍ଣୋଇଙ୍କ ଗ୍ୟାଙ୍ଗର ୨ ସଦସ୍ୟ ଗୋଲ୍ଡି ଧିଲୋନ୍ ଏବଂ କୁଲଦୀପ୍ ସିଦ୍ଧୁ ସୋସିଆଲ ମିଡିଆ ଜରିଆରେ ଆକ୍ରମଣର ଶ୍ରେୟ ଦାବି କରିଛନ୍ତି। ଜନସାଧାରଣଙ୍କୁ ଦୂରେଇ ରହିବାକୁ ସେମାନେ ସତର୍କ କରାଇଥିଲେ। ଏକ ଗାଡ଼ିରୁ ଜଣେ ବ୍ୟକ୍ତି ୱିଣ୍ଡୋ ଦେଇ ଅନ୍ୟୁନ ୬ଟି ଗୁଳିମାଡ଼ କରିଥିବା ଭିଡିଓରେ ଦେଖିବାକୁ ମିଳିଛି। କାପ୍ସ କାଫେରେ ହୋଇଥିବା ୩ଟି ଗୁଳିମାଡ଼ ଘଟଣା ପାଇଁ ଗୋଲ୍ଡି ଧିଲୋନ୍ ଏବଂ କୁଲଦୀପ୍ ସିଦ୍ଧୁ ନିଜକୁ ଦାୟୀ କରିଛନ୍ତି। ତେବେ ଆମର ଜନସାଧାରଣଙ୍କ ସହ କୌଣସି ଶତ୍ରୁତା ନାହିଁ ବୋଲି ସେମାନେ କହିଛନ୍ତି।

# ଆଜିଥ୍ରୋମାଇସିନ୍‌ରେ ପୋକ

## ଅଭିଯୋଗ ପରେ ମଧ୍ୟପ୍ରଦେଶ ହସ୍ପିଟାଲରୁ ଔଷଧ ପ୍ରତ୍ୟାହୃତ

**ଭୋପାଳ,୧୬।୧୦**

ମଧ୍ୟପ୍ରଦେଶରେ କୋଲ୍ଡ୍ରିଫ୍ କଫ୍ ସିରପ୍ ସେବନ କରି ୨୩ ପିଲାଙ୍କ ମୃତ୍ୟୁ ଘଟଣା ପରେ ଏହାର ଉତ୍ପାଦନ ଓ ବିକ୍ରି ବନ୍ଦ କରାଯାଇଛି। ଏବେ ରାଜ୍ୟର ଏକ ସରକାରୀ ହସ୍ପିଟାଲରେ ଆଜିଥ୍ରୋମାଇସିନ୍ ଔଷଧରେ ପୋକ ଥିବା ଅଭିଯୋଗ ଆସିବା ପରେ ଉକ୍ତ ଔଷଧର ସମ୍ପୂର୍ଣ୍ଣ ଷ୍ଟକ୍‌କୁ ଫେରାଇ ନିଆଯାଇଛି। ଆଜିଥ୍ରୋମାଇସିନ୍ ଓରାଲ ସସ୍ପେନ୍‌ସନ୍‌ର ନମୁନା ପରୀକ୍ଷା ପାଇଁ ଭୋପାଳର ଏକ ଲାବରେଟୋରୀକୁ ପଠାଯାଇଛି। ପିଲାମାନଙ୍କୁ ବିଭିନ୍ନ ସଂକ୍ରମଣରୁ ଆରୋଗ୍ୟ ପାଇଁ ସାଧାରଣତଃ ଆଜିଥ୍ରୋମାଇସିନ୍ ଦିଆଯାଇଥାଏ। ମଧ୍ୟପ୍ରଦେଶର ଏକ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଏହି ଜେନେରିକ୍ ଔଷଧକୁ ନେଇ ପ୍ରଶ୍ନ ଉଠିଛି।




ଆଜିଥ୍ରୋମାଇସିନ୍ ବୋତଲରେ ପୋକ ଥିବା ନେଇ ମୋରାରସ୍ଥିତ ସରକାରୀ ହସ୍ପିଟାଲରେ ଜଣେ ମହିଳା ଅଭିଯୋଗ କରିଥିଲେ ବୋଲି ଡ୍ରଗ୍ ଇନ୍ସପେକ୍ଟର ଅନୁଭୂତି ଶର୍ମା ଗଣମାଧ୍ୟମକୁ କହିଛନ୍ତି। ମହିଳା ଆଣିଥିବା ଔଷଧ ବୋତଲ ଖୋଲା ଥିବାବେଳେ ଘଟଣାର ତଦନ୍ତ କରାଯାଉଛି। ହସ୍ପିଟାଲକୁ ଆସିଥିବା ଓ ଷ୍ଟକ୍ ଥିବା ସମସ୍ତ ୩୦୬ ବୋତଲ ଆଜିଥ୍ରୋମାଇସିନ୍‌କୁ ଫେରାଇ ନିଆଯିବା ସହ ଜବତ କରାଯାଇଛି। ଔଷଧର ନିରାପତ୍ତା ସମ୍ପର୍କରେ ସ୍ପଷ୍ଟ ହେବା ପାଇଁ ଏହାକୁ ଭୋପାଳ ଲାବରେଟୋରୀକୁ ପଠାଯାଇଥିବାବେଳେ କୋଲକାତାର ସେଣ୍ଟ୍ରାଲ ଡ୍ରଗ୍ ଲାବରେଟୋରୀକୁ ପଠାଯିବ ବୋଲି ଡ୍ରଗ୍ ଇନ୍ସପେକ୍ଟର କହିଛନ୍ତି।

## କର୍ଣ୍ଣାଟକର ସର୍ବସାଧାରଣ ସ୍ଥାନରେ ଆର୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ବନ୍ଦ ହେବ

**ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି**

**ବେଙ୍ଗାଲୁରୁ,୧୬।୧୦**

କର୍ଣ୍ଣାଟକରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ବିଭିନ୍ନ କାର୍ଯ୍ୟକୁ ରୋକିବା ପାଇଁ ରାଜ୍ୟ କ୍ୟାବିନେଟ୍ ଗୁରୁବାର ନିଷ୍ପତ୍ତି ନେଇଛି। ଉକ୍ତ ନିଷ୍ପତ୍ତି ଅନୁଯାୟୀ ଆର୍‌ଏସ୍‌ଏସ୍ କାର୍ଯ୍ୟକର୍ତ୍ତାମାନେ ରାସ୍ତାରେ ଶୋଭାଯାତ୍ରା ଏବଂ ସର୍ବସାଧାରଣ ସ୍ଥାନରେ ତଥା ସରକାରୀ ଅନୁଷ୍ଠାନଗୁଡ଼ିକରେ କାର୍ଯ୍ୟକ୍ରମ କରିପାରିବେ ନାହିଁ। ଆର୍‌ଏସ୍‌ଏସ୍ ଏବଂ ଏହାର ସ୍ୱୀକୃତିପ୍ରାପ୍ତ ସଂଗଠନଗୁଡ଼ିକ ଉପରେ ନିଷେଧାଦେଶ ଲଗାଇବା ପାଇଁ ସୂଚନା ପ୍ରଯୁକ୍ତି ଓ ବାୟୋଟେକ୍ନୋଲୋଜି ମନ୍ତ୍ରୀ ପ୍ରିୟଙ୍କ ଖାର୍ଗେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କୁ ପତ୍ର ଲେଖିଥିଲେ। ୨୦୧୩ରେ ତତ୍କାଳୀନ ଭାଜପା ସରକାରଙ୍କ ପକ୍ଷରୁ ସର୍କୁଲାର ଜାରି କରାଯାଇଥିଲା, ଯେଉଁଥିରେ ସ୍କୁଲ ପରିସର ଏବଂ ଏହା ସହ ସମ୍ପୃକ୍ତ ଖେଳପଡ଼ିଆକୁ ଅନ୍ୟ କାର୍ଯ୍ୟ ପାଇଁ ବ୍ୟବହାର ଉପରେ କଟକଣା ଲଗାଇଥିଲା। ବର୍ତ୍ତମାନର କଂଗ୍ରେସ ସରକାର ଭାଜପା ସମାଲୋଚନାର ଜବାବ ଦେବାକୁ ଉକ୍ତ ସର୍କୁଲାର ଅବତାରଣା କରିଛି। ଖାର୍ଗେ କହିଛନ୍ତି, ଆମେ କୌଣସି ସଂଗଠନକୁ ନିୟନ୍ତ୍ରଣ କରିପାରିବୁ ନାହିଁ, କିନ୍ତୁ ଏବେଠାରୁ ସେମାନେ ସର୍ବସାଧାରଣ ସ୍ଥାନ ଓ ରାସ୍ତାରେ ଯାହା ଚାହିଁବେ କରିପାରିବେ ନାହିଁ। ଏଥିପାଇଁ ସେମାନଙ୍କୁ ସରକାରଙ୍କ ଅନୁମତି ନେବାକୁ ହେବ। ଏଭଳି କାର୍ଯ୍ୟ ପାଇଁ ଅନୁମତି ଦିଆଯିବ କି ନାହିଁ ତାହା ସରକାରଙ୍କ ଉପରେ ନିର୍ଭର କରିବ।

## ଛତିଶଗଡ଼ର ଅବୁଝମାର ଅଞ୍ଚଳକୁ ମାଓବାଦୀ ମୁକ୍ତ ଘୋଷଣା କଲେ ଶାହା

**ନୂଆଦିଲ୍ଲୀ, ୧୬।୧୦**

ଛତିଶଗଡ଼ର ଉତ୍ତର ବସ୍ତରସ୍ଥିତ ଅବୁଝମାର ପାହାଡ଼ିଆ ଅଞ୍ଚଳରେ ଗୁରୁବାର ୧୭୦ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହାପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଅବୁଝମାର ପାହାଡ଼ିଆ ଅଞ୍ଚଳକୁ ମାଓବାଦୀ ମୁକ୍ତ ବୋଲି ସାମାଜିକ ଗଣମାଧ୍ୟମ 'X'ରେ ଘୋଷଣା କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହିଂସା ତ୍ୟାଗ କରି ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି ଏବଂ ଭାରତର ସମ୍ବିଧାନ ଉପରେ ବିଶ୍ୱାସ ପ୍ରକଟ କରିଛନ୍ତି। ସେମାନଙ୍କର ଏହି ନିଷ୍ପତ୍ତିକୁ ଶାହା ପ୍ରଶଂସା କରିଛନ୍ତି। ଭାରତରେ ମାଓବାଦର ଅନ୍ତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପ୍ରୟାସକୁ ଏହା ଏକ ସଫଳତା ବୋଲି ସେ କହିଛନ୍ତି। ପ୍ରକାଶ ଯେ, ବୁଧବାର ଛତିଶଗଡ଼ରେ ୨୭ ଜଣ ମାଓବାଦୀ ଏବଂ ମଙ୍ଗଳବାର ମହାରାଷ୍ଟ୍ରରେ ୬୧ ଜଣ ମାଓବାଦୀ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ।

## ଆଫଗାନିସ୍ତାନ ସହ ସୀମା ସଂଘର୍ଷ ପାଇଁ ଭାରତକୁ ଦୋଷଦେଲା ପାକ୍

**ନୂଆଦିଲ୍ଲୀ,୧୬।୧୦**

ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ସପ୍ତାହେ ହେଲା ସୀମା ସଂଘର୍ଷ ଲାଗି ରହିଥିବାବେଳେ ଉତ୍ତେଜନା ହ୍ରାସ ପାଇଁ ଇସ୍‌ଲାମାବାଦ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହାୟତା ଲୋଡ଼ିଛି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଅସିଫ୍ ମଧ୍ୟସ୍ଥତା ପାଇଁ ଟ୍ରମ୍ପଙ୍କୁ ନିବେଦନ କରିଛନ୍ତି। ପାକିସ୍ତାନ-ଆଫଗାନିସ୍ତାନ ସଂଘର୍ଷରେ ହସ୍ତକ୍ଷେପ କରି ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ କରିବେ ବୋଲି ଟ୍ରମ୍ପ ଇଜିପ୍ଟରେ ଅନୁଷ୍ଠିତ ଗାଜା ଶାନ୍ତି ସମ୍ମିଳନୀରେ କହିଥିଲେ।

ଅସିଫ୍ ଆହୁରି କହିଛନ୍ତି, ଭାରତ ତରଫରୁ ତାଲିବାନ୍ ସରକାର ଛାୟା ଯୁଦ୍ଧ ଲଢୁଛନ୍ତି। ଅସ୍ତ୍ରବିରତି ଯଦି ସ୍ଥଗିତ ରହେ, ତେବେ ତାଲିବାନ୍‌ର ନିଷ୍ପତ୍ତି ଦିଲ୍ଲୀ ପ୍ରାୟୋଜିତ ବୋଲି ସେ ସନ୍ଦେହ କରୁଥିବା କହିଛନ୍ତି। ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ଅଭିଯୋଗକୁ ଭାରତ ଖଣ୍ଡନ କରିଛି। ନିଜ ଆଭ୍ୟନ୍ତରୀଣ ବିଫଳତା ପାଇଁ ପଡୋଶୀ ଦେଶକୁ ଦୋଷ

**ପୁରୁଣା ଅଭ୍ୟାସ କହି ଖଣ୍ଡନ କଲା ନୂଆଦିଲ୍ଲୀ**

ଦେବା ପାକିସ୍ତାନର ପୁରୁଣା ଅଭ୍ୟାସ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ସପ୍ତାହେ ମଧ୍ୟରେ ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ୨ ଥର ସୀମା ସଂଘର୍ଷ ହେଲାଣି। ଆଫଗାନିସ୍ତାନ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଥିବା ପାକିସ୍ତାନ ଅଭିଯୋଗ କରିଥିବାବେଳେ ଇସ୍‌ଲାମାବାଦ ଏଥିପାଇଁ ପରୋକ୍ଷରେ ଭାରତ ଉପରେ ଦୋଷ ଲଦୁଛି। ପାକିସ୍ତାନ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଥିବା ସମସ୍ତେ ଜାଣନ୍ତି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି। ସଂଘର୍ଷରେ ୨ ଦେଶର ଅନେକ ଲୋକ ମୃତାହତ ହେଲେଣି। ନାଗରିକମାନଙ୍କ ସୁରକ୍ଷା ପାଇଁ ସଂଘର୍ଷ ବନ୍ଦ କରିବାକୁ ଜାତିସଂଘ ଗୁରୁବାର ପାକିସ୍ତାନ ଓ ଆଫଗାନିସ୍ତାନକୁ ଆହ୍ୱାନ ଦେଇଛି।

## ବ୍ରିଟିଶ୍ ଏମ୍ପାୟର ମେଡାଲ ପାଇଲେ କୁଚିପୁଡ଼ି ନୃତ୍ୟଶିଳ୍ପୀ ଅରୁଣିମା



**ଲଣ୍ଡନ, ୧୬।୧୦ (ପି.ଟି.)**

ବ୍ରିଟେନ୍‌ର ପ୍ରସିଦ୍ଧ କଳାକାର ଅରୁଣିମା କୁମାର ଗୁରୁବାର ପ୍ରଥମ କୁଚିପୁଡ଼ି ନୃତ୍ୟଶିଳ୍ପୀ ଭାବେ କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କଠାରୁ ସମ୍ମାନଜନକ ବ୍ରିଟିଶ୍ ଏମ୍ପାୟର ମେଡାଲ ପାଇଛନ୍ତି। ଭାରତୀୟ ଶାସ୍ତ୍ରୀୟ ନୃତ୍ୟ କୁଚିପୁଡ଼ି ପାଇଁ ଅବଦାନକୁ ଦୃଷ୍ଟିରେ ରଖି ଅରୁଣିମାଙ୍କୁ ଏହି ସମ୍ମାନ ମିଳିଛି। ଅରୁଣିମା ବିଭିନ୍ନ ବିଶ୍ୱସ୍ତରୀୟ ମଞ୍ଚରେ କୁଚିପୁଡ଼ି ନୃତ୍ୟ ପ୍ରଦର୍ଶିତ ମାଧ୍ୟମରେ ବିଭିନ୍ନ ଦେଶ ମଧ୍ୟରେ ଆନ୍ତଃସାଂସ୍କୃତିକ ସମ୍ପର୍କକୁ ପ୍ରୋତ୍ସାହିତ କରିଛନ୍ତି। କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କଠାରୁ ସମ୍ମାନ ପାଇବା ଅବିଶ୍ୱସନୀୟ ଉପଲବ୍ଧି। ଏହାଦ୍ୱାରା ତାଙ୍କ କାର୍ଯ୍ୟକୁ ଅନ୍ତର୍ଜାତୀୟ ମାନ୍ୟତା ମିଳିଥିବା ଅରୁଣିମା କହିଛନ୍ତି।

## ୧୦୧ ଲେଖାଏ ଆସନରେ ପ୍ରାର୍ଥୀ ଦେଲେ ଭାଜପା, ଜେଡିୟୁ

**ପାଟନା,୧୬।୧୦**

ବିହାର ବିଧାନସଭା ନିର୍ବାଚନ ପାଇଁ ଶାସକ ଏନ୍‌ଡିଏ ମେଣ୍ଟର ୨ ମୁଖ୍ୟ ଦଳ ଭାଜପା ଏବଂ ଜେଡିୟୁ ସେମାନଙ୍କ କୋଟାରେ ଥିବା ୧୦୧ଟି ଲେଖାଏ ଆସନରେ ପ୍ରାର୍ଥୀ ଦେବା ସମ୍ପୂର୍ଣ୍ଣ କରିଛନ୍ତି। ଜେଡିୟୁ ବୁଧବାର ୫୭ ଜଣଙ୍କୁ ଟିକେଟ ଦେଇଥିବାବେଳେ ଗୁରୁବାର ଅବଶିଷ୍ଟ ୪୪ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ସେହିପରି ଭାଜପା ୩ ପର୍ଯ୍ୟାୟରେ ସମସ୍ତ ୧୦୧ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି। ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଶୁକ୍ରବାର ଶେଷ ହେଉଥିବାବେଳେ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ରେ ଏପର୍ଯ୍ୟନ୍ତ ଆସନ ବୁଝାମଣା ଚୂଡ଼ାନ୍ତ ହୋଇପାରି ନାହିଁ। ଆସନ ବୁଝାମଣା ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା ହୋଇ ନ ଥିଲେ ମଧ୍ୟ ଇଣ୍ଡିଆ ବ୍ଲକ୍‌ର ଅନ୍ୟତମ ମୁଖ୍ୟ ଦଳ କଂଗ୍ରେସ ଶୁକ୍ରବାର ଏହାର ପ୍ରାର୍ଥୀମାନଙ୍କୁ ଦଳୀୟ

**ଇଣ୍ଡିଆ ବ୍ଲକ୍‌ରେ ଆସନ ବୁଝାମଣା ହୋଇପାରିନି**

ଚିହ୍ନଟ ବାଣ୍ଟିବା ଆରମ୍ଭ କରିଛି। କଂଗ୍ରେସ ପ୍ରଥମ ପର୍ଯ୍ୟାୟରେ ୧୭ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ୪୩ ଆସନ ପାଇଁ ପ୍ରାର୍ଥୀଙ୍କ ନାମକୁ ଅନୁମୋଦନ କରିଛି।

ଜେଡିୟୁର ରାଜ୍ୟ ସାଧାରଣ ସମ୍ପାଦକ ତଥା ମୁଖ୍ୟାଳୟ ଦାୟିତ୍ୱରେ ଥିବା ଚନ୍ଦନକୁମାର ସିଂ ଗୁରୁବାର ୪୪ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଏହି ଦ୍ୱିତୀୟ ତାଲିକାରେ ନଓ୍ୱାଦାର ବାହୁବଳୀ ନେତା ରାଜବଲ୍ଲଭ ପ୍ରସାଦ ଯାଦବଙ୍କ ସ୍ତ୍ରୀ ବିଭା ଦେବୀ, ଆନନ୍ଦ ମୋହନଙ୍କ ପୁଅ ଚେତନ ଆନନ୍ଦଙ୍କ ନାଁ ରହିଛି। ଜେଡିୟୁ ୯ ଜଣ ମହିଳା ଏବଂ ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟରୁ ୪ ଜଣଙ୍କୁ ପ୍ରାର୍ଥୀ କରିଛି।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭାଜପା ଗୁରୁବାର ୪୦ ଜଣ ତାରକା ପ୍ରଚାରକଙ୍କ ନାମ ଘୋଷଣା କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଦଳର କେନ୍ଦ୍ରୀୟ ଏବଂ ରାଜ୍ୟସ୍ତରର ଶୀର୍ଷ ନେତାମାନେ ପ୍ରଚାରରେ ଭାଗନେବେ। ସେମାନଙ୍କ ମଧ୍ୟରେ ଅଛନ୍ତି ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା, ବରିଷ୍ଠ ମନ୍ତ୍ରୀ ରାଜନାଥ ସିଂ, ଅମିତ୍ ଶାହା, ନିତୀନ ଗଡ଼କରୀ, ଶିବରାଜ ସିଂ ଚୌହାନ୍, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ, ରବିଶଙ୍କର ପ୍ରସାଦ, ରାଧାମୋହନ ସିଂ, ସାଧ୍ୱୀ ନିରଞ୍ଜନ ଜ୍ୟୋତି, ଅଶ୍ୱିନୀ କୁମାର ଚୌବେ, ବିହାର ବିଧାନସଭା ବାଚସ୍ପତି ନନ୍ଦକିଶୋର ଯାଦବ, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ଏବଂ ବିଜୟ କୁମର ସିହ୍ନାଙ୍କୁ ଷ୍ଟାର ପ୍ରଚାରକ କରାଯାଇଛି।

# ଅପରାଧ

## ନାବାଳିକା ବଳାତ୍କାର ମାମଲା: ଦୋଷୀଙ୍କୁ ୨୦ ବର୍ଷ ଜେଲ

**ଜଗତ୍‌ସିଂହପୁର, ୧୬।୧୦ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅଞ୍ଚଳରେ ୨୦୨୧ରେ ହୋଇଥିବା ନାବାଳିକା ବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ କୋର୍ଟ (ପୋକ୍ସୋ) ବିଚାରପତି ସଏଦ ଅବଦୁଲ କାଦିର ଜାହିର ଅହମ୍ମଦ ଏହି ମାମଲାର ବିଚାର କରି ଅଭିଯୁକ୍ତ ତଥା ବିରିଡି ଥାନା ଅଞ୍ଚଳର ସୌମ୍ୟରଞ୍ଜନ ବେହେରାଙ୍କୁ ୨୦ ବର୍ଷ ଜେଲଦଣ୍ଡ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ଅଛି। ଅନ୍ୟପଟେ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ କହିଛନ୍ତି, ୨୦୨୧ ଅଗଷ୍ଟ ୨୧ରେ ଏହି ଥାନା ଅଞ୍ଚଳର ଜଣେ ନାବାଳିକା ରାତିରେ ଘରେ ଶୋଇଥିବାବେଳେ ଅଭିଯୁକ୍ତ ସୌମ୍ୟରଞ୍ଜନ ସେଠାରେ ପହଞ୍ଚି ପୀଡ଼ିତାଙ୍କୁ ବଳାତ୍କାର କରିଥିଲେ। ଏହି ସମୟରେ ପୀଡିତାଙ୍କ ସାନ ଭଉଣୀ ଦେଖିଦେବାରୁ ସୌମ୍ୟରଞ୍ଜନ ଖସି ପଳାଇଥିଲେ। ୫ ଦିନ ପରେ ସାନ ଭଉଣୀ ଏକଥା ମା'ଙ୍କ ଆଗରେ ପ୍ରକାଶ କରିଥିଲେ। ଏହାପରେ ଅଭିଯୁକ୍ତ ବିବାହ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ପୁଣି ବଳାତ୍କାର କରିଥିଲେ। ୨୦୨୧ ଅଗଷ୍ଟ ୨୬ରେ ପୀଡ଼ିତାଙ୍କ ମା' ଏନେଇ ବିରିଡ଼ି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବିରିଡି ଥାନାରେ ମାମଲା (ନଂ. ୧୬୪/୨୧) ରୁଜୁ କରାଯାଇଥିଲା। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଅଜମଣି ଟୁଡୁ ଥିଲେ। ସେତେବେଳେ ପୀଡ଼ିତାଙ୍କୁ ୧୬ ବର୍ଷ ହୋଇଥିଲା। ଏହି ଘଟଣାରେ ୧୯ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

## ପୋଲିସ କବ୍‌ଜାରେ ବାହାର ରାଜ୍ୟର ୫ ଯୁବକ, ମାଷ୍ଟରମାଇଣ୍ଡ

**ପୀତବାସ ପଣ୍ଡା ହତ୍ୟା ମାମଲା**

**ବ୍ରହ୍ମପୁର,୧୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)**

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ପଛରେ ବାହାର ରାଜ୍ୟର ଲିଙ୍କ୍ ରହିଥିବା ଜଣାପଡ଼ିଛି। ଶତାଧିକ ସିସିଟିଭି ଓ ଡମ୍ପ ଡାଟା ଆନାଲିସିସ୍ କରି ପୋଲିସ ପୀତବାସଙ୍କୁ ଗୁଳି କରିଥିବା ସୁଟରଙ୍କୁ ଚିହ୍ନଟ କରିବା ସହ ଘଟଣାର ମାଷ୍ଟରମାଇଣ୍ଡଙ୍କ ସମେତ ୬ଜଣଙ୍କୁ କାବୁ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସେମାନେ ବିହାର, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ଉତ୍ତରାଖଣ୍ଡ ରାଜ୍ୟର ବୋଲି ସୂଚନା ମିଳିଛି। ବିହାରୀ ଯୁବକ ଜଣଙ୍କ ବନ୍ଧୁକରେ ପୀତବାସଙ୍କୁ ବ୍ଲାଙ୍କ ପଏଣ୍ଟରୁ ହତ୍ୟା କରିଥିବା ସ୍ପଷ୍ଟ ହୋଇଥିବା କୁହାଯାଉଛି। ବାହାର ରାଜ୍ୟକୁ ଯାଇଥିବା ପୋଲିସ ଟିମ୍ ଗୁରୁବାର ବ୍ରହ୍ମପୁର ଫେରିଛି। ଅଟକ ଯୁବକମାନଙ୍କୁ ବିଭିନ୍ନ ସ୍ଥାନରେ ରଖି ଜେରା ଚାଲିଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ପୋଲିସର ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ।

ଗତ ୬ ତାରିଖ ରାତିରେ ଆଇନଜୀବୀ ପୀତବାସଙ୍କୁ ହତ୍ୟା କରାଯାଇଥିଲା। ଏହାପରେ ପୋଲିସ ସହର ତଥା ଜିଲାର ୭୦ରୁ ଊର୍ଦ୍ଧ୍ୱ ବିଭିନ୍ନ ନେତା, ପୋଲିସ, ମାଫିଆଙ୍କ ସମେତ ଏକାଧିକ ଲୋକଙ୍କୁ ସନ୍ଦେହରେ ଡାକି ପଚରାଉଚରା କରିଥିଲା। ଏପରିକି ପୀତବାସଙ୍କ ମୋବାଇଲକୁ ବର୍ଷକ ମଧ୍ୟରେ କେଉଁମାନେ ଫୋନ କରିଥିଲେ, ସେମାନଙ୍କ ମଧ୍ୟରେ କ'ଣ ସବୁ କଥାବାର୍ତ୍ତା ହୋଇଥିଲା ତାହାର ରେକର୍ଡ ଯାଞ୍ଚ କରିଥିଲା। ପ୍ରାଥମିକ ତଦନ୍ତରୁ ପଚରାଉଚରା ବେଳେ ଘଟଣା ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୋଲିସର ହସ୍ତଗତ ହୋଇଥିଲା। ପୀତବାସଙ୍କ ସହ କାହାର ଶତ୍ରୁତା ନ ଥିବା ପରିବାର ଲୋକେ କହିଥିଲେ। ସୁପାରି କିଲର ଦ୍ୱାରା ପୀତବାସଙ୍କୁ ହତ୍ୟା କରାଯାଇଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଥିଲା। ବ୍ରହ୍ମପୁର ସହର ସମେତ କେତେକ ବାହାର ରାଜ୍ୟର ମୋବାଇଲ ଟାୱାରରୁ ଡାଟା ସଂଗ୍ରହ କରି ଅପରାଧୀଙ୍କୁ ଧରିବା ପାଇଁ ପ୍ରୟାସ ଚଳାଇଥିଲା। ଏହି ସମ୍ବେଦନଶୀଳ ଘଟଣାର ପ୍ରକୃତ ଅପରାଧୀଙ୍କୁ ଧରିବା ପାଇଁ ନୂତନ ଜ୍ଞାନକୌଶଳ ବ୍ୟବହାର କରାଯାଇଥିବା ଜଣାପଡିଛି।

## ମଧ୍ୟସ୍ଥ ମୁନା ମହାନ୍ତି, ୨ ସହଯୋଗୀ ଗିରଫ

**ବହୁଚର୍ଚ୍ଚିତ ଏସ୍‌ଆଇ ପରୀକ୍ଷା ଜାଲିଆତି**

**ଭୁବନେଶ୍ୱର,୧୬।୧୦ (ସତ୍ୟଜିତ ରାଉତ)**

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାର ଅନ୍ୟତମ ମୋଷ୍ଟୱାଣ୍ଟେଡ ତଥା ମଧ୍ୟସ୍ଥ ମୁନା ମହାନ୍ତିଙ୍କୁ କ୍ରାଇମବ୍ରାଞ୍ଚ ଗୁରୁବାର ରାତିରେ ଦଶପଲ୍ଲା ନିକଟରୁ ଗିରଫ କରିଛି। ଏଥିସହିତ ମୁନାଙ୍କ ସହଯୋଗୀ ସୁକାନ୍ତ ମହାରଣା ଓରଫ ରିଙ୍କୁ ଓ ତାଙ୍କ ଭାଇ ଶ୍ରୀକାନ୍ତଙ୍କୁ ମଧ୍ୟ ଗିରଫ କରାଯାଇଥିବା ଜଣାପଡ଼ିଛି। ଗିରଫ ପରେ ସେମାନଙ୍କୁ ବ୍ରହ୍ମପୁର ନିଆଯାଇଥିବା ବିଶେଷସୂତ୍ରରୁ ସୂଚନା ମିଳିଛି। ଏହି ଘଟଣାର ମାଷ୍ଟରମାଇଣ୍ଡ (ମୁଖ୍ୟ ଅଭିଯୁକ୍ତ) କୁହାଯାଉଥିବା ପଞ୍ଚସଫ୍ଟ ସଂସ୍ଥା ମାଲିକ ଶଙ୍କର ପୃଷ୍ଟି ବିଦେଶ ଚାଲିଯାଇଥିବା ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ଶଙ୍କରଙ୍କ ମୁଖ୍ୟ ସହଯୋଗୀ ତଥା ମଧ୍ୟସ୍ଥ ମୁନା ଏବଂ ୨ସହଯୋଗୀ ସୁକାନ୍ତ ଏବଂ ଶ୍ରୀକାନ୍ତ ଦଶପଲ୍ଲାର ଏକ ଫାର୍ମ ହାଉସରେ କିଛିଦିନ ହେବ ଆତ୍ମଗୋପନ କରିଥିଲେ। ଏନେଇ କ୍ରାଇମବ୍ରାଞ୍ଚ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। କ୍ରାଇମବ୍ରାଞ୍ଚ ଟିମ୍ ଫାର୍ମ ହାଉସରେ ଚଢ଼ାଉ କରିଥିଲେ ମଧ୍ୟ ତାହା ପୂର୍ବରୁ ଅଭିଯୁକ୍ତମାନେ ସେଠାରୁ ଖସି ପଳାଇ ଯାଇଥିଲେ। ପରେ ସେମାନଙ୍କୁ କାବୁ କରାଯାଇଥିବା ଜଣାପଡ଼ିଛି।

## ସ୍ତ୍ରୀଙ୍କ ତଣ୍ଟିଚିପି ହତ୍ୟା: ସ୍ୱାମୀ ଗିରଫ

**ସୁନ୍ଦରଗଡ଼,୧୬।୧୦ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା କିଞ୍ଜିରିକେଲା ଥାନା ଅନ୍ତର୍ଗତ ବନ୍ଧବାହାଲ ଗ୍ରାମରେ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଘରୋଇ କଳିକୁ କେନ୍ଦ୍ରକରି ସ୍ତ୍ରୀଙ୍କ ତଣ୍ଟିଚିପି ସ୍ୱାମୀ ହତ୍ୟା କରିଛନ୍ତି। ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏନେଇ କିଞ୍ଜିରିକେଲା ଥାନାରେ ନଂ. ୨୯୬/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ସ୍ୱାମୀ ଅର୍ଜୁନ ସିଂହ(୩୬) ବିଭିନ୍ନ ସମୟରେ ସ୍ତ୍ରୀ ସଞ୍ଜୁଲତା ସିଂହ(୩୨)ଙ୍କ ସହ ଝଗଡା କରନ୍ତି। ଘଟଣା ରାତିରେ ଅର୍ଜୁନ ନିଶାସକ୍ତ ଅବସ୍ଥାରେ ଘରକୁ ଆସିଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ କୌଣସି କଥାକୁ ନେଇ ସ୍ତ୍ରୀଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅର୍ଜୁନ ସ୍ତ୍ରୀ ସଞ୍ଜୁଙ୍କ ତଣ୍ଟି ଚିପିଦେଇଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ସକାଳେ ପଡୋଶୀ ସଞ୍ଜୁଙ୍କୁ ନ ଦେଖି ଘର ଭିତରକୁ ଯାଇ ଦେଖିଲା ବେଳକୁ ଖଟ ଉପରେ ମୃତଦେହ ପଡିଥିଲା। ଏନେଇ ସେମାନେ କିଞ୍ଜିରିକେଲା ଥାନାକୁ ସୂଚନା ଦେଇଥିଲେ। ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର, ଆଇଆଇସି ଅଜୟ ଜେନା ସାଇଣ୍ଟିଫିକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହାପରେ ଅର୍ଜୁନଙ୍କୁ ଆଣି ଥାନାରେ ପଚରାଉଚରା ବେଳେ ସେ ରାତିରେ ସଞ୍ଜୁଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ



ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ।

**ମାଲକାନଗିରି, ୧୬।୧୦ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କୋଣ୍ଡାଗାଁ ଜିଲା ପୋଲିସ ନିକଟରେ ଗୁରୁବାର ଜଣେ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ପୂର୍ବ ବସ୍ତର ଡିଭିଜନ ଟେଲର ଟିମ୍ କମାଣ୍ଡର ତଥା ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମହିଳା ମାଓବାଦୀ ଗୀତା ଓରଫ କମଲୀ ସଲାମ କୋଣ୍ଡାଗାଁ ଏସ୍‌ପି ଅକ୍ଷୟ କୁମାରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ ସରକାରଙ୍କ ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣକାରୀ ଯୋଜନାରେ ପ୍ରଭାବିତ ହୋଇ ଏବଂ ସମାଜର ମୁଖ୍ୟସ୍ରୋତରେ ସାମିଲହେବାକୁ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ ପ୍ରକାଶ କରିଛନ୍ତି। କୋଣ୍ଡାଗାଁ ପୋଲିସ ତରଫରୁ ଗୀତାଙ୍କୁ ୫୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## ଆତ୍ମସମର୍ପଣ କଲେ ଅଭିଯୁକ୍ତ ପାର୍ଟନର

**କୁକୁଡ଼ା ଫାର୍ମ ମାଲିକଙ୍କୁ ହତ୍ୟା ଘଟଣା**

**ଚାନ୍ଦବାଲି,୧୬।୧୦(ଅଶୋକ ପଣ୍ଡା)**

ଭଦ୍ରକ ଜିଲା ଚାନ୍ଦବାଲି ଥାନା ବଡ଼ସିଂହପୁର (ବଙ୍ଗାଳୀପଡ଼ା) ଗ୍ରାମରେ ଥିବା ଏକ କୁକୁଡ଼ା ଫାର୍ମର ମାଲିକ ଅଜୟ ଗିରି(୪୧)ଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତ ଫାର୍ମର ପାର୍ଟନର ଶୁଭ୍ରାଂଶୁ ସ୍ୱାଇଁ ବୁଧବାର ରାତିରେ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତଦନ୍ତକାରୀ ଅଫିସର ମତୋ ଫାଣ୍ଡି ଅଧିକାରୀ ଛତିଶ କୁମାର ଗୋଚ୍ଛି ଓ ଚାନ୍ଦବାଲି ଥାନାଧିକାରୀ ପରେଶ କୁମାର ମହାନ୍ତି କର୍ମଚାରୀଙ୍କ ସହ ଶୁଭ୍ରାଂଶୁଙ୍କ ସହ ଅଟକ ଥିବା ଫାର୍ମର କର୍ମଚାରୀ କିଶୋର କୁମାର ପଣ୍ଡାଙ୍କୁ ଗୁରୁବାର ଅପରାହ୍ନରେ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଶନ କରାଇଛନ୍ତି।

ପ୍ରକାଶ ଯେ, ଗତ ୧୩ ତାରିଖରେ ହତ୍ୟା ଘଟଣା ଘଟିଥିବା ବେଳେ ପୋଲିସ କିଶୋରଙ୍କ ସମେତ ଫାର୍ମର ୨ କର୍ମଚାରୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଥିଲା। ସେମାନଙ୍କଠାରୁ କିଛି ସୁରାକ୍ ପୋଲିସକୁ ମିଳିଥିଲା। ଫାର୍ମର ଅନ୍ୟ ପାର୍ଟନର ଶୁଭ୍ରାଂଶୁ ଘଟଣା ଦିନ ଅଜୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚାନ୍ଦବାଲି ଡାକ୍ତରଖାନା ପଠାଇବା ପରେ ସକାଳୁ ଫେରାର ହୋଇଯାଇଥିଲେ। ଏଣୁ ମୃତ ଅଜୟଙ୍କ ପରିବାର ଲୋକଙ୍କର ତାଙ୍କ ଉପରେ ସନ୍ଦେହ ହୋଇଥିଲା। ମୃତ ଅଜୟଙ୍କ ଭଣଜା ଚନ୍ଦନ ଦେଙ୍କ ଅଭିଯୋଗକ୍ରମେ ଚାନ୍ଦବାଲି ଥାନାରେ ଏକ ହତ୍ୟା ମାମଲା (ନଂ.୪୨୪/୨୫) ରୁଜୁ ହୋଇଥିଲା। ତଦନ୍ତ ଜାରି ରହିଥିବା ବେଳେ ଶୁଭ୍ରାଂଶୁ ବୁଧବାର ରାତିରେ ମତୋ ଫାଣ୍ଡିରେ ଆତ୍ମସମର୍ପଣ କରିଥିଲେ। ଫାର୍ମରେ ଆର୍ଥିକ ଅନିୟମିତତାକୁ ନେଇ ଅଜୟଙ୍କ ସହ ତାଙ୍କର ବଚସା ହୋଇଥିଲା। ଏହାକୁ ନେଇ ଅଜୟଙ୍କୁ ହତ୍ୟା କରାଯାଇଛି। ଘଟଣା ଦିନ ବିଳମ୍ବିତ ରାତିରେ ସେ ଫାର୍ମର ସିସିଟିଭିର ତାରକାଟି ଅଜୟ ଶୋଇଥିବା ବେଳେ ଏକ ଲୁହା ପାଇପ୍‌ରେ ତାଙ୍କ ମୁଣ୍ଡକୁ ୩ଥର ଆଘାତ କରିଥିଲେ। ଘଟଣାସ୍ଥଳରେ ଅଜୟଙ୍କ ମୃତ୍ୟୁ ଘଟିଥିଲା। କିଶୋର ଏଥିରେ ସହାୟତା କରିବା ସହ ଦୁହେଁ ମିଶି ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ ବୋଲି ଶୁଭ୍ରାଂଶୁ ସ୍ୱୀକାର କରିଥିବା ଥାନାଧିକାରୀ ମହାନ୍ତି କହିଛନ୍ତି।

## ମାଓବାଦୀଙ୍କଠାରୁ ଟଙ୍କା ନେଇ ତଥ୍ୟ ଦେଉଥିଲେ ରୁପୁ ସିଂ

**ରେଲୱେ ଟ୍ରାକ୍‌ରେ ବିସ୍ଫୋରଣ ଘଟଣା**

**ସରିଲା ରିମାଣ୍ଡ, ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କଲା ଏନ୍‌ଆଇଏ**

**ଭୁବନେଶ୍ୱର,୧୬।୧୦ (ସତ୍ୟଜିତ ରାଉତ)**

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅଞ୍ଚଳରେ ମାଓବାଦୀମାନେ ରେଲୱେ ଟ୍ରାକ୍‌ରେ ବିସ୍ଫୋରଣ କରି ଉଡ଼ାଇବା ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ତଦନ୍ତ କରାଯାଉଛି। ତେବେ ଏହି ମାମଲାରେ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ରୁପୁ ସିଂଙ୍କୁ ୩ ଦିନିଆ ରିମାଣ୍ଡରେ ଆଣି ଏନ୍‌ଆଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ରିମାଣ୍ଡ ସରିବା ପରେ ରୁପୁଙ୍କୁ ପୁଣି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେ ମାଓବାଦୀଙ୍କଠାରୁ ଟଙ୍କା ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଉଥିଲେ ବୋଲି ଜଣାପଡିଛି। ରୁପୁଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ଏନ୍‌ଆଇଏ ଟିମ୍ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଅଧିକ ଖୋଳତାଡ଼ ଚଳାଇଛି। ଝାଡ଼ଖଣ୍ଡରେ ଏନ୍‌ଆଇ ଟିମ୍ ଛାନ୍‌ଭିନ୍ ଚଳାଇଥିବା ବେଳେ ମାମଲାରେ ସମ୍ପୃକ୍ତ ଥିବା ଜଣେ ମାଓନେତାଙ୍କ ସମେତ ୮ ଜଣଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗତ ଅଗଷ୍ଟରେ ପୃଥକ୍ ବିସ୍ଫୋରଣରେ ରେଲୱେ କର୍ମଚାରୀ ଏତୁଆ ଓରାମଙ୍କ ମୃତ୍ୟୁ ହୋଇଥିବାବେଳେ ବୁଦ୍ଧୁରାମ ମୁଣ୍ଡା ଗୁରୁତର ହୋଇଥିଲେ। ବିମଳାଗଡ଼-କିରିବୁରୁ ସେକ୍ସନର ରାଞ୍ଜଡା ରେଳ ଷ୍ଟେଶନରୁ ୩ କିଲୋମିଟର ଦୂର ରେଳଧାରଣାର ପିଲର ନଂ. ୪୭୮/୧ରେ ମାଓବାଦୀମାନେ ଲ୍ୟାଣ୍ଡ ମାଇନ ଖଞ୍ଜିଥିଲେ। ଅଗଷ୍ଟ ୨ ରାତିରେ ବୁଦ୍ଧୁରାମ ସେଠାରେ ଡ୍ୟୁଟି କରୁଥିବାବେଳେ ହଠାତ୍ ବିସ୍ଫୋରଣ ଘଟିବାରୁ ସେ ଗୁରୁତର ହୋଇଥିଲେ। ପରଦିନ ସକାଳେ ପିଲର ନଂ.୪୭୭/୩୪-୩୫ ନିକଟରେ ପୁଣି ବିସ୍ଫୋରଣ ଘଟି କାର୍ଯ୍ୟରତ ରେଲୱେ କର୍ମଚାରୀ ଏତୁଆଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସରକାରୀ ରେଳପଥ ଥାନା ପୋଲିସ ଅଭିଯୁକ୍ତ ରୁପୁଙ୍କୁ ଗିରଫ କରିଥିଲା। ଏହି ଘଟଣା ଜାତୀୟ ସୁରକ୍ଷା ସମ୍ପର୍କିତ ହୋଇଥିବାରୁ ଏନ୍‌ଆଇ ତଦନ୍ତ ଭାର ନେଇ ତଦନ୍ତ ଆରମ୍ଭ କରିଥିଲା।

## ନଦୀରେ ବୁଡି ଯୁବକଙ୍କ ମୃତ୍ୟୁ

ଆସିକା,(ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ ଗହଙ୍ଗୁ ପଞ୍ଚାୟତ ଅନ୍ତର୍ଗତ ଗହଙ୍ଗୁ ପାଟଣା ଗ୍ରାମ ନିକଟ ବଡନଦୀରେ ବୁଡିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗହଙ୍ଗୁ ପାଟଣାର ଦିଲ୍ଲୀପ ନାୟକ (୪୦)। ଦିଲ୍ଲୀପ ସ୍ନାନ ଶୌଚ ଲାଗି ନଦୀକୁ ଯାଇଥିବା ବେଳେ ଅସାବଧାନତାରୁ ପାଣିରେ ବୁଡି ଯାଇଥିଲେ। ଗ୍ରାମବାସୀ ତାଙ୍କୁ ଗୁରତର ଅବସ୍ଥାରେ ଉଦ୍ଧାର କରି ଆସିକା ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ବାଲିପଦର ଫାଣ୍ଡି ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇଛି।

## ଛେଳିଗଡ଼ ଜଳପ୍ରକଳ୍ପ ଅନୁଧ୍ୟାନ କଲେ ଏମ୍‌ପି

ଆର.ଉଦୟଗିରି, ୧୬।୧୦ (ମନୋଜ କୁମାର ପାଢ଼ୀ)

ଗଜପତି ଜିଲାର ଛେଳିଗଡ ଜଳପ୍ରକଳ୍ପକୁ ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀ ଗୁରୁବାର ପରିଦର୍ଶନ କରିଛନ୍ତି। ସେ ଜଳପ୍ରକଳ୍ପ କାର୍ଯ୍ୟାଳୟଠାରେ ପୂର୍ବାହ୍ନ ୧୦ଟାରେ ବୁଡି ଅଞ୍ଚଳର ଲୋକଙ୍କ ସହ ଏକ ବୈଠକ କରିଥିଲେ। ଏଥିରେ ଗଜପତି ଉପଜିଲାପାଳ ଅନୁପ ପଣ୍ଡା, ଆର. ଉଦୟଗିରି ତହସିଲଦାର ଜ୍ୟୋତିର୍ମୟୀ ଦାସ, ପ୍ରକଳ୍ପର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଜୟଦୀପ ପଣ୍ଡା, ପ୍ରକଳ୍ପ ଅଧିକାରୀ ବୀରେନ୍ଦ୍ର ଜଗତ, ସ୍ୱତନ୍ତ୍ର ଭୂସ୍-ଅର୍ଜନ ଅଧିକାରୀ ତଥା ପୁନଃବାସ ଓ ଥଇଥାନ ଅଧିକାରୀ ରବିନ୍ଦ୍ରନାଥ କଅଁର, ଜୋନ ଅଧିକାରୀ ଶିବାଶିଷ ପଣ୍ଡା ଓ ଭୋଳାନାଥ ବେହେରା ଉପସ୍ଥିତ ରହି ପ୍ରକଳ୍ପ ସମ୍ପର୍କରେ ଏମ୍‌ପିଙ୍କୁ ଅବଗତ କରାଇଥିଲେ। ଏହି ଜଳପ୍ରକଳ୍ପ ପାଇଁ ୫ ଖଣ୍ଡ ଗାଁର ବିସ୍ଥାପିତ ହୋଇଥିବା ଲୋକଙ୍କର ଆଜିବି ଅନେକ ଦାବୀ ପୂରଣ ହୋଇପାରିନି। ତେବେ ସମସ୍ତ ଦାବିଗୁଡ଼ିକୁ ଅନୁଧ୍ୟାନ କରି ସରକାରଙ୍କ ନିକଟରେ ଉପସ୍ଥାପନ କରି ପୂରଣ ଲାଗି ପଦକ୍ଷେପ ନେବେ ବୋଲି ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଥିଲେ।

# ସେକ ଦେବା ବେଳେ ପ୍ରେସର କୁକର ଫାଟିଲା, ୪ ଆହତ

## କେଏଟିଏସ ଆୟୁର୍ବେଦିକ କଲେଜରେ ଅଘଟଣ




ପ୍ରେସର କୁକର ଫାଟିଯିବାରୁ ମାର୍ବଲ ଭାଙ୍ଗିଯାଇଛି। ଲୋକେ ଆହତଙ୍କୁ ଉଦ୍ଧାର କରୁଛନ୍ତି।

ବ୍ରହ୍ମପୁର, ୧୬।୧୦( ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଅଙ୍କୁଶପୁରସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା।(କେଏଟିଏସ)ଆୟୁର୍ବେଦିକ କଲେଜ ଓ ହସ୍ପିଟାଲରେ ଗୁରୁବାର ଏକ ଅଘଟଣ ଘଟିଛି। ସେକ ଦେବା ବେଳେ ପ୍ରେସରକୁକର ବିସ୍ଫୋରଣ ହୋଇଛି। ଏଥିରେ ୪ଜଣ ଆହତ ହୋଇଛନ୍ତି। ଘଟଣାକୁ ଚପାଇ ଦେବା ଉଦ୍ୟମ ହେଉଥିବା କୁହାଯାଉଛି। ଉକ୍ତ ହସପିଟାଲରେ ସକାଳୁ ରୋଗୀ ଦେଖା ସମୟ ଥିବାରୁ ଆଖପାଖ ଅଞ୍ଚଳ ତଥା ଜିଲା ବାହାରୁ ବି ବହୁ ରୋଗୀ ଏଠାକୁ ଆସନ୍ତି। ପ୍ରାକୃତିକ ଉପାୟରେ ଏଠି ରୋଗୀମାନଙ୍କୁ ଚିକିତ୍ସା କରାଯାଉଥିବାରୁ ଏହି ମେଡିକାଲ ଉପରେ ଅନେକ ରୋଗୀ ନିର୍ଭରଶୀଳ ହୋଇପଡୁଛନ୍ତି। ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ଚାପରେ ରଖାଯିବା ନେଇ ଆନ୍ଦୋଳନ ହୋଇଥିଲା। ସେଥିରେ ସୁଧାର ଆସିଥିବାବେଳେ ଏବେ ଏଭଳି ଅଘଟଣ ରୋଗୀମାନଙ୍କୁ ଭୟଭୀତ କରିଛି। ଘଟଣାରୁ ପ୍ରକାଶ ଯେ, ଉକ୍ତ ହସ୍ପିଟାଲର ପଞ୍ଚକର୍ମ ବିଭାଗ ଭିତରେ ରୋଗୀମାନଙ୍କୁ ସେକ ଦିଆଯାଇଥାଏ। ସେଠାରେ ଜଣେ ରୋଗୀଙ୍କୁ ଗରମ ସେକ ଦେବା ସମୟରେ ଅନ୍ୟ ଜଣେ ରୋଗୀଙ୍କ ପାଖରେ ଥିବା ପ୍ରେସର କୁକର ଅଚାନକ ଫାଟିଯାଇଥିଲା। ପ୍ରଚଣ୍ଡ ଶବ୍ଦରେ ସମଗ୍ର ହସ୍ପିଟାଲ ଥରିଉଠିଥିଲା। ଅନ୍ୟ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳକୁ ଦୌଡି ଆସିଥିଲେ। ଝରକା ଗ୍ଲାସ ଭାଙ୍ଗି ଯିବା ସହ ଓ କାନ୍ଥ ର ମାର୍ବଲ ଖସିପଡ଼ିଥିଲା। ଫଳରେ ଭୟଭୀତ ଛାତ୍ରଛାତ୍ରୀ ଓ ରୋଗୀମାନେ ଆତଙ୍କିତ ହୋଇ ବାହାରି ଆସିଥିଲେ। ଉକ୍ତ ଘଟଣାରେ ଦୁଇ ଜଣ ରୋଗୀ ଓ ଅନ୍ୟ ଦୁଇ କର୍ମଚାରୀ ଆହତ ହୋଇଥିଲେ। ହେଲେ ଆହତଙ୍କ ସମ୍ପର୍କରେ କେହି କିଛି କହୁନାହାନ୍ତି। ଆହତ ଚାରିଜଣଙ୍କୁ ତୁରନ୍ତ ହସ୍ପିଟାଲର ଅନ୍ୟ ବିଭାଗକୁ ନେଇ ଚିକିତ୍ସା କରାଯାଇଛି। ପୁରୁଣା ଓ ଅତି ଚାପରେ ରହିଥିବା ପ୍ରେସର କୁକର ହିଁ ବିସ୍ଫୋରଣର କାରଣ ବୋଲି କୁହାଯାଉଛି। ଏହି ଘଟଣା ପରେ ମଧ୍ୟ କଲେଜ ପକ୍ଷରୁ ଘଟଣାକୁ ଲୁଚାଇବା ଉଦ୍ୟମ ହେଉଛି। କଲେଜ ଅଧକ୍ଷ ଅରୁଣ କୁମାର ଦାସଙ୍କୁ ପଚାରିବାରୁ ସେ କହିଲେ ଯେ, ପୁରୁଣା ପ୍ରେସର କୁକର ଯୋଗୁଁ ଏପରି ହୋଇଥିବା କହିଛନ୍ତି। ଏହା ଆୟୁର୍ବେଦିକ କଲେଜର ସୁରକ୍ଷା ବ୍ୟବସ୍ଥା ଉପରେ ଗଭୀର ପ୍ରଶ୍ନ ଉଠାଇଛି।

## ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ସମୀକ୍ଷା

## ଡ୍ରେନେଜ, ସ୍ୱେରେଜ ଓ ରାସ୍ତାର ମାଷ୍ଟରପ୍ଲାନ ପାଇଁ ପରାମର୍ଶ



ବ୍ରହ୍ମପୁର, ୧୬।୧୦(ସ୍ମୃତି ରଞ୍ଜନ ମହାଲିକ)

ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଗୁରୁବାର ଦିନିକିଆ ଗଞ୍ଜାମ ଗସ୍ତରେ ଆସି ବ୍ରହ୍ମପୁର ସହରରେ ହେଉଥିବା ବିଭିନ୍ନ ପ୍ରକଳ୍ପ ଗୁଡିକୁ ସମୀକ୍ଷା କରିଛନ୍ତି। ସମୀକ୍ଷା ସମୟରେ ସେ ସହରରେ ଡ୍ରେନେଜ, ସ୍ୱେରେଜ ଓ ରାସ୍ତାର ମାଷ୍ଟର ପ୍ଲାନ ପ୍ରସ୍ତୁତି ପାଇଁ ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କୁ ପରାମର୍ଶ ଦେଇଛନ୍ତି। ସହରର ସୌନ୍ଦର୍ଯ୍ୟକରଣକୁ ପ୍ରଶଂସା କରିବା ସହ ରାମଲିଙ୍ଗମ ପାର୍କର ସୌନ୍ଦର୍ଯ୍ୟକରଣକୁ ତଦାରଖ କରିବା ସହ ରକ୍ଷଣାବେକ୍ଷଣ ସମ୍ପର୍କରେ ପଚାରି ବୁଝିଥିଲେ। ଏହାକୁ ଅଧିକ ସୌନ୍ଦର୍ଯ୍ୟକରଣ କରିବା କ୍ଷେତ୍ରରେ ଘରୋଇକରଣ କରିବା ନେଇ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ନୂତନ ଭାବେ ନିର୍ମାଣ ହେବାକୁ ଥିବା ଗିରି ମାର୍କେଟ କୋଠାର ଜାଗା ଓ ଗଞ୍ଜାମ ହାଟ ପରିଦର୍ଶନ କରିଥିଲେ। ପ୍ରକଳ୍ପ ଗୁଡିକର କାର୍ଯ୍ୟ ଶୀଘ୍ର ସାରିବା ପାଇଁ କହିବା ସହ ଉନ୍ନତ ମାନର କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ପାଲୁର ହିଲ ସ୍ଥିତ ଇଣ୍ଟିଗ୍ରେଟେଡ ଇନଫ୍ରା ସେଣ୍ଟର ଓ ମହୁଦା ସ୍ଥିତ ବର୍ଜ୍ୟ ବସ୍ତୁ ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ପ୍ଲାଣ୍ଟରେ କିଭଳି କାର୍ଯ୍ୟ ହେଉଛି ସେ ସଂପର୍କରେ ପଚାରି ବୁଝିଥିଲେ। ଏଥିସହ ଏଫଏସଟିପି ପ୍ଲାଣ୍ଟ ପରିଦର୍ଶନ କରି କାର୍ଯ୍ୟକୁ ସମୀକ୍ଷା କରିଥିଲେ। ଜିଲାପାଳ ଭି. କୀର୍ତ୍ତି ଭାସନ ଓ ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାରଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ମାସିକ ସଭା




କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନାଗରିକ।

ବ୍ରହ୍ମପୁର, ୧୬।୧୦(ସ୍ମୃତି ରଞ୍ଜନ ମହାଲିକ)

ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ମାସିକ ଆଲୋଚନା ସଭା ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରାଧା ଚରଣ ନାୟକ ଅଧକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ, ସମ୍ପାଦକ ରଜନୀ କାନ୍ତ ମଣ୍ଡଳ ଏବଂ ସଂଯୋଜକ ଗୌରୀଶଙ୍କର ପଟ୍ଟନାୟକ ଯୋଗ ଦେଇ ସଭାକୁ ଉଦଘାଟନ କରିଥିଲେ। ସଭପତି ଜିଲା ତଥା ରାଜ୍ୟର ସମସ୍ତ ବରିଷ୍ଠ ନାଗରିକଙ୍କୁ ପୋଲିସ ପ୍ରଶାସନ ପକ୍ଷରୁ ପରିଚୟପତ୍ର ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇ ଅନୁଷ୍ଠାନ ତରଫରୁ ଆଲୋଚନା କରିବା ପାଇଁ କହିଥିଲେ। ସାଧାରଣ ସମ୍ପାଦକ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ନୂତନ ସଦସ୍ୟତା ଗ୍ରହଣ କରିଥିବା ଇଂ କୈଳାସ ଚନ୍ଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କିରଣ କୁମାର ଦୋରା, ହାଡ଼ିବନ୍ଧୁ ମାଳି, ଶ୍ୟାମାପ୍ରସାଦ ପାଢୀ,ଡ଼ ବିଜୟ ଚନ୍ଦ୍ର ମହାରଣା, ରବିନ୍ଦ୍ର କୁମାର ନାୟକ ଓ କୈଳାସ ଚନ୍ଦ୍ର ପଣ୍ଡାଙ୍କ ସମେତ ମଂଚର ଅନ୍ୟ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ କଳା ଉତ୍ସବରେ ୧୩୦ ପ୍ରତିଯୋଗୀ




ଶିକ୍ଷା ବିଭାଗ ଅଧିକାରୀଙ୍କ ଗହଣରେ ସଫଳ ପ୍ରତିଯୋଗୀ।

ବ୍ରହ୍ମପୁର, ୧୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ମେଡିକାଲ କ୍ୟାମ୍ପସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲା ସମଗ୍ର ଶିକ୍ଷା ପ୍ରକଳ୍ପ ସଂଯୋଜକ ସରୋଜ ମୋହନ ପାଳଙ୍କ ସଂଯୋଜନାରେ ଜିଲାସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଛି। ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଡ. ପ୍ରଭାତୀ କୁମାର ମହାପାତ୍ର, ଏସ.ଧନଞ୍ଜୟ, ସମ୍ମାନନୀୟ ଅତିଥି ରୂପେ ଜିଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା, ଭି.ଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟ ତଥା ହିଞ୍ଜିଳିକାଟୁ ବ୍ଲକର ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚାନ୍ଦିନୀ ପଣ୍ଡା, ରଙ୍ଗେଇଲୁଣ୍ଡା ବିଇଓ ଦେବେନ୍ଦ୍ର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜଗନ୍ନାଥ ଭୂୟାଁ, ହିଞ୍ଜିଳିକାଟୁ ଅତିରିକ୍ତ ବିଇଓ ବାଳକୃଷ୍ଣ ପାତ୍ର, ଜିଲା ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା ଯୋଗଦେଇଥିଲେ। ଜିଲାର ୨୨ ବ୍ଲକରୁ ୧୩୦ ପ୍ରତିଯୋଗୀ ସାମିଲ ଥିଲେ। ବରିଷ୍ଠ କଳାକାର ଓ ସଂଗୀତ ନିର୍ଦ୍ଦେଶକମାନେ ମୁଖ୍ୟ ବିଚାରକ ଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଖୋର୍ଦ୍ଧାରେ ଅନୁଷ୍ଠିତ ଜୋନାଲସ୍ତରୀୟ କଳା ଉତ୍ସବରେ ଯୋଗଦେବେ।

## ଗୋପାଳପୁର କଲେଜରେ ବାଣିଜ୍ୟ ବିଭାଗର ପାଠଚକ୍ର




ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରାଯାଉଛି।

ବ୍ରହ୍ମପୁର, ୧୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଗୋପାଳପୁର କଲେଜରେ ଗୁରୁବାର ବାଣିଜ୍ୟ ବିଭାଗର ପାଠଚକ୍ର ଓ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡ଼. ରାମ ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଡ଼.ମନୋଜ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରବି ଶଙ୍କର ସାମନ୍ତରାୟ ଯୋଗ ଦେଇ ପ୍ରତ୍ୟକ୍ଷ ଓ ପରୋକ୍ଷ କରର ଧାରଣା ଉପରେ ଆଲୋଚନା କରିଥିଲେ। ବିଭାଗର ଅଧାପକ ଡ଼ ଭଦ୍ରି ନାରାୟଣ ପାତ୍ର ଓ ଅଧ୍ୟାପିକା ଡ଼ ନିହାରିକା ପାଢ଼ୀ ଶୀର୍ଷକ ଉପରେ ନିଜ ମତ ରଖିଥିଲେ। ଦ୍ୱିତୀୟବର୍ଷ ଛାତ୍ର ସୁନୀଲ ଚୌଧୁରୀ ଏବଂ ଯୁକ୍ତ ତିନି ଶେଷ ବର୍ଷର ଛାତ୍ରୀ ସାଦିଆ ବାନୁ ଓ ଜି. ପାୱନି ପ୍ରବନ୍ଧ ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନବାଗତ ଛାତ୍ରୀଛାତ୍ର ନିଜ ନିଜ ପରିଚୟ ପ୍ରଦାନ କରିଥିବା ବେଳେ ଦ୍ୱିତୀୟ ଓ ଶେଷ ବର୍ଷର ଛାତ୍ରୀଛାତ୍ର ନିଜ ନିଜ ଅନୁଭୂତି ବଖାଣିଥିଲେ। ଡ଼ ଭଦ୍ରି ନାରାୟଣ ପାତ୍ର ଧନ୍ୟବାଦ ଦେଇଥିଲେ। ଇଂରାଜୀ ବିଭାଗର ମୁଖ୍ୟ ଡ଼ ମାନସ ରଞ୍ଜନ ମିଶ୍ରଙ୍କ ସମେତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ବିଭାଗର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା।

## ନବୀନଙ୍କ ଜନ୍ମ ଦିନରେ ବିଜେଡିର ଦୀପଦାନ



ଜନ୍ମ ଦିବସରେ ଉପସ୍ଥିତ ଜିଲା ସଭାପତି ଓ ଅନ୍ୟମାନେ।

ବ୍ରହ୍ମପୁର, ୧୬।୧୦(ସ୍ମୃତି ରଞ୍ଜନ ମହାଲିକ)

ବିରୋଧୀ ଦଳ ନେତା ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ଦିନ ଜିଲା ବିଜେଡି ପକ୍ଷରୁ ଗୁରୁବାର ପାଳନ କରାଯାଇଛି। ଏହି ଅବସରରେ ଜିଲା ବିଜେଡି ପକ୍ଷରୁ ସଭାପତିଙ୍କ ଦୀର୍ଘାୟୁ କାମନା କରି ବୁଢୀ ଠାକୁରାଣୀଙ୍କ ମନ୍ଦିରରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିସହ ମହାନଗର ନିଗମର ୧୯ନଂ ୱାର୍ଡର ଖଲାସି ସାହିଠାରେ ଛୋଟ ଶିଶୁଙ୍କ ଗହଣରେ କେକ କାଟି ଜନ୍ମ ଦିନ ପାଳନ କରାଯାଇଥିଲା। ଏଥିରେ ଜିଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡା, ପୂର୍ବତନ ମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବିଏମସି ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାଷ ମହାରଣା, ବରିଷ୍ଠ ନେତା ଡ ଭଗବାନ ଗନ୍ତାୟତ, ନାରୀ ନେତ୍ରୀ ମମତା ବିଶୋୟୀଙ୍କ ସମେତ ଛାତ୍ର ଓ ଯୁବ ଏବଂ ମହିଳା ଦଳର ବହୁ ନେତ୍ରୀ,କର୍ମୀ ଉପସ୍ଥିତ ଥିଲେ।

## ସାଇବର ଠକଙ୍କ ଜାଲରେ ୨ ସେନା ଅଧିକାରୀ, ୬ ଲକ୍ଷ ହରାଇଲେ

ବ୍ରହ୍ମପୁର, ୧୬।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ସାଇବର ଠକମାନେ ଗଞ୍ଜାମ ଜିଲାରେ କାର୍ଯ୍ୟରତ ୨ ଜଣ ସେନା ଅଧିକାରୀଙ୍କୁ ନିଜ ଜାଲରେ ପକାଇଛନ୍ତି। ଚଞ୍ଚକତା କରି ଉଭୟଙ୍କଠାରୁ ୬ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଛନ୍ତି। ଏ ନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ ପରେ ୨ଟି ପୃଥକ ମାମଲା ରୁଜୁ ହୋଇଛି। ଜିଲାରେ କାର୍ଯ୍ୟରତ ବାହାର ରାଜ୍ୟର ଜଣେ ମହିଳା ସେନା ଅଧିକାରୀ ଆଇସିଆଇସି ବ୍ୟାଙ୍କର କ୍ରେଡିଟ କାର୍ଡ ସହ ଅନ୍ୟ କ୍ରେଡିଟ କାର୍ଡ ବ୍ୟବହାର କରୁଛନ୍ତି। ୨ ଦିନ ତଳେ ତାଙ୍କ ନିକଟକୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ ଆଇସିଆଇସିଆଇ କ୍ରେଡିଟ କାର୍ଡର କଷ୍ଟମର କେୟାର ପ୍ରତିନିଧି ବୋଲି ଦର୍ଶାଇଥିଲେ। ସେହିକ୍ରମରେ ସେନା ଅଧିକାରୀ ଜଣଙ୍କ ତାଙ୍କ ସହ କଥା ହୋଇଥିଲେ। ଆପଣଙ୍କ କ୍ରେଡିଟ କାର୍ଡରେ ନେଣଦେଣରେ ସମସ୍ୟା ରହିଛି ବୋଲି ସେନା ଅଧିକାରୀଙ୍କୁ ସେ କହିଥିଲେ। ଏଥିପାଇଁ ସେ ସେନା ଅଧିକାରୀଙ୍କୁ ତାଙ୍କ କ୍ରେଡିଟ କାର୍ଡର ସବିଶେଷ ତଥ୍ୟ ମାଗି ନେଇଥିଲେ। ଏହାର କିଛି ସମୟ ପରେ ସେନା ଅଧିକାରୀଙ୍କ ୨ଟି କ୍ରେଡିଟ କାର୍ଡରୁ ପର୍ଯ୍ୟାୟକ୍ରମେ ୨ ଲକ୍ଷ ୫୦ ହଜାରରୁ ଅଧିକ ଟଙ୍କା କଟି ଯାଇଥିଲା। ଘଟଣା ସମ୍ପର୍କରେ ସେ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିଥିଲେ। ସେହିପରି କିଛିଦିନ ତଳେ ଗଞ୍ଜାମ ଜିଲାରେ କାର୍ଯ୍ୟରତ ଆନ୍ଧ୍ରପ୍ରଦେଶର ଜଣେ ସେନା ଅଧିକାରୀ ମଧ୍ୟ ସାଇବର ଠକେଇର ଶିକାର ହୋଇଛନ୍ତି। ସାଇବର ଠକମାନେ ସେନା ଅଧିକାରୀଙ୍କ ଅଜାଣତରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମେ ୩ ଲକ୍ଷ ୬୯ ହଜାର ଟଙ୍କା ଅନ୍ୟାନ୍ୟ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରି ନେଇଛନ୍ତି। ସାଇବର ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଟଙ୍କା ଟ୍ରାନ୍ସଫର ହୋଇଥିବା ଆକାଉଣ୍ଟ ବିଷୟରେ ତଥ୍ୟ ସଂଗ୍ରହ କରୁଛି।

## ୪୬ ତମ ଆନ୍ତଃ ମହାବିଦ୍ୟାଳୟ ଚେସ୍ ପୁରୁଷ ଓ ମହିଳା ପ୍ରତିଯୋଗିତା

ବ୍ରହ୍ମପୁର, ୧୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ଗୁରୁବାର ୪୬ତମ ଆନ୍ତଃ ମହାବିଦ୍ୟାଳୟ ଚେସ ପୁରୁଷ ଓ ମହିଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ଚେସ ଖେଳ ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ଠିକ ରହେ। ତେଣୁ ଏନେଇ ଅଭ୍ୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏହି ପ୍ରତିଯୋଗିତାରେ ବିଶ୍ୱବିଦ୍ୟାଳୟ ଓ ୨୦ ମହାବିଦ୍ୟାଳୟର ପୁରୁଷ ବର୍ଗରେ ୪୩ ଜଣ ଓ ମହିଳା ବର୍ଗରେ ୧୮ ଜଣ ଭାଗ ନେଇଥିଲେ। ଅଫିସିଆଲ ଭାବେ ଜି.ସତ୍ୟ ନାରାୟଣ,ବିନାୟକ ରଥ,ବିଷ୍ଣୁ ପ୍ରସାଦ ପୁରୋହିତ,ସୀତାରାମ ମୂର୍ତ୍ତି, ଦୁଷ୍ମନ୍ତ କୁମାର ପାଢ଼ୀ, ରବି ଚରଣ ମିଶ୍ର, ରାଜେଶ କୁମାର ମହାନ୍ତି ଦାୟିତ୍ୱ ତୁଲାଇ ଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଆସିକା,୧୬।୧୦(ସୁରେନ୍ଦ୍ର ନାଥ ସାହୁ): ଆସିକା ଏନ୍‌ଏସିର ତାଲୁକା ଛକସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଗୁରୁବାର ଆସିକା ବ୍ଲକ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବିଧାୟକ ସରୋଜ କୁମାର ପାଢୀ ଯୋଗଦେଇଥିଲେ। ବ୍ଲକ ଉପାଧକ୍ଷା ରେସମା ଦୋରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ସବର, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବେହେରା, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ରାଜଶ୍ରୀ ସାହୁ, ସରପଞ୍ଚ ଜୟନ୍ତୀ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ବେହେରା, ସୁଶାନ୍ତ କୁମାର ଭୂୟାଁ, ହେମନ୍ତ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତର ଚଳନବାଧିତ ୬୨ଜଣ, ଶ୍ରବଣ ବାଧିତ ୨୭, ଦୃଷ୍ଟିବାଧିତ ୮, ମସ୍ତିଷ୍କ ପକ୍ଷାଘାତ ୬, ସିକିଲସେଲ ୧, ମାନସିକ ଅନଗ୍ରସର ୮ ଓ ଭିନ୍ନକ୍ଷମ ପ୍ରମାଣ ପତ୍ର ନିମନ୍ତେ ୧୮ଜଣ ଆବେଦନ କରିଥିଲେ। ପ୍ରମାଣପତ୍ର ନିମନ୍ତେ ୬୭ଜଣ ଆବେଦନ କରିଥିଲେ। ବିଧାୟକଙ୍କ ଦ୍ୱାରା ୩ଜଣ ଦିବ୍ୟାଙ୍ଗଙ୍କୁ ୩ଚକିଆ ସାଇକେଲ ଓ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା।

## ଯନ୍ତ୍ରୀ, ଘର ମାଲିକଙ୍କ ଘରୁ ଲୁଟିଲେ ଦୁର୍ବୃତ୍ତ

ବ୍ରହ୍ମପୁର, ୧୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଜୟପ୍ରକାଶନଗର ୩ୟ ଲାଇନର ଏକ ୨ ମହଲା ଘରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ଘର ମାଲିକ ଉପର ମହଲାରେ ରହୁଥିବା ବେଳେ ତଳ ମହଲାରେ ବିଦ୍ୟୁତ ବିଭାଗର ଜଣେ ଯନ୍ତ୍ରୀ ରହୁଛନ୍ତି। ଉଭୟଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଚୋର ଦଳ ୫ ଭରି ଓଜନର ସୁନା ଅଳଙ୍କାର, ନଗଦ ଟଙ୍କା ରୂପା ଅଳଙ୍କାର, ଦୁଇଟି ଲାପଟପ, ଟାବଲେଟ ସହ କିଛି ଦାମୀ ସାମଗ୍ରୀ ନେଇ ଯାଇଛନ୍ତି। ଘରେ ଲାଗିଥିବା ସିସିଟିଭି କ୍ୟାମେରା ସହ ସମ୍ମୁଖ ଗହଣା ଦୋକାନ ଆଗରୁ ଏକ ବାଇକ ଚୋରି କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ଜୟପ୍ରକାଶନଗରରେ ନରସିଂହ ବେହେରାଙ୍କ ଏକ ୨ ମହଲା ଘର ରହିଛି। ଉପର ଘରେ ନରସିଂହ ଓ ତଳ ମହଲାରେ ବିଦ୍ୟୁତ ବିଭାଗର ଯନ୍ତ୍ରୀ ସୁବାଷଚନ୍ଦ୍ର ବିଷୋୟୀ ନିଜ ପରିବାର ସହ ଭଡାରେ ରହୁଛନ୍ତି। କିଛି ଦିନ ତଳେ ନରସିଂହ ହାଇଦ୍ରାବାଦ ଯାଇଥିଲେ। ଯନ୍ତ୍ରୀ ସୁବାଷଙ୍କ ସ୍ତ୍ରୀ'ଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ସେ କଟକ ଚାଲି ଯାଇଥିଲେ। ଏହାର ସୁଯୋଗ ନେଇ ଗତ ୧୩ ତାରିଖ ରାତିରେ ଚୋରମାନେ ଘର ପଛପଟେ ଆସି ମୁଖ୍ୟ ଗ୍ରୀଲର ତାଲା ଓ ଉଭୟ ଘରର କବାଟ ତାଲା ଭାଙ୍ଗି ଚୋରି କରିଛନ୍ତି। ଯନ୍ତ୍ରୀ ସୁବାଷ ବ୍ରହ୍ମପୁରରେ ନଥିବାରୁ ତାଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ହେଲେ ଘର ମାଲିକ ନରସିଂହ ଓ ଯନ୍ତ୍ରୀ ବ୍ରହ୍ମପୁର ଫେରିବା ପରେ ଘର ଭିତରୁ ଚୋରି ହୋଇଥିବା ସାମଗ୍ରୀ ବିଷୟରେ ଜଣାପଡିଥିଲା। ଯନ୍ତ୍ରୀ'ଙ୍କ ଘରୁ ଅଫିସ କାର୍ଯ୍ୟ ପାଇଁ ବ୍ୟବହାର ହେଉଥିବା ୨ ଟି ଦାମୀ ଲାପଟପ ଓ ଗୋଟିଏ ଟାବଲେଟ ସହ ୧୦ ହଜାର ଟଙ୍କା, କିଛି ରୂପା ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଛି। ସେହିପରି ଘର ମାଲିକ ନରସିଂହଙ୍କ ଘରୁ ୫ ଭରି ଓଜନର ସୁନା ଅଳଙ୍କାର, ନଗଦ ୧୦ ହଜାର ଟଙ୍କା ଓ ରୂପା ଅଳଙ୍କାର ଚୋରି ହୋଇଛି।

## ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ଆଗରେ ବିକ୍ଷୋଭ




ମାନବାଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବ୍ରହ୍ମପୁର, ୧୬।୧୦(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟର ବିଭିନ୍ନ ସମସ୍ୟାକୁ ନେଇ ମାନବାଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ(ସିଡିଭିଓ)ଙ୍କୁ ପ୍ରଦାନ କରାଯାଇଛି। ଏଥିସହ ସୁରକ୍ଷା ମଞ୍ଚର ଏକ ପ୍ରତିନିଧି ଦଳ ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ପ୍ରାଣୀମାନେ ଚିକିତ୍ସିତ ହେଉଥିବା ସ୍ଥାନରୁ ବାଲି, ମାଟି ନିୟମିତ ଭାବେ ବାହାର କରିବା ନିୟମ ଥିଲେ ବି ତାହା କରାଯାଉନି। ପ୍ରତିଦିନ ସଫା ସୁତରା କରାଯାଉ ନାହିଁ କି ପ୍ରାଣୀଙ୍କ ମୃତଶରୀର ବାହାର କରାଯାଉ ନ ଥିବା ନେଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଅଞ୍ଜନ କୁମାର ଦାଶଙ୍କୁ ଅବଗତ କରାଇଥିଲେ। ତେବେ ଗତ ୩ ମାସ ଧରି କୌଣସି ପ୍ରକାର ଔଷଧ ସରକାର ଯୋଗାଉ ନ ଥିବା ନେଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ମଞ୍ଚକୁ ସ୍ପଷ୍ଟୀକରଣ ଦେଇଥିଲେ। ଚିକିତ୍ସାଳୟରେ ପୂର୍ଣ୍ଣ କାର୍ଯ୍ୟକ୍ଷମ ଆନ୍ତଃବିଭାଗ ଖୋଲିବା,୨୪ ଘଣ୍ଟା ଆମ୍ବୁଲାନ୍ସ ସେବା, ଅଧିକ ୨ଟି ଆମ୍ବୁଲାନ୍ସ ଯୋଗାଇବା, ଚିକିତ୍ସା ବେଳେ ଅନୁପସ୍ଥିତ ରହୁଥିବା ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ହସ୍ପିଟାଲରେ ସିସି କ୍ୟାମେରା ସଂଯୋଗ,ସମସ୍ତ ଜରୁରୀ ଔଷଧ ତୁରନ୍ତ ଯୋଗାଇବା, ପ୍ରତିଦିନ ଚିକିତ୍ସାଳୟକୁ ସିଡିଭିଓ ପରିଦର୍ଶନରେ ଯିବା, ଦୁର୍ଘଟଣାଗ୍ରସ୍ତ ପ୍ରାଣୀଙ୍କ ଜରୁରୀ ଚିକିତ୍ସା, ଔଷଧ ଓ ଖାଦ୍ୟ ଯୋଗାଇବା ପ୍ରତି ପ୍ରାଣୀ ସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଦୃଷ୍ଟି ଦେବା ପାଇଁ ମଞ୍ଚ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ମଞ୍ଚର ସାଂଗଠନିକ ସମ୍ପାଦକ ମନୋଜ କୁମାର ତରାଇ, ସର୍ବଭାରତୀୟ କ୍ଷେତ ମଜଦୁର କିଶାନ ସଭାର ଜିଲା ସଭାପତି ଅବନୀ ଗୟା, ସେବା ନିବୃତ ଶିକ୍ଷକ କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖାଡଙ୍ଗା, ଶିକ୍ଷକ ସଂଘର ନେତା ଅଶୋକ କୁମାର ଦଳାଇ, ନିହାର ରଞ୍ଜନ ପଣ୍ଡା, ବି. ରାମ ବାବୁ, ବି. ମଣିକାନ୍ତା, ନିକେଶ ପାଣିଗ୍ରାହୀ, ସୀତାରାମ ବେହେରା, କୃଷ୍ଣ ଚନ୍ଦ୍ର ସାହୁ, ଆକାଶ ପାତ୍ର ଓ ଗୋବିନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରୀଡ଼ା କ୍ଷେତ୍ରରେ ପିଲାଙ୍କୁ ସୁଦୃଢ଼ କରିବାକୁ ପ୍ରୟାସ

## ୧୯ରେ ଜୁଡୋ ଓ ୨୦ରେ କରାଟେ ପ୍ରତିଯୋଗିତା

ବ୍ରହ୍ମପୁର, ୧୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

କ୍ରୀଡା କ୍ଷେତ୍ରରେ ପିଲାଙ୍କୁ ସୁଦୃଢ଼ କରିବାକୁ ଶିକ୍ଷା ବିଭାଗ ପ୍ରୟାସ ଜାରି ରଖିଛି। କବାଡି, ଭାରୋତ୍ତଳନ, ବ୍ୟାଡମିଣ୍ଟନ, ହ୍ୟାଣ୍ଡବଲ, ବାସ୍କେଟବଲ, ଜୁଡୋ, କରାଟେ, ଯୋଗାଶନ, ସଫ୍ଟବଲ, ବେସବଲ ଆଦି ଖେଳକୁ ପିଲାଙ୍କ ମଧ୍ୟରେ କରାଇ ସେମାନଙ୍କ କ୍ରୀଡା ସମ୍ଭାବନାକୁ ଲୋକଲୋଚନକୁ ଆଣିବାକୁ ଉଦ୍ୟମ କରାଯାଉଛି। ଏନେଇ ବିଭିନ୍ନ ପ୍ରତିଯୋଗିତା ଜିଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ପୁଣି ଆସନ୍ତା ୧୯,୨୦ ଓ ୨୫ ତାରିଖରେ ଆଉ ୫ ଜିଲାସ୍ତରୀୟ ପ୍ରତିଯୋଗିତା କରିବାକୁ ସମସ୍ତ ସ୍କୁଲକୁ ଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଛି। ମଙ୍ଗଳବାର ବିଭାଗ ପକ୍ଷରୁ ପ୍ରକାଶିତ ଚିଠି ନଂ. ୨୦୪୦୭ରେ ଉଲ୍ଲେଖ ରହିଛି ଯେ, ଆସିକାରୋଡସ୍ଥିତ ବିନାୟକ ଆଚାର୍ଯ୍ୟ ମ୍ୟୁନିସିପାଲ ସରକାରୀ ହାଇସ୍କୁଲରେ ଜିଲାସ୍ତରୀୟ ୧୯ ତାରିଖରେ ଜୁଡୋ ଓ ୨୦ ତାରିଖରେ କରାଟେ୧୭ ବର୍ଷରୁ କମ ବାଳିକା ଓ ବାଳକ ପ୍ରତିଯୋଗିତା ସକାଳ ସାଢ଼େ ୭ଟାରେ ହେବ। ସେହିପରି ଆସନ୍ତା ୨୫ ତାରିଖରେ ବାଲାଜି ବିଦ୍ୟାପୀଠ କନିଷ୍ଠିଠାରେ ଯୋଗାସନ, ସଫ୍ଟବଲ ଓ ବେସ୍‌ବଲ ଜିଲାସ୍ତରୀୟ ପ୍ରତିଯୋଗିତା ହେବ ବୋଲି କୁହାଯାଇଛି। ସେହିପରି ଯୋଗାଶସନରେ ୧୪ ଓ ୧୭ବର୍ଷରୁ କମ ବାଳିକା ଓ ବାଳକ ଭାଗ ନେବେ। ପ୍ରତି ବ୍ଲକରୁ ୨ଜଣ ଲେଖାଏଁ। ସେହିପରି ୧୭ ବର୍ଷରୁ କମ ବାଳିକାବାଳକ ସଫ୍ଟବଲ ଓ ବେସବଲରେ ଯୋଗଦେବେ। ସେମାନଙ୍କ ସ୍କୁଲର ତାଲିମ ଦେଉଥିବା ଶିକ୍ଷକଙ୍କ ବିନା ଛାତ୍ରୀଛାତ୍ରଙ୍କୁ ପ୍ରବେଶ କରାଯିବ ନାହିଁ ବୋଲି କୁହାଯାଇଛି। କୌଣସି ଅଭିଭାବକଙ୍କୁ ଏଥିରେ ସାମିଲ କରାଯିବ ନାହିଁ। ସମସ୍ତ ପ୍ରମାଣପତ୍ର ସହ ପ୍ରତିଯୋଗୀମାନେ ପ୍ରତିଯୋଗିତା ପୂର୍ବରୁ ଦାଖଲ କରିବାକୁ କୁହାଯାଇଛି।

## ରାସ୍ତାରେ ଜଳିଗଲା କଣ୍ଟେନର, ବର୍ତ୍ତିଲେ ଡ୍ରାଇଭର୍

ଛତ୍ରପୁର,(ଦିଲୀପ ସାମଲ): ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ନିକଟ ଜାତୀୟ ରାଜପଥ ଉପରେ ବୁଧବାର ରାତି ପ୍ରାୟ ୩ଟାରେ ଏକ କଣ୍ଟେନର ହୁତୁହୁତୁ ହୋଇ ଜଳିଯାଇଛି। ସୌଭାଗ୍ୟବଶତଃ ଡ୍ରାଇଭର ବର୍ତ୍ତି ଯାଇଛନ୍ତି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। କଟକରୁ କନିସି ଯାଉଥିବା କଣ୍ଟେନର ଚମାଖଣ୍ଡି ଥାନା ନିକଟରେ କୌଣସି କାରଣରୁ ଜଳି ଉଠିଥିଲା। ନିଆଁ ଦେଖି ଡ୍ରାଇଭର ଗାଡି ବନ୍ଦ କରି ତଳକୁ ଓହ୍ଲାଇ ପଡ଼ିଥିଲେ। ଛତ୍ରପୁର ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଂକ୍ଷେପରେ

### ୧୩୨ କେଭି ବିଦ୍ୟୁତ୍ ତାର ପଡ଼ି ଜାତୀୟ ରାଜପଥ ଅବରୋଧ

ମୋହନା,୧୬।୧୦(ମନ୍ମଥ ମିଶ୍ର)– ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଶୁଖିଲାଆମ୍ବ ଗାଁ ନିକଟ ୩୨୬ ଜାତୀୟ ରାଜପଥରେ ୨ଟି ୧୩୨ କେଭି ବିଦ୍ୟୁତ୍ ତାର ପଡ଼ି ଗୁରୁବାର ରାସ୍ତା ଅବରୋଧ ହୋଇଥିଲା। ଫଳରେ ବ୍ରହ୍ମପୁର, ଭୁବନେଶ୍ୱର, ରାୟଗଡ଼ା, ମାଲକାନଗିରି କୋରାପୁଟ, କନ୍ଧମାଳ ଜିଲାକୁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ରୋଗୀ ଧରି ଯାଉଥିବା ଏକ ଆମ୍ବୁଲାନ୍ସ ମଧ୍ୟ ଅଟକି ରହିଥିଲା। ଖବରପାଇ ମୋହନା ପୋଲିସ, ଅଗ୍ନିଶମବାହିନୀ ପହଞ୍ଚି ଗଛ କାଟିବା ପରେ ଦିନ ୧୨ଟାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷରେ ଗଛ ପଡିବା ପରେ ବିଦ୍ୟୁତ୍ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନ ଥିଲେ।

### ୨୬ ୟୁନିଟ ରକ୍ତ ସଂଗ୍ରହ

ଆସିକା,୧୬।୧୦(ସୁରେନ୍ଦ୍ର ନାଥ ସାହୁ): ଆସିକା ବିଜ୍ଞାନ କଲେଜ ଯୁବ ରେଡକ୍ରସ, ସ୍କାଉଟ ଏବଂ ଗାଇଡ୍, ଏନଏସଏସ ଓ ଏନସିସିର ମିଳିତ ଆନୁକୂଲ୍ୟରେ କଲେଜ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମକେସିଜି ମେଡିକାଲ କଲେଜର ଡାକ୍ତର ଚିନ୍ମୟ ରଞ୍ଜନ ସ୍ୱାଇଁ ଏବଂ ଟିମ୍ ରକ୍ତ ସଂଗ୍ରହ କରିଥିଲେ । ଶିବିରରେ ୨୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଯୁବ ରେଡକ୍ରସ ଶାଖାର ଉପଦେଷ୍ଟା ଅଧ୍ୟାପକ ରାଜେଶ ସାହୁ ଏବଂ ଡ. ମାଧୁରୀ ହେମ୍ବ୍ରମ, ସ୍କାଉଟ ଓ ଗାଇଡ ଅଧିକାରୀ ଅଧ୍ୟାପକ ସରୋଜ କୁମାର ପଣ୍ଡା, ଏନଏସଏସ ଅଧିକାରୀ ଚିତ୍ରସେନ ବେହେରା, ପବିତ୍ର ଢଙ୍ଗଡ ମାଝୀ, ଯୋଗେଶ୍ୱର ଧାରୁଆ ଏବଂ ଏନସିସି ଅଧିକାରୀ ଡ. ଅଜିତ ମୁନି ଶିବିର ପରିଚାଳନା କରିଥିଲେ।

### ନବୀନ ପଟ୍ଟନାୟକଙ୍କ ପାଇଁ ପୂଜାପାଠ

ହିଞ୍ଜିଳିକାଟୁ, ୧୬।୧୦( ଦ୍ୱିତୀକୃଷ୍ଣ ପଣ୍ଡା) ରାଜ୍ୟ ବିରୋଧୀ ଦଳ ନେତା ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ଦିନରେ ହିଞ୍ଜିଳିକାଟୁ ବିଜେଡ଼ି ପକ୍ଷରୁ ଗୁରୁବାର ପାଳିତ ହୋଇଛି। କାଟୁ ରାଜବାଟି ଲକ୍ଷ୍ମୀ ନୃସିଂହ ମନ୍ଦିରରେ ବିଜେଡ଼ି ପକ୍ଷରୁ ପୂଜାପାଠ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ନବୀନଙ୍କ ଗଞ୍ଜାମ ଜିଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ଦଳର ବହୁ ନେତା ଓ କର୍ମୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନଙ୍କ ଆରୋଗ୍ୟ ଓ ଦୀର୍ଘାୟୁ କାମନା କରିଥିଲେ। ହିଞ୍ଜିଳିକାଟୁ ନଗର ବିଜେଡି ସଭାପତି ହୃଦୟାନନ୍ଦ ମହାପାତ୍ର ପୌର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, କାଉନସିଲର ବସନ୍ତ ବେହେରା, ରୋହିତ ବିଷୋୟୀ, ସଞ୍ଜୟ ସ୍ୱାଇଁ, ସୁବାସ ସାହୁ, ସରପଞ୍ଚ କୃଷ୍ଣ ଚନ୍ଦ୍ର ଭଉଳ, ବ୍ଲକ୍ ଉପାଧ୍ୟକ୍ଷ ସୁନିଲ ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ।

### ଆକାଂକ୍ଷୀ ଜିଲା ସମୀକ୍ଷା ବୈଠକ

ଫୁଲବାଣୀ,୧୬।୧୦ (ରାକେଶ କୁମାର ରାଉତ) ଜିଲାପାଳଙ୍କ ସଦଭାବନା ସଭାଗୃହରେ ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା ଅଧ୍ୟକ୍ଷତାରେ ଆକାଂକ୍ଷା ଜିଲା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସବୁ ବିଭାଗର ଅଧିକରୀମାନେ ଉପସ୍ଥିତ ରହି ନିଜ ବିଭାଗର କାର୍ଯ୍ୟ ଉପସ୍ଥାପନା କରିଥିଲେ। ସମସ୍ତ ବିଭାଗ ମିଳିମିଶି ଜିଲାର କେମିତି ପୂର୍ଣ୍ଣାଙ୍ଗ ବିକାଶ ହେବ ସେହି ବିଷୟରେ ଆଲୋଚନା କରି ବିକାଶ ଖସଡ଼ା ପ୍ରସ୍ତୁତ କରିବାକୁ ଅତିରିକ୍ତ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଏହି ବୈଠକ ଜିଲାପାଳ ବେଦଭୂଷଣ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ବାଲିଗୁଡ଼ା ଉପ–ଜିଲାପାଳ ପ୍ରଣିତା ଦାଶ, ବାଲିଗୁଡ଼ା ପିଏ ଆଇଟିଡିଏ କୃପାସିନ୍ଧୁ ବେହେରାଙ୍କ ସମେତ ଜିଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କାଜୁ କାରଖାନା ବଢ଼ାଉଛି ପ୍ରଦୂଷଣ

ପାରଳାଖେମୁଣ୍ଡି,୧୬।୧୦(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାର କେଉଁ ଅଞ୍ଚଳରେ କେତେ କାଜୁ କାରଖାନା ଅଛି ଜିଲା ପ୍ରଶାସନ କି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାହାରି ପାଖରେ ତଥ୍ୟ ନାହିଁ। ଜିଲାରେ ବହୁ ସଂଖ୍ୟାରେ କାଜୁ କାରଖାନା ଗଡ଼ି ଉଠୁଥିବାରୁ ପରିବେଶ ପ୍ରଦୂଷଣ ହେଉଥିବା ଅଭିଯୋଗ ହେଉଛି। ଆନ୍ଧ୍ର–ଓଡ଼ିଶା ସୀମାନ୍ତ ଅଞ୍ଚଳ ହୋଇଥିବାରୁ କାଜୁ ଏକ ଲାଭଜନକ ବ୍ୟବସାୟ ରୂପେ ପରିଣତ ହୋଇଛି। ଜିଲାରେ ପ୍ରଚୁର ପରିମାଣର କାଜୁ ଉତ୍ପାଦନକୁ ଦୃଷ୍ଟିରେ ରଖି ବହୁ ସଂଖ୍ୟାରେ କାଜୁ ପ୍ରୋସେସିଂ ୟୁନିଟ୍ ଗଡ଼ି ଉଠୁଛି। ଏହିସବୁ ୟୁନିଟ୍ ଚଳାଇବାକୁ ପ୍ରତ୍ୟହ ଶହ ଶହ କୁଇଣ୍ଟାଲ କାଠ ପୋଡା ହେଉଛି। ଏତେ ପରିମାଣର କାଠ କେଉଁଠୁ ଆସୁଛି, କେଉଁ ଜଙ୍ଗଲରୁ କଟା ହେଉଛି, ଏତେ ପରିମାଣର ଗଛ କାଟିବା ପାଇଁ କିଏ ଅନୁମତି ଦେଉଛି, ତାହା ଏବେ



କାଜୁ କାରଖାନା ଚଳାଇବା ପାଇଁ ରଖାଯାଇଥିବା କାଠ।

ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସବୁ ଉପରେ କାହାରି ନିୟନ୍ତ୍ରଣ ନ ଥିବାରୁ ସବୁ ଆଇନକୁ ଉଲ୍ଲଂଘନ କରି ଅବାଧରେ ଚାଲିଛି କାଜୁ କାରଖାନା। କାରଖାନା ମାଲିକ ଲାଭ ଉଠାଉଥିବା ବେଳେ ପରିବେଶ ପ୍ରଦୂଷଣ ବଢ଼ିଚାଲିଛି। ବିଶେଷ କରି ଜିଲାର ଗୋଷାଣୀ ଓ କାଶୀନଗର ବ୍ଲକ ଅଞ୍ଚଳରେ ଗଢ଼ି ଉଠିଥିବା କାଜୁ କାରଖାନା ପାଇଁ ନିକଟବର୍ତ୍ତୀ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି। ଗୋଟିଏ ପଟେ ସରକାର ପରିବେଶ ନିୟନ୍ତ୍ରଣ ସକାଶେ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଉଥିବା ବେଳେ ଏହାର ପ୍ରଭାବ କୌଣସି କାଜୁ ବ୍ୟବସାୟୀଙ୍କ ଉପରେ ପଡୁନି। କାରଖାନାରୁ ନିର୍ଗତ ଧୂଆଁରେ ବାୟୁମଣ୍ଡଳ ପ୍ରଦୂଷଣ ବୃଦ୍ଧି ପାଇବା ସହ ଏହାର ପ୍ରଭାବ ସ୍ଥାନୀୟ ଅଞ୍ଚଳର ଜଳ ଓ ବାୟୁମଣ୍ଡଳ ଉପରେ ଗଭୀର ପ୍ରଭାବ ପକାଉଛି। ଏହାକୁ ନେଇ ପ୍ରଶାସନର କୌଣସି ଚିନ୍ତା ନ ଥିବା ବେଳେ ନିୟନ୍ତ୍ରଣ ଦିଗରେ ମଧ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କିଛି ପଦକ୍ଷେପ ନାହିଁ। ଏ ଦିଗରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ଡିଏଫଓ କେ.ନାଗରାଜୁଙ୍କୁ ପଚାରିବାରୁ ସେ କହିଲେ, ଜିଲାରେ ଚାଲିଥିବା କାଜୁ କାରଖାନାଗୁଡିକ ସମ୍ପର୍କରେ ଜାଣିବା ପରେ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲି। ନାରଣପୁର ରେଞ୍ଜର ଏହାର ତଦନ୍ତ କରିଥିଲେ। କାରଖାନା ମାଲିକମାନେ ଆନ୍ଧ୍ରର ପଲାସାରୁ କାଠ ଆଣି କାରଖାନା ଚଳାଉଥିବା ତଦନ୍ତ ବେଳେ ଜଣାପଡିଥିବା ସେ କହିଥିଲେ।

### ପ୍ରଶାସନିକ ନିୟମକୁ ବ୍ୟବସାୟୀଙ୍କ ଫୁ

# ଅଣ ଧାନ ଫସଲକୁ ଗୁରୁତ୍ୱ

## ଜଳର ସୁକ୍ଷମ ବଣ୍ଟନ ଅନୁଧ୍ୟାନ କଲେ ସଚିବ

ଭଞ୍ଜନଗର,୧୬।୧୦(ବାବୁଲା ପ୍ରଧାନ)

ଜଳ ସମ୍ପଦ ବିଭାଗ ସ୍ୱତନ୍ତ୍ର ସଚିବ (ଜଳ ପ୍ରଭାରୀ) ମୁକୁଳ ବେରା ବୁଧବାର ଓ ଗୁରୁବାର ଦୁଇ ଦିନିଆ ଗଞ୍ଜାମ ଜିଲା ଗସ୍ତରେ ଆସି କ୍ଷୁଦ୍ର, ବୃହତ ଏବଂ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ। ସଚିବ ଖରିଫରେ ଜଳର ସୁକ୍ଷମ ବଣ୍ଟନ ବ୍ୟବସ୍ଥା ମଧ୍ୟ ଅନୁଧ୍ୟାନ କରିଥିଲେ। ଅଧିକରୁ ଅଧିକ ଜମିକୁ କିଭଳି ଜଳଭଣ୍ଡାର ପାଣି ପହଞ୍ଚି ପାରିବ ସେ ନେଇ ସମୀକ୍ଷା କରିଥିଲେ। ଜଳବାୟୁ ପରିବର୍ତ୍ତନ ଯୋଗୁ ଖରିଫ ଧାନ ଫସଲ ପ୍ରଭାବିତ ହେଉଛି। ତେଣୁ ଅଣଧାନ ଫସଲ ପ୍ରତି ଚାଷୀ ମାନେ ଦୃଷ୍ଟି ଦେବାକୁ ପଡିବ। ସରକାର ଅଣ ଧାନ ଫସଲ ପାଇଁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି ବୋଲି ସଚିବ କହିଥିଲେ। ତେଣୁ ଏଥିପ୍ରତି ଦୃଷ୍ଟି ଦେବାପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସଚିବ ବୁଧବାର ବେଲଗୁଣ୍ଠା ବ୍ଲକ ମାଧବରିଡ଼ା



ସଚିବ ସମୀକ୍ଷା କରୁଛନ୍ତି।

ଆନିକଟ ଏବଂ ଭଞ୍ଜନଗର ଜଳଭଣ୍ଡାର ବୁଲି ଦେଖିଥିଲେ। ଗୁରୁବାର ଜୟମଙ୍ଗଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସମେତ ଅନ୍ୟାନ୍ୟ ଅଞ୍ଚଳର କ୍ଷୁଦ୍ର ଓ ଉଠା ଜଳସେଚନ ପ୍ରକଳ୍ପ ବୁଲି ଦେଖିଥିଲେ । ଗୁରୁବାର ଭଞ୍ଜନଗର ଜଳସମ୍ପଦ ବିଭାଗ ଡାକ ବଙ୍ଗଳା ପରିସରରେ ସଚିବ ଯନ୍ତ୍ରୀ ମାନଙ୍କ ସହ ବିଭିନ୍ନ ବିଷୟ ଉପରେ ଆଲୋଚନା କରି ସାରିବା ପରେ ବ୍ରହ୍ମପୁର ଅଭିମୁଖେ ଯାଇଥିଲେ। ସେ ବାଟରେ ବିଭିନ୍ନ ପ୍ରକଳ୍ପ ଅନୁଧ୍ୟାନ କରିଥିଲେ। ଶୁକ୍ରବାର ବ୍ରହ୍ମପୁର ଅଞ୍ଚଳର ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା କରିବା କାର୍ଯ୍ୟକ୍ରମ ଅଛି। ସଚିବଙ୍କ ଗସ୍ତ ସମୟରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରାଜୀବ ପଣ୍ଡିତ, ଭଞ୍ଜନଗର ଜଳସେଚନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜୟ ପ୍ରଧାନ, ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପାତ୍ର, ସହକାରୀ ଯନ୍ତ୍ରୀ ରଶ୍ମି ରଞ୍ଜନ ରଥ, ପ୍ରହଲ୍ଲାଦ ପଣ୍ଡା, କ୍ଷୁଦ୍ର ଜଳସେଚନ ବିଭାଗ ଏବଂ ଉଠା ଜଳସେଚନ ବିଭାଗର ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଅନୁମତି ମିଳିନି, ବିକ୍ରି ହେଲାଣି ବାଣ

କବିସୂର୍ଯ୍ୟନଗର, ୧୬।୧୦(କୃପାସିନ୍ଧୁ ସ୍ୱାଇଁ) କବିସୂର୍ଯ୍ୟନଗର ଏନଏସିର ବିଭିନ୍ନ ଗଳିକନ୍ଦିରେ ବେଆଇନ ଭାବେ ବିକ୍ରି ପାଇଁ ଲକ୍ଷାଧିକ ଟଙ୍କାର ବାଣ ମହଜୁଦ ରହିଥିବା ଅଭିଯୋଗ ହେଉଛି। ମହାମାୟୀ ମନ୍ଦିର ନିକଟ, କୁମୁଟି ସାହି ଛକ, ମାଛଗଳି, ଗଣେଶ ବଜାର, ମୁଖ୍ୟ ରାସ୍ତା, ଆଇବି ଛକ, ପଥରା, ତେଲି ସାହି ଓ ଦେଶୀ ବେହେରା ସାହି ମଧ୍ୟଭାଗରେ ଏହି ବାଣ ମହଜୁଦ ରଖାଯାଇଥିବା ଖବର ମିଳିଛି। ବିକ୍ରି ପାଇଁ ବ୍ୟବସାୟୀଙ୍କୁ ଲାଇସେନ୍ସ ମିଳିନି କି ପ୍ରଶାସନ ପକ୍ଷରୁ ଅନୁମତି ପତ୍ର ମଧ୍ୟ ମିଳିନି। ପ୍ରଶାସନ , ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ନୀରବ ସାଜିଛି। ଲାଇସେନ୍ସ ପାଇଁ ଆବେଦନ କରି କେତେ ଜଣ ବ୍ୟବସାୟୀ ବହୁ ପରିମାଣରେ ବାଣ ବିକ୍ରି କରି ସାରିଲାଣି। ହାତ ଗଣତି କେତେ ଜଣ ବ୍ୟବସାୟୀ ଲାଇସେନ୍ସ ପାଇଁ ଆବେଦନ କରିଥିବା ବେଳେ ଶତାଧିକ ବ୍ୟବସାୟୀ ଲୁଚାଛପାରେ ବାଣ ବିକ୍ରି କଲେଣି। ବାଣ ବିକ୍ରି ପାଇଁ ପୋଲିସ, ତହସିଲ, ଅଗ୍ନିଶମ ବିଭାଗର ଅନୁମତି ନେଇ ଉପଜିଲାପାଳଠାରୁ ଲାଇସେନ୍ସ ଆଣି ଜନବସତିଠାରୁ ୫୦୦ ମିଟର ଦୂରରେ ବାଣ ଦୋକାନ ଖୋଲିବା, ପାଖରେ ଜଳାଶୟ, ଅଗ୍ନିନିର୍ବାପକ ଯନ୍ତ୍ର ରଖିବା ନିୟମକୁ ବ୍ୟବସାୟୀ ମାନୁନାହାନ୍ତି।

# ୧୩ ଦିନ ପରେ ମିଳିଲା ଶୁଭମ୍‌ଙ୍କ ମୃତଦେହ

## ଋଷିକୂଲ୍ୟାରେ ଗାଧୋଉଥିବା ବେଳେ ଭାସିଯାଇଥିଲେ

ଧରାକୋଟ,୧୬।୧୦(ବିଷ୍ଣୁ କେଶରୀ ଆଚାର୍ଯ୍ୟ)– ଗଞ୍ଜାମ ଜିଲା ଧରାକୋଟ ବ୍ଲକ ଅନ୍ତର୍ଗତ ମୁଣ୍ଡମରାଇ ପଞ୍ଚାୟତ ପୋଡ଼ାପଲି ଗ୍ରାମର ବୁଲୁ ପ୍ରଧାନଙ୍କ ପୁଅ ଶୁଭମ ଗତ ୪ ତାରିଖରେ ସାଙ୍ଗମାନଙ୍କ ସହିତ ଋଷିକୁଲ୍ୟ ନଦୀକୁ ଗାଧୋଇବାକୁ ଯାଇ ଭାସି ଯାଇଥିଲେ। ସ୍ଥାନୀୟ ଦମକଳବାହିନୀ ଓ ପୋଲିସ ୪ ଦିନ ଧରି ଖୋଜା ଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ୧୩ ଦିନ ପରେ ଗୁରୁବାର ପୋଡ଼ାପଲି ଗାଁରୁ ପ୍ରାୟ ୨ କି.ମି. ଦୂର ଲକ୍ଷ୍ମୀପୁର ବାଲିଘାଟ ଭିତରୁ ଶୁଭମଙ୍କ ମୃତଦେହ ମିଳିଛି। ୪ରେ ନଦୀରେ ଶୁଭମ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ଦାଦା ଗୁକୁନା ପ୍ରଧାନ ଧରାକୋଟ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୩୮୦/୨୫ରେ ଏକ ନିଖୋଜ ମାମଲା ରୁଜୁ କରିଥିଲା। ଘଟଣା ପରେ ଅଗ୍ନିଶମ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ତହସିଲଦାର ଓ ପୋଲିସ ଉପସ୍ଥିତିରେ ଋଷୀକୁଲ୍ୟ ନଦୀରେ ୪ ଦିନ ଧରି ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଗୁରୁବାର ଗାଁ ଲୋକେ ଲକ୍ଷ୍ମୀପୁର ବାଲିଘାଟ ଅଞ୍ଚଳରେ ଖୋଳାଖୋଳି କରିବା ବେଳେ ଶୁଭମଙ୍କ ମୃତଦେହ ବାଲି ତଳେ ପୋତିହୋଇ ରହିଥିବା ଅବସ୍ଥାରେ ମିଳିଥିଲା। ଏନେଇ ଗାଁ ଲୋକେ ପୋଲିସ ଓ ଦମକଳ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ, ଅଗ୍ନିକ ପବିତ୍ର ବେହେରା, ଶୁଭ୍ରଜିତ୍ ରଥ, କୃଷ୍ଣଚନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ଲକ୍ଷ୍ମୀପୁର ବାଲିଘାଟ ନିକଟରେ ପହଞ୍ଚି ବାଲି ଭିତରୁ ଶୁଭମଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ୯ ଦଫା ଦାବି ନେଇ ଆଶା କର୍ମୀଙ୍କ ବିକ୍ଷୋଭ




ଫୁଲବାଣୀ/ଛତ୍ରପୁର,୧୬।୧୦ (ରାକେଶ କୁମାର ରାଉତ/ ଦିଲୀପ ସାମଲ) ଓଡିଶା ରାଜ୍ୟ ଆଶା କର୍ମୀ ସଂଘ କନ୍ଧମାଳ ଶାଖା ପକ୍ଷରୁ ୯ ଦଫା ଦାବି ନେଇ ଗୁରୁବାର ଫୁଲବାଣୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ ସଂକ୍ରାନ୍ତରେ ଦାବିପତ୍ର ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପଠାଯାଇଛି। ସମସ୍ତ ବ୍ଲକ୍‌ରୁ ଆଶା କର୍ମୀମାନେ ଏକ ଶୋଭାଯାତ୍ରାରେ ସ୍ଥାନୀୟ ମାଦିକୁନ୍ଦା ଛକରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ସେଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଆଶାମାନଙ୍କ ଯେଉଁଭଳି କାର୍ଯ୍ୟ ଭାର ଦିନକୁ ଦିନ ବଢ଼ାଇ ଦିଆଯାଉଛି, ସେହି ଭଳି ସେମାନଙ୍କୁ ଦରମା ପ୍ରଦାନ ସହ ଅନ୍ୟାନ ସୁବିଧା ଦେବା ଆବଶ୍ୟକ ବୋଲି ସଂଘ କାର୍ଯ୍ୟକର୍ତ୍ତା କହିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀକରି ଆଶାକର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରିବା। ସରକାରୀ ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ ମାସକୁ ୧୮ ହଜାର ଟଙ୍କା ପ୍ରଦାନା କରିବା। ସମସ୍ତଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଇଏସଆଇ ଯୋଗାଇବା, ଇପିଏଫ ଦେବା, ପ୍ରତିମାସ ୧୦ ତାରିଖରେ ପାରିଶ୍ରମିକି ପ୍ରଦାନ କରିବା, ଯୋଗ୍ୟତା ଭିତିରେ ତାଲିମ ଦେଇ ଏଏନ୍‌ଏମ୍ ପଦବୀକୁ ପଦୋନ୍ନତି ଦେବା, ପ୍ରତିବର୍ଷ ୨ ହଳ ୟୁନିଫର୍ମ ଦେବା, ଦୁର୍ଘଟଣା ଜନୀତ ମୃତ୍ୟୁ ହେଲେ ପରିବାର ଲୋକଙ୍କୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା, ଅବସର ସମୟରେ ଏକ କାଳୀନ ୧୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ ଓ ପ୍ରତିମାସରେ ୫ ହଜାର ଟଙ୍କା ଭତ୍ତା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି । ରାଜ୍ୟ ଆଶା ସହ ପ୍ରଭାରୀ ମୁକ୍ତିକାନ୍ତ ସାହୁ, ଜିଲା ସଭାନେତ୍ରୀ ଅମ୍ବିକା ବେହେରା, ସମସ୍ତ ବ୍ଲକର ସଭାନେତ୍ରୀ ଏବଂ ସମ୍ପାଦିକାଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରା ଯାଇଥିଲା ।ସେହିପରି ଆଶାକର୍ମୀ ସଂଘ ଗଞ୍ଜାମ ଜିଲା ପକ୍ଷରୁ ବିଭିନ୍ନ ଦାବି ନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ୯ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି ।ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଆଶାକର୍ମୀମାନେ ଛତ୍ରପୁର ନୂଆ ବସଷ୍ଟାଣ୍ଡରୁ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

## ମେଲାଣି ନେଲେ ମା'ଗଜଲକ୍ଷ୍ମୀ

ପୁରୁଷୋତ୍ତମପୁର,୧୬।୧୦(ସବିତା ମିଶ୍ର) ପୁରୁଷୋତ୍ତମପୁରରେ ମା'ଗଜଲକ୍ଷ୍ମୀ ମେଲାଣି ନେଇଛନ୍ତି। ଏହି ସମୟରେ ହରିବୋଲ ହୁଳହୁଳି ଶବ୍ଦରେ ସହର ପ୍ରକମ୍ପିତ ହୋଇଥିଲା। ରଥସାହିର ପୂଜା ମଣ୍ଡପରେ ପବିତ୍ର କୁମାର ପୂର୍ଣ୍ଣିମାଠାରୁ ମା' ଗଜଲକ୍ଷ୍ମୀ ୧୦ ଦିନ ଧରି ପୂଜା ପାଉଥିଲେ। ଦୀର୍ଘ ୫୦ ବର୍ଷ ଧରି ଏହି ମଣ୍ଡପରେ ପ୍ରତିବର୍ଷ ଏପରି ମା ପୂଜା ପାଇ ଆସୁଛନ୍ତି। ଏଠାରେ ଏକ ନିଆରା ପରମ୍ପରା ରହିଛି ଯାହାକି ମା' ଗଜଲକ୍ଷ୍ମୀ ପୂଜା ମଣ୍ଡପରୁ ଉଠିବା ପରେ ପ୍ରଥମେ ସାହି ଆରମ୍ଭରେ ଏବଂ ଥାନା ପରିସରରେ ଥିବା ଜଗନ୍ନାଥ ମନ୍ଦିରକୁ ଯାଇ କାଳିଆସାଆନ୍ତଙ୍କୁ ଦର୍ଶନ କରିବା ସହ ଲକ୍ଷ୍ମୀ ନାରାୟଣଙ୍କ ଭେଟହେବା ପରେ ହିଁ ମେଲାଣି ଉତ୍ସବକୁ ବାହାରିଥାନ୍ତି। ଲକ୍ଷ୍ମୀ ନାରାୟଣଙ୍କ ଏହି ଭେଟ ସମୟରେ ହେଉଥିବା ମହାଆଳତିକୁ ଦେଖିବା ଲାଗି ବହୁ ଜନସମାଗମ ହୋଇଥାଏ।

# ବିଦ୍ୟୁତ୍ ଯୋଗାଣ ନ ହେବାରୁ ଜେଇଙ୍କୁ ଅଟକ ରଖିଲେ ଗ୍ରାମବାସୀ

■ବର୍ଷାଜନିତ ସ୍ଥିତି ସୁଧୁରିବା ପରେ ୪ ଗ୍ରାମକୁ ହୋଇ ନ ଥିଲା ବିଦ୍ୟୁତ୍ ଯୋଗାଣ

ରାୟଗଡ଼,୧୬।୧୦(ଜ୍ୟୋତି ପ୍ରସାଦ ପାଣି) ଲିଖିତ ପ୍ରତିଶ୍ରୁତି ଦେଇ ସୁଦ୍ଧା ବିଭାଗୀୟ ଜେଇ ଓ କର୍ମଚାରୀ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ନ କରିବାରୁ ଅସନ୍ତୁଷ୍ଟ ଗ୍ରାମବାସୀ ସେମାନଙ୍କୁ ଗୁରୁବାର ଅଟକ ରଖିଥିଲେ। ଖବରପାଇ ରାୟଗଡ଼ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି ଉଦ୍ଧାର କରି ଆଣିଛି। ଏପରି ଘଟଣା ଗଜପତି ଗିଲାର ରାୟଗଡ ବ୍ଲକରେ ଘଟିଛି।

ରାୟଗଡ଼ ବ୍ଲକରେ ଗତ ୨ତାରିଖରେ ହୋଇଥିବା ବାଦଲଫଟା ବର୍ଷାରେ ଭୂସ୍ଖଳନ ଯୋଗୁ ପେକଟ ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଥିଲା। ଫଳରେ ବନାଳ, ରାଙ୍ଗଲସିଂ, ପରାଜି, ବାରବା ଆଦି ଗ୍ରାମରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ରାସ୍ତା ଉପରେ ମାଟି ଜମା ହୋଇଥିବାରୁ ବିଦ୍ୟୁତ୍ ଯୋଗାଣ ସମ୍ଭବ ହୋଇ ନ ଥିଲା । ତେବେ ସ୍ଥିତି ସୁଧୁରିବାରୁ ରାସ୍ତା ସଫା ହେବା ପରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଖୁବ୍ ଶୀଘ୍ର ଉପରୋକ୍ତ ୪ ଗାଁକୁ ବିଦ୍ୟୁତ୍ ଯୋଗାଣ ହେବ କହି ଚାଲିଯାଇଥିଲେ। ଦୀର୍ଘ ୧୫ ଦିନ ବିତି ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ ନ କରି କର୍ମଚାରୀମାନେ ନୀରବ ରହିଥିଲେ। ଗ୍ରାମବାସୀ ସେମାନଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ଆଜିକାଲି କହି ଦିନ ଗଡାଉଥିଲେ। ଫଳରେ ଶତାଧିକ ଗ୍ରାମବାସୀ ୧୪ ତାରିଖରେ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଆସି ପାଟିତୁଣ୍ଡ କରିଥିଲେ । ପରେ ଜେଇ ୧୫ ତାରିଖ ଅପରାହ୍ନ ସୁଦ୍ଧା ଉପରୋକ୍ତ ୪ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଅନ୍ୟପକ୍ଷରେ ଲିଖିତ ପ୍ରତିଶ୍ରୁତି ପରେ ମଧ୍ୟ ଉକ୍ତ ଗ୍ରାମଗୁଡିକୁ ବିଦ୍ୟୁତ୍ ଯୋଗାଣ ହୋଇପାରିନାହିଁ । ଫଳରେ ଗୁରୁବାର ଜେଇଙ୍କ ସମେତ କର୍ମଚାରୀମାନେ ବିଦ୍ୟୁତ୍ ବ୍ୟବସ୍ଥା ତନଖି ପାଇଁ ଯାଇଥିବାବେଳେ ଗ୍ରାମବାସୀ ସେମାନଙ୍କୁ ଅଟକ ରଖିଥିଲେ। ଦୀର୍ଘ ୭ ଘଣ୍ଟା ପର୍ଯ୍ୟନ୍ତ ସେମାନଙ୍କୁ ନ ଛାଡିବାରୁ ଖବର ପାଇ ସନ୍ଧ୍ୟା ୭ଟାରେ ରାୟଗଡ଼ ପୋଲିସ ଓ ତହସିଲଦାର ପହଁଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ବୁଝାଶୁଝା କରିବା ପରେ ସେମାନଙ୍କୁ ଗ୍ରାମବାସୀ ଛାଡିଥିଲେ।

# ୨୦୨୨ବ୍ୟାଚ୍ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କ ଦାରିଙ୍ଗବାଡି ଗସ୍ତ

ଦାରିଙ୍ଗବାଡ଼ି,୧୬।୧୦(ଅରୁଣ ସାହୁ) ୨୦୨୨ ବ୍ୟାଚର ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କ ୮ ଜଣିଆ ଦଳ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ୍ ଅଞ୍ଚଳକୁ ତାଲିମ ପାଇଁ ୪ ଦିନିଆ ଗସ୍ତରେ ଆସିଛନ୍ତି। ସେମାନେ ରବିବାର ଦାରିଙ୍ଗବାଡ଼ି ଜାଗୃତି କାର୍ଯ୍ୟାଳୟରେ ପହଞ୍ଚିବା ପରେ କର୍ମକର୍ତ୍ତାମାନେ ସେମାନଙ୍କୁ ସ୍ୱାଗତ କରିଥିଲେ। ଗୋପବନ୍ଧୁ ଏକାଡେମୀରୁ ଆସିଥିବା ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କ ମୁଖ୍ୟ ଲକ୍ଷ୍ୟ ଯେ, ଦୁର୍ଗମ ଅଞ୍ଚଳରେ ଗୋଷ୍ଠୀଗତ କାର୍ଯ୍ୟରେ କିଭଳି ସଫଳତା ମିଳିପାରୁଛି ଓ ଜନଜାତିଙ୍କ ବିକାଶ ହୋଇପାରିଛି ସେ ସମ୍ପର୍କରେ ଶିକ୍ଷାପ୍ରାପ୍ତ କରିବେ। ସେମାନେ ଅଧିକାରୀ ଭାବେ ଦାୟିତ୍ୱ ନେବା ପୂର୍ବରୁ ଏହି ତାଲିମ ନେଉଛନ୍ତି। ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟଙ୍କ ତତ୍ତ୍ୱାବଧାନରେ ଓଏଏସ୍ ଅଧିକାରୀମାନେ ବିଭିନ୍ନ ଶିକ୍ଷାର୍ଜନ କରିଛନ୍ତି। ଏହି ଗସ୍ତ ସମୟରେ ସେମାନେ ଗୋଷ୍ଠୀଗତ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ଜାଣିବା ସହ ବ୍ୟକ୍ତିଗତ ଜଙ୍ଗଲ ସୁରକ୍ଷା ଓ ଜଙ୍ଗଲ ଜମି ଅଧିକାର ସମ୍ପର୍କିତ କାର୍ଯ୍ୟକୁ ଦେଖିଥିଲେ। ଲୋକଙ୍କ



### ଦୁର୍ଗମ ଅଞ୍ଚଳରେ ବୁଲି ତାଲିମ ନେଲେ

ସହ ଆଲୋଚନା କରିଥିଲେ। ସେହିପରି ଶିଶୁମାନଙ୍କୁ ଲାଳନପାଳନ କରାଯାଉଥିବା ଗୃହ, ଜନଜାତିଙ୍କ ଜୀବନଜୀବିକା, କ୍ଷୁଦ୍ରଦାନାରେ ପ୍ରସ୍ତୁତି ଖାଦ୍ୟ ଓ ତାର ଚାଷ, ଜୈବିକ ହଳଦୀ ଚାଷ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମ୍ପର୍କିତ ଶିକ୍ଷାର୍ଜନ କରିଥିଲେ। ଏଥିପାଇଁ ସେମାନେ ଦୁର୍ଗମ କଟଡି ଗ୍ରାମ ସହ ଭ୍ରମରବାଡି, ସୁଲୁମାହା ଗ୍ରାମକୁ ଗସ୍ତ କରିଥିଲେ। ଏଥିସହ ଦାରିଙ୍ଗବାଡ଼ିର ପର୍ଯ୍ୟଟନକ୍ଷେତ୍ର ପରିଦର୍ଶନ, ଅନ୍ତରଙ୍ଗ ଯୁବ ମହାସଂଘର କର୍ମକର୍ତ୍ତା ଓ ସଦସ୍ୟଙ୍କ ସହ ଆଲୋଚନା, ମହିଳା ସଂଗଠନର ଭୂମିକା ଓ ସେମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି ସେମାନେ ଜାଗୃତି ସଭାଗୃହ ପରିସରରେ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ବୈଠକରେ ଯୋଗ ଦେଇଥିଲେ। ଓଏସ୍ ଅଧିକାରୀଙ୍କୁ ଜାଗୃତିର ଧ୍ରୁବ ଚରଣ ନାୟକ, ସଦାନନ୍ଦ ସିଂ, ଧନେଶ୍ୱର ସାହୁ ଓ ଅନ୍ୟକର୍ମକର୍ତ୍ତା ସହାୟତା କରିଥିଲେ। ଓଏସ୍‌ଙ୍କ ମଧ୍ୟରେ ସୌରଭ ବିଶି, ସମୀର ପାଇକରାୟ, ପ୍ରଭାକର ଦୀପା, କୁମରେସ ସାହୁ, ଶିବାନୀ ରାଉତ, ଶୁଚିସ୍ମିତା ମହାଉତି, ଦିପ୍ତୀରେଖା ବାଗ, ରଶ୍ମିତା ଲେଙ୍କା ଦାରିଙ୍ଗବାଡି ଆସିଥିଲେ।

# ଘୁମୁସର ବନଖଣ୍ଡକୁ ମିଳିଲା ୧୪ ପଦକ




### ଫରେଷ୍ଟ ସ୍ପୋର୍ଟସ ମିଟ

ଭଞ୍ଜନଗର,୧୬।୧୦(ବାବୁଲା ପ୍ରଧାନ): ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ଗତ ୧୧ ଓ ୧୨ ତାରିଖ ଦୁଇଦିନ ଧରି ରାଜ୍ୟସ୍ତରୀୟ ଫରେଷ୍ଟ ସ୍ପୋର୍ଟସ ମିଟ ଚାଲିଥିଲା। ଏଥିରେ ବିଭିନ୍ନ ବନଖଣ୍ଡରୁ ଆସିଥିବା ଶତାଧିକ ବନରକ୍ଷୀ, ବନପାଳ, ଡେପୁଟି ରେଞ୍ଜର, ରେଞ୍ଜର, ଏସିଏଫ, ଡିଏଫଓ, କର୍ମଚାରୀ ଅଂଶଗ୍ରହଣ କରି ପଦକ ପାଇଛନ୍ତି । ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡକୁ ୬ଟି ପଦକ ଓ ଘୁମୁସର ଦକ୍ଷିଣ ବନଖଣ୍ଡକୁ ୮ଟି ପଦକ ମିଳିଛି। ଘୁମୁସର ଦକ୍ଷିଣ ବନଖଣ୍ଡ ଅଧିକାରୀ ବିପାସା ପାରୁଲ (ଆଇଏଫଏସ) ଟେବୁଲ ଟେନିସରେ ସ୍ୱର୍ଣ୍ଣ ଓ ରୌପ୍ୟ ଦୁଇଟି ପଦକ ପାଇଛନ୍ତି। ଏଥିସହ ବନରକ୍ଷୀ ରୁମକି ନାୟକ ଚେସରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ଦୁଇଟିପଦକ ପାଇଛନ୍ତି। ରାଜକିଶୋର ବେହେରା ଲଙ୍ଗ ଜମ୍ପ ଏବଂ ଟ୍ରିପଲ ଜମ୍ପରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ଦୁଇଟି ପଦକ ପାଇଛନ୍ତି । ଧନେଶର ମିଞ୍ଜି ୮୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ, ପିଣ୍ଟୁ ସେଠୀ ସାଇକେଲ ଚାଳନାରେ ସିଲଭର୍ ପଦକ ବିଜୟୀ ହୋଇଛନ୍ତି। ଘୁମୁସର ଉତ୍ତର ବନଖଣ୍ଡ ତାରସିଂ ଡେପୁଟି ରେଞ୍ଜର ପ୍ରଶାନ୍ତ ବେହେରା ୨ଟି ପଦକ ପାଇଥିବା ବେଳେ ବନରକ୍ଷୀ ପି. ମୋହନ ଗୋଟିଏ, ସୋନମ କହଁର ୨ଟି ଓ ବନପାଳ ଦିଲୀପ ଦାସ ଗୋଟିଏ ପଦକ ପାଇଛନ୍ତି । ଦୁଇ ବନଖଣ୍ଡର କର୍ମଚାରୀଙ୍କୁ ୧୪ଟି ପଦକ ମିଳିଥିବାରୁ ସମସ୍ତ କର୍ମଚାରୀ ଖୁସି ବ୍ୟକ୍ତ କରିଛନ୍ତି।

# ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ଲକ୍ଷ୍ୟ

### ପୌର ଓ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କଲେ ରାଜ୍ୟ ନିର୍ବାଚନ କମିଶନର

ଛତ୍ରପୁର,୧୬।୧୦(ଦିଲୀପ ସାମଲ): ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢୀ ଗୁରୁବାର ଗଞ୍ଜାମ ଜିଲା ଗସ୍ତରେ ଆସି ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନ ଉପରେ ବିଭିନ୍ନ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ପାଢୀ ଅଧ୍ୟକ୍ଷତା କରି ଆଗକୁ ଆସୁଥିବା ଉଭୟ ପୌର ଓ ପଞ୍ଚାୟତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ଏବଂ ନିର୍ଭିକ ମତଦାନ ପାଇଁ ପଦକ୍ଷେପ ନେବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି କହିଛନ୍ତି । ଜିଲାରେ ନୂତନ ଭୋଟର ହାରକୁ ବୃଦ୍ଧି କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ଆସନ୍ତା ଜାନୁଆରୀରେ ଯେଉଁମାନେ ୧୮



ବୈଠକରେ ଉପସ୍ଥିତ ଉପସ୍ଥିତ ଅଧିକାରୀଙ୍କ ସହ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢୀ ଆଲୋଚନା କରୁଛନ୍ତି।

ବର୍ଷରେ ପାଦ ଦେବେ ସେମାନଙ୍କୁ ଭୋଟର ତାଲିକାରେ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଭୋଟର ତାଲିକା ସଂଶୋଧନ, ତାଲିକାରୁ ବାଦ୍ ଓ ସଂଯୋଗ ସମ୍ପର୍କରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ପାଢୀ ପରାମର୍ଶ ଦେଇଥିଲେ। ଗତ ପୌର ଓ ପଞ୍ଚାୟତ ନିର୍ବାଚନରେ ଜିଲାରେ ସମୁଦାୟ ୭୦୯୯ଟି ବୁଥରେ ମତଦାନ ହୋଇଥିବା ବେଳେ ସେଥିରୁ ୬୮୩ଟି ବୁଥ ସମ୍ବେଦନଶୀଳ ରହିଥିଲା। ୪୦୭ଟି ବୁଥ ଅତି ସମ୍ବେଦନଶୀଳ ଚିହ୍ନଟ ହୋଇଥିଲା। ଆଗାମୀ ନିର୍ବାଚନ ବେଳେ ବୁଥ ସହ ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ବୁଥ ସଂଖ୍ୟା ବଢ଼ିପାରେ। ଏହାକୁ ମଧ୍ୟ ନଜର ରଖିବାକୁ ହେବ। ବୈଠକରେ ଜିଲାପାଳ ଭି.କୀର୍ତ୍ତିଭାସନ, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିରକେ, ଅତିରିକ୍ତ ଜିଲାପାଳ ଡ.ପ୍ରମୋଦ ପୃଷ୍ଟି, ଦେବବ୍ରତ ପଣ୍ଡା, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ଛତ୍ରପୁର ଉପଜିଲାପାଳ ସୁବାଶିଷ ବେରାଳ, ଭଞ୍ଜନଗର ଉପଜିଲାପାଳ ଉମାଶଙ୍କର ବେହେରା, ଜିଲା ପଞ୍ଚାୟତ ଅଧିକାରୀ ଓ ସବୁ ବ୍ଲକର ବିଡିଓଙ୍କ ସହ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାରୁ...

### ନୂଆପଡ଼ାର ବିକାଶ ...

ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀ ନ ମିଳିବାରୁ ବରଗଡ଼ ଜିଲାରୁ ପ୍ରାର୍ଥୀ ଆଣି ଛିଡ଼ା କରିଛି। ନୂଆପଡ଼ାର କର୍ମକର୍ତ୍ତାଙ୍କ ଉପରେ ବିଶ୍ୱାସ ନ ଥିବାରୁ ବାହାର ଜିଲାରୁ ପ୍ରାର୍ଥୀ ଆଣିଛନ୍ତି। ଯେଉଁଠୁ ପ୍ରାର୍ଥୀ ଆଣିଲେ ମଧ ନୂଆପଡ଼ା ଉପନିର୍ବାଚନରେ ପଦ୍ମ ଫୁଟିବ। ପୂର୍ବତନ ବିଧାୟକ ସ୍ୱର୍ଗତ ଢୋଲକିଆ ଓ ପୂର୍ବତନ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଉଭୟ ଦଳର ସଂଗଠନକୁ ମଜଭୁତ କରି ରଖିଥିଲେ। ଉଭୟଙ୍କ ସଙ୍ଗଠନ ଏକାଠି ମିଶିଗଲେ ଭାଜପା ଆହୁରି ମଜଭୁତ ହୋଇଯିବ। ବର୍ତ୍ତମାନ ନୂଆପଡ଼ାରେ ବିଜେଡି ନାହିଁ। ଢୋଲକିଆଙ୍କ ଅନୁସାରେ ଦଳ ରହିଥିଲା। ସ୍ୱର୍ଗତ ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଭାଜପାରେ ଯୋଗଦାନ କରିବା ପରେ ବିଜେଡିର ସମସ୍ତ କର୍ମକର୍ତ୍ତା ଭାଜପାରେ ଯୋଗଦାନ କରୁଛନ୍ତି। ପ୍ରାର୍ଥୀ ଜୟ ଢୋଲକିଆ ବହୁମତରେ ବିଜୟୀ ହେବେ। ୨୦୩୬ ପର୍ଯ୍ୟନ୍ତ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ କରିବା ସହ ନୂଆପଡ଼ାକୁ ବିକାଶଶୀଳ ଜିଲାରେ ପରିଣତ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ସମାବେଶରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ସୁରେଶ ପୂଜାରୀ, ମୁକେଶ ମହାଲିଙ୍ଗ, ବିଭୂତି ଭୂଷଣ ଜେନା, କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ପ୍ରଦୀପ ପୁରୋହିତ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜୟନାରାୟଣ ମିଶ୍ର, ଆକାଶଦାସ ନାୟକ, ବାବୁ ସିଂ, ଇରାଶିଷ ଆଚାର୍ଯ୍ୟ, ଲିକୁ ସାହୁ, ପୂର୍ବତନ ବିଧାୟକ ନାଉରି ନାଏକ, କୁସୁମ ଟେଟେ, ସ୍ୱର୍ଗତ ଢୋଲକିଆଙ୍କ ପତ୍ନୀ କଳ୍ପନା ଢୋଲକିଆଙ୍କ ସମେତ ଜିଲା ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲା ସଭାପତି କମଲେଶ ଦୀକ୍ଷିତ ମଞ୍ଚ ପରିଚାଳନା କରିଥିଲେ।

### ଭାଜପାର ୪୦...

ସିଦ୍ଧାନ୍ତ ମହାପାତ୍ର, ପୂର୍ବତନ ଏମ୍‌ପି ଅନୁଭବ ମହାନ୍ତି, ବିଧାୟକ ଆକାଶ ଦାସନାୟକ, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ କୁମାର ମହାନ୍ତି, ବରିଷ୍ଠ ନେତା ରଞ୍ଜନ କୁମାର ପଟେଲ, ପ୍ରସିଦ୍ଧ ଅଭିନେତା ତଥା ଛତିଶଗଡ଼ ବିଧାୟକ ଅନୁଜ ଶର୍ମା, ରୋହିତ ସାହୁ, ଯୋଗେଶ୍ୱର ରାଜୁ ସିହ୍ନା, ବିଧାୟକ ଲକ୍ଷ୍ମଣ ବାଗ ଏବଂ ସନତ ଗଡ଼ତିଆ ପ୍ରମୁଖ ସାମିଲ ଅଛନ୍ତି। ଏହି ଷ୍ଟାର ପ୍ରଚାରକ ତାଲିକା ପ୍ରଦାନ ସମୟରେ ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ଦିଲୀପ ମଲିକ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ, ରାଜ୍ୟ ଲିଗାଲ ସେଲ୍ ସଂଯୋଜକଜୟନ୍ତଜେନା,ବରିଷ୍ଠନେତାମୁରଲୀଶର୍ମାପ୍ରମୁଖଉପସ୍ଥିତଥିଲେ।

### ପଦାଧିକାରୀ ତାଲିକା ...

ରାଓ, ଶିବାଜୀ ମହାନ୍ତି, ଭବେନ୍ଦ୍ର କୁମାର ପଣ୍ଡା, ସିପ୍ରା ବାଜପେୟୀ, ସୁଦର୍ଶନ ଗୋଏଲ ଏବଂ ବିଷ୍ଣୁ ଦାସ ରହିଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ବିରଞ୍ଚି ନାରାୟଣ ତ୍ରିପାଠୀ,ସାରଦା ପ୍ରସାଦ ଶତପଥୀ, ସୀମାଞ୍ଚଳ ଖଟେଇ ଏବଂ ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାଏକଙ୍କୁ ନିଯୁକ୍ତି ଦିଆଯାଇଛି। ସମ୍ପାଦକ ଭାବେ ସରୋଜ କୁମାର କର, କାଳନ୍ଦୀ ସାମଲ, ସ୍ମୃତି ପଟ୍ଟନାୟକ, ପ୍ରୀତିପ୍ରତିଭା ଭୋଳ, ଭଗବାନ ମହାନ୍ତି, ପିଙ୍କି ପ୍ରଧାନ, ରାମଚନ୍ଦ୍ର ହାଁସଦା, ମମତା ସିଂ, ପୃଥ୍ୱୀରାଜ ମହାପାତ୍ର, ସ୍ମିତା ପ୍ରଧାନ ନିଯୁକ୍ତି ପାଇଛନ୍ତି। କୋଷାଧ୍ୟକ୍ଷ ଭାବେ ଅଜୟ କୁମାର ଅଗ୍ରୱାଲ ଏବଂ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଦିବାକର ହରିଚନ୍ଦନଙ୍କୁ ନୂଆ ଦାୟିତ୍ୱ ମିଳିଛି। ଏହି ପଦପଦବୀ ଲାଗି ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଅନୁମୋଦନ କରିଥିବା ବେଳେ ଦଳର ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତିଙ୍କ ଦସ୍ତଖତରେ ବିଜ୍ଞପ୍ତି ଜାରି କରାଯାଇଛି।

### ଅନ୍ଧାରରେ ରାଜ୍ୟର ...

ସେବା ଶତପ୍ରତିଶତ ପହଞ୍ଚିଛି ବୋଲି ପ୍ରମାଣପତ୍ର ଗ୍ରହଣ କରିବା ଲାଗି ସଚିବ ନାୟାର ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ମୋବାଇଲ ନେଟ୍‌ୱର୍କ ସେବା ଏବେ ସୁଦ୍ଧା ୫୧% ରହିଛି। ଅଦ୍ୟାବଧି ୪୯% ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ ପହଞ୍ଚି ପାରିନାହିଁ। ତେବେ ୨୧ଟି ଅଞ୍ଚଳରେ ଏପର୍ଯ୍ୟନ୍ତ ସର୍ଭେ ହୋଇନାହିଁ। ୫ଟି ଗ୍ରାମର ସ୍ଥିତି ନେଇ ତଥ୍ୟରେ ତାଳମେଳ ନାହିଁ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ, କେନ୍ଦୁଝର ଓ କନ୍ଧମାଳ ଜିଲାରେ ବିଶେଷ ଧ୍ୟାନ ଦେବା ଲାଗି ସଚିବ ପରାମର୍ଶ ଦେଇଛନ୍ତି। ସଚିବ ନାୟାର ଦର୍ଶାଇଛନ୍ତି, ରାଜ୍ୟରେ ୭୬ଟି ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରାବାସ ନିର୍ମାଣକୁ ଅନୁମୋଦନ କରାଯାଇଛି। ସେଥିମଧ୍ୟରୁ ୬ଟିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି, କିନ୍ତୁ ବାକି ଜିଲାଗୁଡ଼ିକ ଯଥା- ଢେଙ୍କାନାଳ, ଗଞ୍ଜାମ, କନ୍ଧମାଳ, କେନ୍ଦୁଝର, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା ଓ ସୁନ୍ଦରଗଡ଼ରେ କାମ ଆରମ୍ଭ ହୋଇନାହିଁ। ସମସ୍ତ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ଯେପରି ମାର୍ଚ୍ଚ ୨୦୨୬ ପୂର୍ବରୁ ସମାପ୍ତ ହେବ, ସେ ଦିଗରେ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରିବା ଲାଗି ସେ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଜମି ଦଖଲକୁ ନେଇ ଉଗ୍ରରୂପ ନେଲା ବିବାଦ

## ବିଏନ୍‌ଏସ୍ ୧୬୩ ଲାଗୁ, ୫ ପ୍ଲାଟୁନ୍ ଫୋର୍ସ ମୁତୟନ

**ଦିଗପହଣ୍ଡି/ପାଟପୁର,୧୬।୧୦ (ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ସିଙ୍ଗପୁର ପଞ୍ଚାୟତ ରତ୍ନମଣିପୁର ମୌଜା ରାସ୍ତାକଡ଼ରେ ଥିବା ଜମି ଦଖଲକୁ ନେଇ ସିଙ୍ଗପୁର ଏବଂ ରତ୍ନମଣିପୁର ଗ୍ରାମବାସୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଗୁରୁବାର ଉଗ୍ରରୂପ ନେଇଛି। ବିବାଦୀୟ ଜମିରେ ସନ୍ଧ୍ୟାରେ ପୋଲିସ ପକ୍ଷରୁ ବିଏନ୍‌ଏସ୍ ୧୬୩ ଲାଗୁ ସହ ୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି।

ଡେଙ୍ଗାଓସ୍ତା ଗ୍ରାମରୁ ସିଙ୍ଗପୁର ଯିବା ରାସ୍ତାରେ ରତ୍ନମଣିପୁର ମୌଜାରେ ଥିବା ପଞ୍ଚାୟତର ସରକାରୀ ଜମିକୁ ଉଭୟ ଗ୍ରାମର ବହୁ ସଂଖ୍ୟକ ବ୍ୟକ୍ତି ପ୍ରାୟ ୫୦ ବର୍ଷ ହେଲା ଜବରଦଖଲ କରି ରଖିଥିଲେ। କିଛିଦିନ ପୂର୍ବେ ପ୍ରଶାସନ ପକ୍ଷରୁ ପୋଲିସ ଉପସ୍ଥିତିରେ ସେଠାରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ପରେ ରତ୍ନମଣିପୁର ଏବଂ ଡେଙ୍ଗାଓସ୍ତା ଗ୍ରାମର କେତେଜଣ ବ୍ୟକ୍ତି ଉକ୍ତ ଜମିରେ ହନୁମାନ ମୂର୍ତ୍ତି ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ଚଳାଇଥିଲେ। ଉକ୍ତ ଜମିକୁ ଲାଗିଥିବା ପଞ୍ଚାୟତ ପୋଖରୀ ପୋତି ଏକ ପାର୍କ କରିବାକୁ ଯୋଜନା ହୋଇଥିବାରୁ ସିଙ୍ଗପୁର ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ବିରୋଧ କରି ଗୁରୁବାର ପୂର୍ବାହ୍ନରେ ସିଙ୍ଗପୁର ଗ୍ରାମବାସୀ ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ ଖୁବ୍‌ଶୀଘ୍ର ବିବାଦୀୟ ଜମିରେ ନିର୍ମାଣ କାର୍ଯ୍ୟ ବନ୍ଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଗ୍ରାମବାସୀ ରତ୍ନମଣିପୁର ଆସି ଉକ୍ତ ଜମିର ପାଚେରି ଓ ନିର୍ମାଣ କାମ ଭଙ୍ଗାରୁଜା କରିଥିଲେ। ଏହା ଜାଣିବା ପରେ ରତ୍ନମଣିପୁରର ବହୁ ଲୋକ ସେଠାରେ ପହଞ୍ଚିବାରୁ ସ୍ଥିତି ଅଣାୟତ୍ତ ହୋଇଥିଲା। ଉଭୟପକ୍ଷ ପରସ୍ପରକୁ ଟେକାପଥର ମାଡ଼ କରିଥିଲେ। ଏଥିରେ ଏକାଧିକ ଆହତ ହୋଇଥିଲେ। ପରେ ସିଙ୍ଗପୁରର ବହୁ ବ୍ୟକ୍ତି ଡେଙ୍ଗାଓସ୍ତା ଗ୍ରାମ ନିକଟ ୩୨୬ ନଂ. ଜାତୀୟ ରାଜପଥରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବରପାଇ ସାନଖେମୁଣ୍ଡି ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ପଟ୍ଟନାୟକଙ୍କ ସମେତ ଗଞ୍ଜାମ ଅତିରିକ୍ତ ଏସ୍‌ପି ସୀମା ସ୍ୱାଇଁ, ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା, ପାଟପୁର, ଶେରଗଡ଼, ଧରାକୋଟ ଥାନା ଅଧିକାରୀ ଓ ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗ୍ରାମର ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ପରେ ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ତହସିଲଦାର ଓ ପୋଲିସ ଅଧିକାରୀମାନେ ବୁଝାଶୁଝା କରିବାରୁ ଅପରାହ୍ନ ସାଢ଼େ ୫ଟାରେ ରାସ୍ତାରୋକୋ ହଟିଥିଲା। ପରେ ପୁଣି ପୋଲିସ ଉପସ୍ଥିତିରେ ସିଙ୍ଗପୁରର କେତେଜଣ ଜମିରେ ଯଜ୍ଞ ପାଇଁ କରାଯାଇଥିବା ମଣ୍ଡପ, ଅସ୍ଥାୟୀ ଷ୍ଟେଜ ଭାଙ୍ଗି ଦେଇଥିଲେ। ଉତ୍ତେଜନାମୂଳକ ସ୍ଥିତିକୁ ଦେଖି ଉପଜିଲାପାଳଙ୍କ ଉପସ୍ଥିତିରେ ସେଠାରେ ବିଏନ୍‌ଏସ୍ ୧୬୩ ଲାଗୁ କରାଯାଇଛି।




ବିବାଦୀୟ ଜମିରେ ଭଙ୍ଗାରୁଜା କରାଯାଇଥିବା ବେଳେ ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି।

# ଦାରିଦ୍ର୍ୟରେ ଥିବା ପରିବାର ପାଇଁ ସମ୍ମାନଜନକ ବ୍ୟବସ୍ଥା

ପ୍ରତିବର୍ଷ ଅକ୍ଟୋବର ୧୭ରେ ପାଳନ ହୋଇଆସୁଛି ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ। ଏହି ଦିବସ ଦାରିଦ୍ର୍ୟରେ ବାସ କରୁଥିବା ଲୋକଙ୍କର ବ୍ୟାପକ ସମାଜ ମଧ୍ୟରେ ବୁଝାମଣା ଏବଂ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖେ। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟରେ ଉଲ୍ଲେଖ କରାଯାଇଥିବା ତଥ୍ୟ ଅନୁସାରେ, ୨୦୩୦ ସୁଦ୍ଧା ସବୁଠି ସମସ୍ତ ଲୋକଙ୍କ ପାଇଁ ଚରମ ଦାରିଦ୍ର୍ୟ ଦୂରକରିବା। କ୍ଷୁଧାରୁ ମୁକ୍ତି, ଅସୁରକ୍ଷିତ ବାସସ୍ଥାନ ଏବଂ ବିପଜ୍ଜନକ କାର୍ଯ୍ୟ ପରିସ୍ଥିତି ଅନ୍ତର୍ଭୁକ୍ତ ସହ ସମ୍ମାନର ଜୀବନ ପ୍ରଦାନକରି ଦାରିଦ୍ର୍ୟରେ ବଞ୍ଚୁଥିବା ଲୋକଙ୍କ ଅନୁପାତକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବା। ଏଥିସହ ଏହା ଏକ ସ୍ଥାୟୀ ଭବିଷ୍ୟତକୁ ପ୍ରୋତ୍ସାହିତକରେ ଯେଉଁଠାରେ ଭବିଷ୍ୟତ ପିଢ଼ିର ନିଜସ୍ୱ ଆବଶ୍ୟକତା ପୂରଣ କରିବାର କ୍ଷମତାକୁ କ୍ଷତି ନ ପହଞ୍ଚାଇ ବର୍ତ୍ତମାନର ଆବଶ୍ୟକତା ପୂରଣ ହୁଏ। ସୂଚନାଯୋଗ୍ୟ, ୧୯୮୭ ଅକ୍ଟୋବର ୧୭ରେ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ଆରମ୍ଭ ହୋଇଥିଲା, ଯେତେବେଳେ ଦାରିଦ୍ର୍ୟର ଶିକାର ହୋଇଥିବା ଲୋକଙ୍କୁ ସମ୍ମାନିତ କରିବା ଏବଂ ଦାରିଦ୍ର୍ୟକୁ ମାନବାଧିକାରର ଉଲ୍ଲଂଘନ ଘୋଷଣା କରିବା ପାଇଁ ପ୍ୟାରିସ୍‌ଠାରେ ୧ଲକ୍ଷରୁ ଅଧିକ ଲୋକ ଏକତ୍ରିତ ହୋଇଥିଲେ। ତେବେ ୧୯୯୨ ମସିହାରେ ଜାତିସଂଘ ସାଧାରଣ ସଭା ଆନୁଷ୍ଠାନିକ ଭାବରେ ୧୭ ଅକ୍ଟୋବରକୁ ବିଶ୍ୱବ୍ୟାପୀ ଦାରିଦ୍ର୍ୟ ବିରୋଧରେ ସଚେତନତା ସୃଷ୍ଟି ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦିବସ ଭାବରେ ନାମିତ କରିଥିଲା। ଚଳିତବର୍ଷ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ଲାଗି ବିଷୟବସ୍ତୁ ରହିଛି 'ପରିବାର ପ୍ରତି ସମ୍ମାନ ଓ ପ୍ରଭାବଶାଳୀ ସମର୍ଥନ' ସୁନିଶ୍ଚିତକରି ସାମାଜିକ ଏବଂ ସାଂଗଠନିକ ଦୁର୍ବ୍ୟବହାରର ଅନ୍ତ ଘଟାଇବା। ଏହା ଦାରିଦ୍ର୍ୟରେ ଥିବା ପରିବାରଗୁଡ଼ିକୁ ଦଣ୍ଡ ଦେଉଥିବା କିମ୍ବା ଦୁର୍ବ୍ୟବହାର କରୁଥିବା ବ୍ୟବସ୍ଥାଗୁଡ଼ିକୁ ଭାଙ୍ଗିବା ଏବଂ ସେମାନଙ୍କୁ ସମ୍ମାନଜନକ ଓ ସହାୟକ ବ୍ୟବସ୍ଥା ସହ ବଦଳାଇବା ଉପରେ ଗୁରୁତ୍ୱାରୋପ କରେ।

**ଆଜି ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ**



# ଗଙ୍ଗନଗରଠାରେ ଜନସମ୍ପର୍କ ଯାତ୍ରାରେ ଯୋଗଦେଲେ ନବୀନ

**ଭୁବନେଶ୍ୱର, ୧୬।୧୦ (ସୁନିତ୍ ମିଶ୍ର)**

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗୁରୁବାର ୮୦ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ଜନ୍ମଦିନ ଅବସରରେ ସେ ପୂର୍ବାହ୍ନରେ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ଗଙ୍ଗନଗର ବିଜୁ ଆଦର୍ଶ କଲୋନିଠାରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅବସରରେ ବିଜେଡି ନେତା ଓ କର୍ମୀମାନଙ୍କ ଗହଣରେ ନବୀନ କିଛି ବାଟ ଚାଲିବା ସହିତ ଆୟୋଜିତ ସଭାରେ ଉପସ୍ଥିତ ଜନତା ଏବଂ କର୍ମୀଙ୍କୁ ଜନ୍ମଦିନର ଶୁଭେଚ୍ଛା ପାଇଁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ବିଜେଡି ରାଜ୍ୟବାସୀଙ୍କ ସହିତ ସବୁବେଳେ ରହିଛି ଓ ରହିଥିବ। ସେବା ବିଜେଡିର ମୂଳମନ୍ତ୍ର। ତେଣୁ ଲୋକଙ୍କ ସେବା ଜାରି ରଖିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେବା ସହିତ ଶେଷ ପର୍ଯ୍ୟନ୍ତ ସେ ଓଡ଼ିଶାର ସେବା କରିଚାଲିବେ ବୋଲି ନବୀନ କହିଛନ୍ତି। ଭୁବନେଶ୍ୱର ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ଏମ୍‌ପି ଦେବାଶିଷ ସାମନ୍ତରାୟ, ବିଧାୟକ ପ୍ରମିଳା ମଲିକ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ବିଭୂତି ବଳବନ୍ତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ଏବଂ ବିଜେଡିର କର୍ପୋରେଟରମାନେ ଯୋଗଦେଇଥିଲେ। ଏହି ଅବସରରେ ନବୀନ ପିଲାମାନଙ୍କୁ ଚକୋଲେଟ ବାଣ୍ଟିଥିଲେ। ନବୀନ ତାଙ୍କ ଜନ୍ମଦିନ ଏସ୍‌ଓଏସ୍ ଭିଲେଜର ପିଲାମାନଙ୍କ ଗହଣରେ ପାଳିଛନ୍ତି। ସେଠାରେ ପୂର୍ବାହ୍ନରେ ପହଞ୍ଚିବା ପରେ ପିଲାମାନେ ତାଙ୍କୁ ସ୍ୱାଗତ କରିଥିଲେ। ପିଲାଙ୍କ ଦ୍ୱାରା ପ୍ରସ୍ତୁତ କେକ୍ କାଟିବା ସହ ପିଲାଙ୍କୁ ତାହା ଖୁଆଇ ଦେଇଥିଲେ। ପିଲାଙ୍କୁ ଉପହାର ଦେଇଥିଲେ। ପିଲାଙ୍କୁ ଆଶୀର୍ବାଦ କରି ନବୀନ କହିଛନ୍ତି, ବର୍ତ୍ତମାନ ପିଲାଙ୍କ ସହ ଜନ୍ମଦିନ ପାଳନ କରି ସେ ବହୁତ ଖୁସି। ତାଙ୍କ ଜନ୍ମଦିନରେ ସାମିଲ ହୋଇଥିବାରୁ ପିଲାମାନଙ୍କୁ ସେ ଧନ୍ୟବାଦ ଜଣାଇବା ସହ ଭବିଷ୍ୟତରେ ଭଲ ମଣିଷ ହେବା ପାଇଁ ଆଶୀର୍ବାଦ କରିଛନ୍ତି।



# ୧୮ରେ ପ୍ରାର୍ଥୀପତ୍ର ଦାଖଲ କରିବେ ଜୟ

**ନୂଆପଡ଼ା,୧୬।୧୦ (ମକାରୁ ବେମାଲ)**

ନୂଆପଡ଼ା ଉପନିର୍ବାଚନ ଲାଗି ଚଳିତମାସ ୧୩ ତାରିଖରୁ ପ୍ରାର୍ଥୀପତ୍ର ଦାଖଲ ପାଇଁ ବିଜ୍ଞପ୍ତି ଜାରି ହୋଇଛି। ହେଲେ ଗୁରୁବାର ସୁଦ୍ଧା ଜଣେ ହେଲେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ଚତୁର୍ଥ ଦିନ ସୁଦ୍ଧା ୧୪ ଜଣ ପ୍ରାର୍ଥୀ ୧୫ ଗୋଟି ଫର୍ମ କ୍ରୟ କରିଛନ୍ତି। ଗୁରୁବାର ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ବିଶାଳ ପଟୁଆରାରେ ଆସି ପ୍ରାର୍ଥୀପତ୍ର ଦାଖଲ କରିବାର ଥିଲା। ହେଲେ କୌଣସି କାରଣବଶତଃ ସେ ପ୍ରାର୍ଥୀପତ୍ର ଦାଖଲ କରିନାହାନ୍ତି। ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ଯେ, ଗୁରୁଙ୍କ ଆଦେଶ କ୍ରମେ ୧୮ ତାରିଖ ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ଜଣାପଡିଛି। ବାପା ବିଧାୟକ ହୋଇ ଜିଲାର ବିକାଶ ପାଇଁ କାର୍ଯ୍ୟ କରିବା ସହ ଲୋକଙ୍କ ସେବା କରୁଥିଲେ। ଜନତା ଜନାର୍ଦ୍ଦନ ଆଶୀର୍ବାଦ କଲେ ବାପାଙ୍କ ଅଧୁରା ସ୍ୱପ୍ନ ପୂରା କରିବି ବୋଲି ଜୟ କହିଥିଲେ।


**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୨୦ ତାରିଖ: ୧୫।୧୦।୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୩ (ତିନି) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି। **ବର୍ଗ:** ପାର୍ସଲ, **କାଟାଲଗ୍ ନଂ.:** ଲିଜ୍-କେଜିପି-୨୫-୨୦, **ଇ-ନିଲାମ ତାରିଖ:** ୩୧।୧୦।୨୦୨୫। **ନିଲାମ ଆରମ୍ଭ ସମୟ:** ୧୦.୦୦ ଘଟିକା। **ନିଲାମ ସମାପ୍ତି ସମୟ:** ୧୭.୩୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-728) **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ (ସିଓଏନ୍), ଦକ୍ଷିଣ ପୂର୍ବ ରେଳପଥ, ରାଉରକେଲା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୦୨-ଟେଣ୍ଡର-ଇଏଲ୍‌ସିଓଏନ୍-ସିକେପି-୨୫-୨୬, ତାରିଖ: ୧୫।୧୦।୨୦୨୫। କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଚକ୍ରଧରପୁର ମଣ୍ଡଳରେ ଏମ୍‌ସିଏଲ୍ ଡିପୋଜିଟ୍ କାର୍ଯ୍ୟ ପାଇଁ ବରପାଲି ଲୋଡିଂ ବଲ୍‌ବ ଲାଇନ୍ (୪୭.୭୦ କିମି)ଠାରେ ୨୫ କେଭି ଓଏଚ୍‌ଇର ଯୋଗାଣ, ଉତ୍ଥାପନ, ପରୀକ୍ଷଣ ଓ କମିଶନିଂ। **ମୂଲ୍ୟ:** ₹୨୪,୮୬,୨୩,୦୧୨। **ବିଡ୍ ଅମାନତ:** ₹୧୩,୯୩,୧୦୦। **ସମାପ୍ତି ଅବଧି:** ୧୮ (ଅଠର) ମାସ। **ଧାର୍ଯ୍ୟ ତାରିଖ:** ୧୪।୧୧।୨୦୨୫। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-731)


# ୨ ବ୍ଲକ, ୨ ଏନ୍‌ଏସି ଦାୟିତ୍ୱ ୫୨ ନେତାଙ୍କୁ ବାଣ୍ଟିଲା ବିଜେଡି

**ଭୁବନେଶ୍ୱର, ୧୬।୧୦ (ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନ ଲାଗି ବିଜେଡି ପକ୍ଷରୁ ଦଳୀୟ ନେତାମାନଙ୍କୁ ଗୁରୁବାର ଦାୟିତ୍ୱ ବଣ୍ଟାଯାଇଛି। ଏନେଇ ଦଳ ପକ୍ଷରୁ ବିଳମ୍ବିତ ସନ୍ଧ୍ୟାରେ ଦାୟିତ୍ୱ ପାଇଥିବା ନେତାଙ୍କ ତାଲିକା ପ୍ରକାଶ ପାଇଛି। ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ୨ଟି ବ୍ଲକ ଏବଂ ୨ଟି ଏନ୍‌ଏସି ଦାୟିତ୍ୱ ୫୨ଜଣ ନେତାଙ୍କ ଭିତରେ ବଣ୍ଟାଯାଇଛି। ନୂଆପଡ଼ା ବ୍ଲକ ଦାୟିତ୍ୱ ୧୮ ଜଣଙ୍କୁ ଦିଆଯାଇଛି। ସେମାନଙ୍କ ମଧ୍ୟରେ ନିରଞ୍ଜନ ପୂଜାରୀ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ଦିବ୍ୟ ଶଙ୍କର ମିଶ୍ର, ପ୍ରୀତି ରଞ୍ଜନ ଘଡ଼େଇ, ଧ୍ରୁବ ସାହୁ, ମନୋହର ରନ୍ଧାରୀ, ପ୍ରଦୀପ ଦିଶାରୀ, ତୁଷାରକାନ୍ତି ବେହେରା, ବ୍ରଜ କିଶୋର ପ୍ରଧାନ, ରମେଶ ଚନ୍ଦ୍ର ବେହେରା, ସାରଦା ପ୍ରସନ୍ନ ଜେନା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସୁଦର୍ଶନ ହରିପାଲ, ପ୍ରଶାନ୍ତ କୁମାର ବେହେରା, ଦେବୀ ରଞ୍ଜନ ତ୍ରିପାଠୀ ଏବଂ ନୀହାର ରଞ୍ଜନ ବେହେରାଙ୍କୁ ଦିଆଯାଇଛି। ନୂଆପଡ଼ା ଏନ୍‌ଏସି ଦାୟିତ୍ୱରେ ୮ ଜଣ ରହିଛନ୍ତି। ସେଥିରେ ଅତନୁ ସବ୍ୟସାଚୀ ନାଏକ, ସାରଦା ପ୍ରସାଦ ନାଏକ, ଦେବେଶ ଆଚାର୍ଯ୍ୟ, ମନୋରମା ମହାନ୍ତି, ଦିପାଲୀ ଦାସ, ଆୟୁବ ଖାନ, ରିତା ସାହୁ, ସ୍ୱରୂପ ଦାସ ରହିଛନ୍ତି। ସେହିପରି କୋମନା ବ୍ଲକ ଦାୟିତ୍ୱରେ ପ୍ରଣବ ପ୍ରକାଶ ଦାସ, ପ୍ରତାପ ଦେବ, ଅଧୀରାଜ ପାଣିଗ୍ରାହୀ, ପୁଷ୍ପେନ୍ଦ୍ର ସିଂହଦେଓ, ଯୋଗେଶ ସିଂ, ରବି ନନ୍ଦ, ପ୍ରଦୀପ ମାଝୀ, ନଳିନୀକାନ୍ତ ପ୍ରଧାନ, ବ୍ୟୋମକେଶ ରାଏ, ସୁଶାନ୍ତ କୁମାର ରାଉତ, ସୁଭାଶିଷ ଖୁଣ୍ଟିଆ, ଜଗନ୍ନାଥ ସାରକା, ସରୋଜ ମେହେର, ବିଶ୍ୱରଞ୍ଜନ ମଲ୍ଲିକ, ଅବିନାଶ ସାମଲ, ଈଶ୍ୱର ପାଣିଗ୍ରାହୀ, ରୋହିତ ଯୋଶେଫ ତିର୍କୀ ଏବଂ ଉମାକାନ୍ତ ସାମନ୍ତରାୟ ରହିଛନ୍ତି। ଖରିଆର ରୋଡ୍ ଏନ୍‌ଏସି ଦାୟିତ୍ୱରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିକ୍ରମ ପଣ୍ଡା, କଳିକେଶ ନାରାୟଣ ସିଂଦେଓ, ସୌଭିକ ବିଶ୍ୱାଳ, ଗୌତମ ବୁଦ୍ଧ ଦାସ, ପ୍ରଶାନ୍ତ ମୁଦୁଲି ଏବଂ ରୁଦ୍ର ପ୍ରସାଦ ମହାରଥୀ ରହିଛନ୍ତି।


**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Road, Ranchi-834001, Jharkhand.
Ph No.: +91-651-2225878,
CIN: U45200JH2013SGC001752,
e-mail Id-juidcolimited@gmail.com

NIT No.: JUIDCO/NIT/H to B/Road/RNC/671
Date- 16.10.2025

**e-Procurement (Tender Notice)**

| | | |
|---|---|---|
| 1 | Name of Work | Resurfacing/ Refurbishing work of Road from Hinoo Chowk to Birsa Chowk in Ranchi Jharkhand. |
| 2 | Mode of Bid Submission | e-tendering (http://jharkhandtenders.gov.in) |
| 3 | Estimated Cost (Rs.) | Rs. 6,94,39,040.00/- (Rupees Six Crore Ninety-Four Lakhs, Thirty-Nine Thousand, Fourty) only. |
| 4 | Time of Completion | 06 Months |
| 5 | Tender Fee and Bid Security to be submitted online | Tender document fee: Rs 25,000/- (Rupees Twenty-Five Thousand) only. **Non-Refundable.** Bid Security: Rs 6,95,000.00/- (Rupees Eight Lakhs Thirty-Seven Thousand) only |
| 6 | Date/Time of Publication of Tender on Website | 17.10.2025 at 15:00 Hrs. |
| 7 | Last Date/Time of Bid Submission | 07.11.2025 at 17:00 Hrs. |
| 8 | Date/Time of opening of Bid | 10.11.2025 at 17:00 Hrs. |
| 9 | Bid Submission Address | Jharkhand Urban Infrastructure Development Company Limited, JUIDCO Bhawan, Kutchery Chowk, Ranchi, Jharkhand- 834001 |
| 10 | Helpline Number of e-procurement Cell | 0651-2225878 |

Further details can be seen on website http://jharkhandtenders.gov.in

Sd/-
**Project Director (Technical)**
**JUIDCO Ltd, Ranchi**

PR 364300 (Urban Development)25-26*D

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ,
ଭୁବନେଶ୍ୱର – 751 001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନର ପ୍ରଥମ ତଳ ପୋର୍ଟିକୋ ସାମ୍ନା ବାମ କୋଣରେ ନୋମିନାଲ ସାଇଜ 15 ଫୁଟ୍ x 9 ଫୁଟ୍ ର ପି4 କିମ୍ବା ତାହାଠାରୁ ଭଲ ସଂପୂର୍ଣ୍ଣ ରଙ୍ଗିନ୍ ଆଉଟଡୋର୍ ଏକ୍ଟିଭ୍ ଏଲଇଡି ଭିଡିଓ ୱାଲର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କାର୍ଯ୍ୟକ୍ଷମତା ନିମନ୍ତେ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ନଭେମ୍ବର 10, 2025 ଅପରାହ୍ନ 02:00 ଟା ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**AUL EMBANKMENT DIVISION, AUL**
Dist : Kendrapara, Odisha - 754219
Tel/Fax : 06729-295188, Mail id : aulembankment@gmail.com

**'e' Procurement Notice No. AUL-14 OF 2025-26**

1. No. of the work : **47 no. Flood Control & Road works.**
2. Tender Cost : Varies from ₹ 39,67,360.00 to ₹ 83,92,152.00
3. Bid Document Cost : Rs.6000.00 to 10000.00
4. Bid Security : Varies from Rs.39,700.00 to 84,000.00
5. Class of Contractor : C & B Class
6. Period of Completion : Six calendar months
7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid |
|---|---|---|---|---|
| | | From | To | |
| Superintending Engineer, Aul Embankment Division, Aul | AUL 01 of 2025-26 To AUL 47 of 2025-26 (47 nos. work) | **18.10.2025** 10.00 A.M. | **27.10.2025** 5.00 P.M. | **28.10.2025** 11.00 A.M. |

8. e-mail Id : aulembankment@gmail.com
9. **If required Lottery will be held on dtd.18.11.2025 at 11.00 A.M.**

Further detail conditions can be seen from the Govt. website www.tendersodisha.gov.in

**Sd./- Superintending Engineer**
**Aul Embankment Division**
**Aul**

**e-Procurement Cell**
**Executive Engineer, National Rural Employment Programme, Ranchi**
**JHARKHAND, RANCHI**

**Very Short Term e-Procurement Notice**
**Tender Reference No.16/2025-26**

| Sl. No | Name of Scheme | Estimated Amount (Lac) | Earnest Money (Lac) | BoQ Cost | Scheme Completion Date | Tools & Plant |
|---|---|---|---|---|---|---|
| 1 | Construction of New Class Room 10 ACR with Hall cum library Room at the campus of KGBV CM SOE Namkum Ranchi | 191.02900 | 3.85 | 10000.00 | 12 month | कार्य के अनुरूप |
| 2 | Construction of 6 ACR in Kasturba Gandhi Balika Vidyalaya Under Silli Block | 74.48300 | 1.50 | 10000.00 | 12 month | कार्य के अनुरूप |
| 3 | Construction of 6 ACR in Jharkhand Residential Girls School Under Rahe Block | 74.48300 | 1.50 | 10000.00 | 12 month | कार्य के अनुरूप |

| | | |
|---|---|---|
| 3 | Date of Publication of Tender on Website | 17.10.2025 at 9:00 AM |
| 4 | Start Date of Submission of Bids | 17.10.2025 at 11:00 AM |
| 5 | Last Date/Time of Submission of Bids | 01.11.2025 at 11:00 AM |
| 6 | Date/Time of opening of Bid | 03.11.2025 at 2:00 PM |
| 7 | Name & Address of office Inviting tender e-Procurement Cell, | National Rural Employment Programme, Ranchi. |
| 8 | Helpline Number of e-procurement Cell | 94727-45569 |

*Any change can be seen on Website http:// Jharkhandtenders.gov.in.*
*Any other information can be seen on http:// Jharkhandtenders.gov.in.*

PR 364277 (NREP) 25-26 (D)

**Nodal Officer**
**e-Procurement Cell**
**Executive Engineer, National Rural Employment Program me, Ranchi**

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଜାରରେ ମହିନ୍ଦ୍ରାର ନୂଆ ବୋଲେରୋ ରେଞ୍ଜ

ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)




ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ (ଏମ୍ ଆଣ୍ଡ ଏମ୍) ପକ୍ଷରୁ ବୋଲେରୋ ନୂଆ ରେଞ୍ଜର ବଜାର ପ୍ରବେଶ ହୋଇଛି। ଗୁରୁବାର ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ଉତ୍କଳ ଅଟୋମୋବାଇଲ ପକ୍ଷରୁ ବଜାର ପ୍ରବେଶ କାର୍ଯ୍ୟକ୍ରମରେ ଏରିଆ ସେଲ୍ସ ମ୍ୟାନେଜର ତନ୍ମୟ ଦେ, ଜେନେରାଲ ମ୍ୟାନେଜର ସଞ୍ଜୟ ବିଶ୍ୱାଳ ଏବଂ ବିଜ୍‌ନେସ୍ ଡେଭଲପମେଣ୍ଟ ମ୍ୟାନେଜର ରୋମିଲା ମଜୁମଦାର ଏବଂ ରାଜେଶ ରଥ ପ୍ରମୁଖ ଏହି ଅତ୍ୟାଧୁନିକ ଡିଜାଇନ ସହ ପ୍ରସ୍ତୁତ ଗାଡ଼ିର ଅନାବରଣ କରିଥିଲେ। ନୂତନ ବୋଲେରୋର ମୂଲ୍ୟ ଏକ୍ସ-ଶୋ'ରୁମ୍ ଆଧାରରେ ୭.୯୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଥିବାବେଳେ ନୂତନ ଟପ୍-ଏଣ୍ଡ ବି୮ ଭାରିଆଣ୍ଟ ୯.୬୯ ଲକ୍ଷ ଟଙ୍କାରେ ଉପଲବ୍ଧ। ନୂତନ ବୋଲେରୋ ନିଓର ମୂଲ୍ୟ ୮.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି, ଯାହାର ନୂତନ ଟପ୍-ଏଣ୍ଡ ଏନ୍୧୧ ଭାରିଆଣ୍ଟ ୯.୯୯ ଲକ୍ଷ ଟଙ୍କାରେ ମିଳିବ। ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ଏହି ନୂଆ ବୋଲେର ଗ୍ରାହକଙ୍କ ଦ୍ୱାରା ଆଦୃତ ହୋଇପାରିବ ବୋଲି ଆଶା କରାଯାଉଛି। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍‌ର ଅଟୋମୋଟିଭ ଡିଭିଜନର ମୁଖ୍ୟ ଏକ୍‌ଜିକ୍ୟୁଟିଭ ଅଫିସର ନଳିନୀକାନ୍ତ ଗୋଲ୍ଲଗୁଣ୍ଟା କହିଛନ୍ତି, ୨୫ ବର୍ଷରୁ ଅଧିକ ସମୟରୁ ବୋଲେରୋ ଲୋକାଦୃତ ଥିବାବେଳେ ଏସ୍‌ୟୁଭି ଭାବେ ସ୍ଥାନ ପାଇଛି। ନୂଆ ବୋଲେରୋ ରେଞ୍ଜକୁ ବର୍ତ୍ତମାନ ପିଢ଼ି ବିଶେଷକରି ସହରାଞ୍ଚଳ ଗ୍ରାହକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି।

## କେନ୍ଦୁଝରରେ ବିଓଆଇ ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର,୧୬।୧୦

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) ପକ୍ଷରୁ କେନ୍ଦୁଝରରେ ସତର୍କତା ସଚେତନତା ସପ୍ତାହ ଅକ୍ଟୋବର ୨୮ରୁ ନଭେମ୍ବର ୩ ପର୍ଯ୍ୟନ୍ତ କେନ୍ଦୁଝର ଅଞ୍ଚଳରେ ପାଳନ ହେବାକୁ ଯାଉଛି। ଏହି ଉପଲକ୍ଷେ ଲୋକମାନଙ୍କ ମଧ୍ୟରେ ସଚେତନତା ଆଣିବା ପାଇଁ ବିଓଆଇର କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯାଇଛି। କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଅମିତ୍ କୁମାର ପାଲ୍‌ଙ୍କ ମାର୍ଗଦର୍ଶନରେ କେନ୍ଦୁଝର ଅଞ୍ଚଳ ଅନ୍ତର୍ଗତ ଗ୍ରାମୀଣ ଓ ଅର୍ଦ୍ଧ ସହରୀ ଶାଖାଗୁଡ଼ିକରେ 'ଗ୍ରାମସଭା'ର ଆୟୋଜନ କରାଯାଇଥିଲା। ଏଥିରେ ଉପ-ଆଞ୍ଚଳିକ ପ୍ରବନ୍ଧକ ସିଦ୍ଧାର୍ଥ କୁମାର ବେହେରା ଉପସ୍ଥିତ ଥିଲେ। ସତର୍କତା ଅଧିକାରୀ ବି. ମହେଶ ଏବଂ ଶାଖା ପ୍ରବନ୍ଧକ ଲିଙ୍ଗରାଜ ବେହେରା ଉପସ୍ଥିତ ରହିଥିଲେ। ଚଳିତ ବର୍ଷ ସତର୍କତା ସଚେତନତା ସପ୍ତାହ- ୨୦୨୫ର ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

# ରାଉରକେଲାରେ ତନିସ୍କ ଷ୍ଟୋରର ରିଲଞ୍ଚ୍



ଭୁବନେଶ୍ୱର,୧୬।୧୦

### ଚାହିଦାରେ ପାର୍ବଣ କଲେକ୍ସନ 'ମୃଗାଙ୍କ'

ତନିସ୍କ ରାଉରକେଲା ଆମ୍ବେଦକର ଛକ କଚେରି ରୋଡ୍‌ରେ ଏକ ଷ୍ଟୋରକୁ ଗୁରୁବାର ରିଲଞ୍ଚ୍ କରାଯାଇଛି। ଟାଇଟନ କମ୍ପାନୀ ଲିମିଟେଡ୍‌ର ରିଜିଓନାଲ ବିଜ୍‌ନେସ୍ ହେଡ୍ ଶାହ ଗୌରବ କ୍ରିଷ୍ଣା ଏବଂ ତନିସ୍କର ସର୍କଲ ବିଜ୍‌ନେସ୍ ମ୍ୟାନେଜର ଅରିନ୍ଦମ ପରମାଣିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଷ୍ଟୋର ପକ୍ଷରୁ ସ୍ୱତନ୍ତ୍ର କଲେକ୍ସନ ସହ ଅଫର ଘୋଷଣା କରାଯାଇଛି। ସୁନାଗହଣା ବଦଳ ଉପରେ ଶୂନ୍ୟ ପ୍ରତିଶତ କାଟ୍ ଘୋଷଣା କରାଯାଇଥିବାବେଳେ ଅକ୍ଟୋବର ୨୧ ପର୍ଯ୍ୟନ୍ତ ପ୍ରତି ଗ୍ରାମ୍‌ରେ ୪୫୦ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ। ୧୦ ହଜାର ବର୍ଗଫୁଟ୍ ପରିମିତ ଅଞ୍ଚଳରେ ନିର୍ମିତ ଏହି ଷ୍ଟୋରରେ ସୁନା, ହୀରା, କୁନ୍ଦନ ଏବଂ ପୋଲକି ଗହଣା ଉପଲବ୍ଧ ରହିଛି। ଏହି ଅବସରରେ ପାର୍ବଣ କଲେକ୍ସନ 'ମୃଗାଙ୍କ'ର ମଧ୍ୟ ପ୍ରଦର୍ଶନ ତଥା ବିକ୍ରୟର ଶୁଭାରମ୍ଭ କରାଯାଇଛି। ଏହା ସହ 'ଆବାହନ' ଓ ଗ୍ଲାମ୍ ଡେଜ୍ ଭଳି କଲେକ୍ସନରେ ସ୍ୱତନ୍ତ୍ର ଡିଜାଇନର ଗହଣା ରହିଛି। 'ଡୋର' ଅଧୀନରେ ଏକ୍ସକ୍ଲୁସିଭ ରେଞ୍ଜର ମଙ୍ଗଳସୂତ୍ର ଏବଂ 'ଷ୍ଟନିଙ୍ଗ୍ ଏଭ୍ରି ଇୟର' ଅଧୀନରେ ସୁନାର ଓ ହୀରାର ସ୍ୱତନ୍ତ୍ର ଡିଜାଇନର କାନଫୁଲ ରହିଛି। 'କଲାଇ' ଅଧୀନରେ ଆକର୍ଷଣୀୟ ଚୁଡ଼ି ଏବଂ 'ଅବୀର' ଏବଂ 'ରିବାହ' ଅଧୀନରେ ଉପଲବ୍ଧ ଗହଣା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଏହି ଅବସରରେ ଶାହ ଗୌରବ କ୍ରିଷ୍ଣା କହିଛନ୍ତି, ରାଉରକେଲା ଅପେକ୍ଷାକୃତ ଅଧିକ ବଡ଼ ଷ୍ଟୋରର ଲଞ୍ଚକରି ଆମେ ଖୁସି ଅନୁଭବ କରୁଛୁ। ଗ୍ରାହକ ସେବାକୁ ତନିସ୍କ ସବୁବେଳେ ପ୍ରାଥମିକତା ଦେଇ ଆସୁଥିବାବେଳେ ଉକ୍ତ ଷ୍ଟୋର ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି।

# ଏଲ୍ଆଇସିର ଜନସୁରକ୍ଷା, ବୀମା ଲକ୍ଷ୍ମୀ ପ୍ଲାନ୍



ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି)ର ସିଇଓ ଏବଂ ଏମ୍‌ଡି ଆର୍. ଦୋରଇସ୍ୱାମୀଙ୍କ ଦ୍ୱାରା ଦୁଇଟି ନୂତନ ଯୋଜନା ଜନସୁରକ୍ଷା, ବୀମା ଲକ୍ଷ୍ମୀ ପ୍ଲାନ୍‌ର ଶୁଭାରମ୍ଭ କରାଯାଇଛି। ନୂତନ ନେକ୍ସଟ ଜେନ୍ ଜିଏସ୍‌ଟି ରେଜିମ୍‌ରେ ଏଲ୍ଆଇସି ଦ୍ୱାରା ପରିଚାଳିତ ପ୍ରଥମ ଦୁଇଟି ଉତ୍ପାଦ। ବର୍ତ୍ତମାନର ଅସ୍ଥିର ସୁଧ ହାରର ପରିସ୍ଥିତିରେ ଏହି ଦୁଇଟି ଯୋଜନା ନୀତି କାଳ ସମଗ୍ର ବୀମା କାଳରେ ଗ୍ୟାରେଣ୍ଟି ଯୋଗଦାନ ପ୍ରଦାନ କରୁଛି। ଏହି ଦୁଇଟି ଯୋଜନାରେ ୩ ବର୍ଷର ପୂର୍ଣ୍ଣ ପ୍ରିମିୟମ ପେମେଣ୍ଟ ପରେ ଅଟୋ କଭର ସୁବିଧା ଉପଲବ୍ଧ। ଜନସୁରକ୍ଷା ଏକ ଜୀବନ ମାଇକ୍ରୋ ବୀମା ଯୋଜନା। ଏହା ନିମ୍ନ ଆୟ ଗୋଷ୍ଠୀର ଲୋକମାନଙ୍କ ପାଇଁ ପ୍ରସ୍ତୁତ ହୋଇଛି। ସେହିପରି ବୀମା ଲକ୍ଷ୍ମୀ ପ୍ଲାନ୍ ମହିଳାଙ୍କ ପାଇଁ ବିଶେଷ ଭାବେ ପ୍ରସ୍ତୁତ କରାଯାଇଛି। ଉକ୍ତ ପ୍ଲାନ୍‌ରେ ପ୍ରତ୍ୟେକ ୨ ବର୍ଷ କିମ୍ବା ୪ ବର୍ଷ ପରେ ନିୟମିତ ନିର୍ଦ୍ଧାରିତ ଟଙ୍କା ଫେରସ୍ତ କିମ୍ବା ପ୍ରିମିୟମ ପେମେଣ୍ଟ ବନ୍ଦ ହେବା ପରେ ଆକର୍ଷଣୀୟ ଗ୍ୟାରେଣ୍ଟି ମ୍ୟାଚୁରିଟି ସୁବିଧା ପ୍ରଦାନ କରୁଛି। ଅଧିକ ସୂଚନା ପାଇଁ ଏଲ୍ଆଇସି ୱେବ୍‌ସାଇଟ କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।


# ଡୁରିଆନ୍ ଫର୍ନିଚରର ପାର୍ବଣ ଅଫର

ଭୁବନେଶ୍ୱର,୧୬।୧୦

Durian

ସାମନ୍ତରାପୁରସ୍ଥିତ ଡୁରିଆନ୍ ଫର୍ନିଚର ପକ୍ଷରୁ ପାର୍ବଣର ଅଫର ଘୋଷଣା କରାଯାଇଛି। ସେପ୍ଟେମ୍ବର ୯ରୁ ଆରମ୍ଭ ହୋଇଥିବା ଏହି ଅଫର ଅକ୍ଟୋବର ୨୬ ପର୍ଯ୍ୟନ୍ତ ଚାଲିବ। ଏଠାରେ ମିଳୁଥିବା ବିଭିନ୍ନ ପ୍ରଡକ୍ଟ ଉପରେ ନିର୍ଦ୍ଧାରିତ ସର୍ତ୍ତ ସହ ୫୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ଡୁରିଆନ୍ ଫର୍ନିଚର ମ୍ୟାନେଜର ଅନୀଲ କୁମାର ମହାପାତ୍ର କହିଛନ୍ତି, ଶୋ'ରୁମ୍‌ରେ ୨୦ ହଜାର ଟଙ୍କାରୁ ବେଡ୍ ଆରମ୍ଭ ହେଉଥିବାବେଳେ ୧୨ ହଜାରରୁ ସୋଫା ଆଦି ଉପଲବ୍ଧ ହେଉଛି। ଗ୍ରାହକଙ୍କ ବରାଦ ଅନୁସାରେ କଷ୍ଟୋମାଇଜଡ୍ ଫର୍ନିଚର ମଧ୍ୟ ଯୋଗାଇଦିଆଯାଉଛି। କ୍ୱିନ୍ ବେଡ୍, କିଙ୍ଗ୍ ବେଡ୍‌ର ଚାହିଦା ଅଧିକ ରହିଥିବାବେଳେ ଫାବ୍ରିକ୍, ଲେଦର ଏବଂ ଉଡେନ୍ ସୋଫାକୁ ମଧ୍ୟ ଖୁବ୍ ପସନ୍ଦ କରୁଛନ୍ତି। ଡାଇନିଂ ସେଟ୍ ସହ ଚେୟାର, ଟେବୁଲ ଆଦି ଅଫିସ୍ ଫର୍ନିଚର ମଧ୍ୟ ସୁଲଭ ମୂଲ୍ୟରେ ମିଳିପାରୁଥିବା ଅନୀଲ କହିଛନ୍ତି। ତେବେ ବିକ୍ରି ପରବର୍ତ୍ତୀ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି। ସେହିପରି ବିଭିନ୍ନ ଉତ୍ପାଦ ଉପରେ ୩ରୁ ୫ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ରହୁଥିବା ଡୁରିଆନ୍ ଫର୍ନିଚର ପକ୍ଷରୁ ସୂଚନା ଦିଆଯାଇଛି।

# Classified Everyday 0674-2580101, 9692975378




REAL ESTATE

SALE

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

**ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ N.H.-16 ପାଖରେ Litigation free 30ft. Road, ଇଲେକ୍ଟ୍ରି, Possession ଥାଇ ଉପଲବ୍ଧ। 6372526344.** D-04



Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-2217

The massage felt totally professional! & comfortable at all times- 7978109255. D-76500

Newly open Jyoti spa positively health benefits (Expert therapist). 8458067955. D-76942

## LOST

Anil Kumar Bansal Prop. of M/s Ram Pratap Rice & Chuda Mill At-Dunguripali, P.S.- Belpada, Dist.- Bolangir reported at Kantabanji P.S.- bearing GD No.- 014/dtd.- 16.10.2025 that the Security Deposit Receipt of an amount Rs. 5,81,554.60 paisa for Electric Connection bearing Consumer No.912000000019 was issued on 1.11.2021 has been lost somewhere in residential House at near Govt. Boys, High School,Kantabanji P.O./ P.S.- Kantabanji, Dist.- Bolangir. D-2296

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dt.- 06.10.25, I, MAGA MUDULI, Resident of Muduli Sahi, P.O./P.S.- Satyabadi, Puri, 752014, that I have changed my name MAGUNI MUDULI to MAGA MUDULI. Henceforth, I shall be know as MAGA MUDULI for all purposes.
MAGA MUDULI
D-2294

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Sri Giridhara Nayak declared that as per affidavit No.-983 Dtd- 9/10/2025 before the Notary Public, Sunabeda my sons old name Splandana Nayak has been changed to Spandan Nayak. Henceforth, he will be known as Spandan Nayak, son of Giridhara Nayak of Village Khadagapur, P.O.- Nandapur, Dist.- Koraput for all purposes. D-2293

By virtue of an affidavit before the Executive Magistrate, Rasulpur, Dist.- Jajpur, dated- 24.09.2025. I, Runu Nayak, D/o- Basanta Nayak, At- Bantara, P.O.- Bhotaka, P.S.- Kuakhia, Dist.- Jajpur, PIN- 755009, Odisha declare that I have changed my name & father name from Jhuni Nayak, D/o- Niranjan Nayak to Ranu Nayak, D/o- Basanta Nayak. Henceforth, I shall be known as Runu Nayak, D/o- Basanta Nayak for all future purpose. D-2301

ନିଜର ପ୍ରିୟଜନମାନଙ୍କୁ
ଜନ୍ମଦିନର ଓ ବିବାହ ଶୁଭେଚ୍ଛା
ଜଣାନ୍ତୁ କେବଳ ଟ୨୧୦/-
ରେ। ରଙ୍ଗୀନ ଟ୪୨୦/-
ରେ। (ଫଟୋ ସହ) ବି.ଦ୍ର.:
ଶୁଭେଚ୍ଛା ୬ସେମି. (H) X
୪ସେମି. (W)
ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Pattamundai, dated- 26.08.2025, I, Sanjana Ojha, At/P.O.- Ainipada, P.S.- Pattamundai, Dist.- Kendrapara, Odisha declare that I have changed my name from Sanjana Samantsinghar to Sanjana Ojha. Henceforth, I shall be known as Sanjana Ojha for all purposes.
Sanjana Ojha
D-2292

I, Rina Rani Samal (formerly Miss Sajani Rani Palai, D/o- Durjyadhan Palai), W/o- Kumud Charan Samal, holder of LIC Policy No.- 589504620, presently residing at Plot- 1009, Anand Vihar, Nayapalli, Bhubaneswar- 751012, earlier of Urunia, P.O.- Lunga, P.S.- Basudevpur, Dist.- Bhadrak- 756124, and later at Goramati, P.O.- Sabarang, Dist.- Bhadrak- 756123, declare both names refer to the same person. D-2298

By virtue of an affidavit in the Court of Executive Magistrate, Khaira, I, Debasmita Ghanta, W/o- Arun Kumar Jena of Vill- Sampei, P.S.- Khaira, Dist.- Balasore declare that in my Aadhaar Card my name has been recorded as Debasmita Ghanta but in my Husband's service regd (Military) my name has been mentioned as Debasmita Jena. Both the above names belongs to one & same person.
Debasmita Ghanta
D-2300

By virtue of an affidavit sworn before the Executive Magistrate, Puri on dtd- 18.09.2025. I, Balaram Das, S/o- Bhima Das, resident of At- Gopalpur Road, P.O.- Baliguali, P.S.- Penthakata Marine, Dist.- Puri, PIN- 752002, Odisha declare that I have changed my name from Balaram Behera, S/o- Bhima Behera to Balaram das, S/o- Bhima Das. Henceforth, I shall be known as Balaram Das for all future purpose. D-2299

I, Lanka Prasanna Kumar, S/o- Lanka Purna Chandra Rao, presently residing at TRL Township, Belpahar, Dist.- Jharsuguda, Odisha, 768218 declared by this affidavit vide No.- 12, Dtd.- 15.10.2025 that true and correct name of my wife is Lanka Sharmila Tagore and she will be known as Lanka Sharmila Tagore for all purpose. D-2297

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି (ସପ୍ତମ ବର୍ଷ)



**ସ୍ୱର୍ଗତା ସ୍ନେହଲତା ମହାନ୍ତି**
ସ୍ୱାମୀ: ସ୍ୱର୍ଗତ ଗିରିଧାରୀ ମହାନ୍ତି
ବାପୁଜୀ ନଗର, ଭୁବନେଶ୍ୱର
ଗ୍ରାମ: ବଡ଼ଗାଁ, ଜିଲ୍ଲା: କେନ୍ଦ୍ରାପଡ଼ା

ସପ୍ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଏହି ପୁଣ୍ୟ ତିଥିରେ ଆମେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ।

-: ଶୋକସନ୍ତପ୍ତ :-
ବନ୍ଧୁ ଓ ପରିବାରବର୍ଗ।

ଧ-୨୨୯୪


ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।


## ପଣ୍ୟ ପରିବହନରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ରେକର୍ଡ

ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ (ଏପ୍ରିଲ-ସେପ୍ଟେମ୍ବର ୨୦୨୫) ମଧ୍ୟରେ ପଣ୍ୟ ପରିବହନରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଏହି ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୫୬.୫୭ ମିଲିୟନ ଟନ୍ ପଣ୍ୟ ପରିଚାଳନା କରିଛି। ଏହି ସମୟ ମଧ୍ୟରେ ୮୬.୧୬ ନିୟୁତ ଟନ୍ ପଣ୍ୟ ବୋଝେଇ କରାଯାଇଥିଲା ବେଳେ ୭୦.୪୧ ନିୟୁତ ଟନ୍ ପଣ୍ୟ ପରିବହନ ରେଳମଣ୍ଡଳର କ୍ଷେତ୍ରାଧିକାର ମଧ୍ୟରେ ନିକାଶନ କରାଯାଇଥିଲା। ପୂର୍ବ ଆର୍ଥିକ ବର୍ଷର ସମାନ ସମୟ (ଏପ୍ରିଲ-ସେପ୍ଟେମ୍ବର ୨୦୨୪) ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୪୮.୧୩ ନିୟୁତ ଟନ୍ ପଣ୍ୟ କାରବାର କରିଥିଲା, ଯେଉଁଥିରେ ୭୯.୨୫ ନିୟୁତ ଟନ୍ ବୋଝେଇ ଏବଂ ୬୮.୮୮ ନିୟୁତ ଟନ୍ ନିକାଶନ ଅନ୍ତର୍ଭୁକ୍ତ ଥିଲା । ଗତବର୍ଷର ସମାନ ସମୟ ତୁଳନାରେ ଏହି ମଣ୍ଡଳ ୮.୪୪ ନିୟୁତ ଟନ୍ ଅଧିକ ପଣ୍ୟ ପରିବହନ କରିଛି, ଯାହା ଗତ ବର୍ଷ ତୁଳନାରେ ୫.୭% ଅଭିବୃଦ୍ଧିକୁ ଦର୍ଶାଉଛି। ଏଥିରେ ପୂର୍ବ ବର୍ଷର ପ୍ରଦର୍ଶନ ତୁଳନାରେ ଲୋଡିଂରେ ୬.୯୧ ମିଲିୟନ ଟନ୍ (୮.୭% ଅଭିବୃଦ୍ଧି) ଏବଂ ଅପସାରଣରେ ୧.୫୩ ମେଟ୍ରିକ ଟନ୍ (୨.୨% ଅଭିବୃଦ୍ଧି) ଅନ୍ତର୍ଭୁକ୍ତ । ଗତ ବର୍ଷର ସମାନ ସମୟ ମଧ୍ୟରେ ୫୪.୩ ନିୟୁତ ଟନ୍ ତୁଳନାରେ ତାଳଚେର ଅଞ୍ଚଳ ସର୍ବାଧିକ ୫୭.୦ ମିଲିୟନ ଟନ୍ ପଣ୍ୟ ପରିବହନ ଅବଦାନ ରଖିଛି। ପାରାଦୀପ ଅଞ୍ଚଳରେ ୨୮.୧ ମିଲିୟନ ଟନ୍ ଲୋଡିଂକରି ଯଥେଷ୍ଟ ବୃଦ୍ଧି ଘଟିଛି, ଯାହା ଗତ ଆର୍ଥିକ ବର୍ଷରେ ୨୫.୨ ମିଲିୟନ ଟନ୍ ଥିଲା । ସେହିପରି ଧାମରା ବନ୍ଦର ଅଞ୍ଚଳ ୧୮.୩ ମେଟ୍ରିକ ଟନ୍ ପରିଚାଳନା କରିଥିଲା, ଯାହା ପୂର୍ବ ବର୍ଷରେ ୧୬.୫ ମିଲିୟନ ଟନ୍ ଥିଲା। ଗୋପାଳପୁର ବନ୍ଦର ଅଞ୍ଚଳ ୧.୫ ମେଟ୍ରିକ ଟନ୍ ଅବଦାନ ଦେଇଥିଲା ଯାହା ପୂର୍ବ ବର୍ଷରେ ୧.୩ ମିଲିୟନ ଟନ୍ ଥିଲା। ନୟାଗଡ଼-କେନ୍ଦୁଝର ଅଞ୍ଚଳ ୪.୮ ମେଟ୍ରିକ ଟନ୍ ପରିଚାଳନା କରିଥିଲା, ଯାହା ପୂର୍ବ ବର୍ଷରେ ୪.୫ ମେଟ୍ରିକ ଟନ୍ ଥିଲା। ଇସ୍ପାତ କାରଖାନାରୁ ପଣ୍ୟ ପରିବହନ ସ୍ଥିର ରହିଛି। ଏହା ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୧୪.୪ ମିଲିୟନ ଟନ୍ ପରିଚାଳିତ ହୋଇଥିଲା। ଏହା ସାମାନ୍ୟ ବୃଦ୍ଧି ପାଇ ୧୪.୫ ମିଲିୟନ ଟନ୍ ହୋଇଛି।

# ୧୯୬୦ ଦଶକରେ ଭୁବନେଶ୍ୱରର କ୍ରୀଡ଼ା ଦୃଶ୍ୟପଟ



ଅଶୋକ ମହାନ୍ତି






**ଆମ ରାଜ୍ୟର ରାଜଧାନୀ ଦେଶର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନେଶ୍ୱର ସହରର ଇତିହାସ ୨୦୦୦ ବର୍ଷ ପୁରାତନ ହେଲେ ମଧ୍ୟ ଆଧୁନିକ ଭୁବନେଶ୍ୱର ସହର ୧୯୪୮ରେ ରାଜ୍ୟର ନୂତନ ରାଜଧାନୀର ମାନ୍ୟତା ପାଇଥିଲା। ୧୯୬୦ ଦଶକରେ ଶୈଶବ ଅବସ୍ଥାରୁ ଯୁବାବସ୍ଥାରେ ପ୍ରବେଶ କରିଥିବା ପ୍ରାୟ ୩୫ ହଜାର ଲୋକସଂଖ୍ୟାର ସହର ଭୁବନେଶ୍ୱରର ସେ ସମୟରେ କ୍ରୀଡ଼ା ଦୃଶ୍ୟପଟ କିପରି ଥିଲା ତା' ଉପରେ ସମ୍ୟକ ଆଲୋକପାତ...**

ଅଧୁନା ଭୁବନେଶ୍ୱରକୁ ଦେଶର 'ଅଘୋଷିତ କ୍ରୀଡ଼ା ରାଜଧାନୀ', 'ଆଇଡିଆଲ୍ ସ୍ପୋର୍ଟସ ଡେଷ୍ଟିନେଶନ', 'କ୍ରୀଡ଼ା ହବ୍' ଭାବେ ବର୍ଣ୍ଣନା କରାଯାଉଛି। ୬୦ ଦଶକରେ ଆଜିର ଦିନ ଭଳି ଖେଳାଳିମାନଙ୍କୁ ପ୍ରଚୁର ଅର୍ଥରାଶି ପୁରସ୍କାର, ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କରେ କର୍ମନିଯୁକ୍ତି, ଖେଳ ଅଭ୍ୟାସ ଏବଂ ପ୍ରତିଯୋଗିତା ପାଇଁ ଅତ୍ୟାଧୁନିକ କ୍ରୀଡ଼ାଙ୍ଗନ, ସନ୍ତରଣାଗାର, ଜିମ୍ନାସିୟମ୍, ଶୀତତାପ ନିୟନ୍ତ୍ରିତ କୋଠରିରେ ରହିବାର ବ୍ୟବସ୍ଥା ପ୍ରଭୃତି ପର୍ଯ୍ୟାପ୍ତ ସୁବିଧାସୁଯୋଗ ଉପଲବ୍ଧ ନ ଥିଲା। ଖେଳକୁ ଭଲ ପାଉଥିବା ଯୁବବର୍ଗ କ୍ରୀଡ଼ା ଅଭ୍ୟାସ ସହିତ କ୍ରୀଡ଼ା କାର୍ଯ୍ୟକ୍ରମରେ ଭାଗ ନେଉଥିଲେ ଏବଂ ଏହା ଥିଲା ମନୋରଞ୍ଜନର ଏକ ପ୍ରକୃଷ୍ଟ ମାଧ୍ୟମ।

ସେ ସମୟର କ୍ରୀଡ଼ା ଭିତ୍ତିଭୂମି (ଆଉଟ୍‌ଡୋର): ଭୁବନେଶ୍ୱର ସହରରେ ଯେଉଁ କେତୋଟି ସୀମିତ ଖେଳପଡ଼ିଆ ଥିଲା– ସେଗୁଡ଼ିକ ମଧ୍ୟରେ ପ୍ରମୁଖ ଥିଲା– ଏକ ନମ୍ବର ହାଇସ୍କୁଲ ପଡ଼ିଆ, ୩ ନମ୍ବର କ୍ୟାପିଟାଲ ହାଇସ୍କୁଲ ପଡ଼ିଆ, ଷ୍ଟୁଆର୍ଟ ସ୍କୁଲ୍ ପଡ଼ିଆ, ରିଜିଓନାଲ କଲେଜ ପଡ଼ିଆ, ଓୟୁଏଟି ପଡ଼ିଆ, ପୁରୁଣା ପରେଡ ଗ୍ରାଉଣ୍ଡ (ବର୍ତ୍ତମାନ ଆଇଜି ପାର୍କ), ବି.ଏମ୍. ହାଇସ୍କୁଲ (ପୁରୁଣା ଭୁବନେଶ୍ୱର) ଏବଂ ଭୁବନେଶ୍ୱର ଉପକଣ୍ଠରେ ଥିବା ଯଦୁପୁର ଗ୍ରାମ ପଡ଼ିଆ। କେବଳ ରିଜିଓନାଲ କଲେଜ ପଡ଼ିଆ ବ୍ୟତୀତ ଅନ୍ୟ ସମସ୍ତ ପଡ଼ିଆର ଉପରଭାଗ ଥିଲା ଗୋଡ଼ି ଭର୍ତ୍ତି ଟାଙ୍ଗରା ଭୂମି। ଏପରି ପ୍ରତିକୂଳ ଅବସ୍ଥାରେ ମଧ୍ୟ କ୍ରୀଡ଼ାବିତ୍‌ମାନେ ଛୋଟ ଛୋଟ ଜଖମକୁ ଖାତିର ନ କରି କ୍ରୀଡ଼ା ଅଭ୍ୟାସ ଜାରି ରଖିଥିଲେ। ପ୍ରାୟତଃ ଏକ ନମ୍ବର ହାଇସ୍କୁଲ ପଡ଼ିଆ ଏବଂ ପରେଡ ପଡ଼ିଆରେ ଭୁବନେଶ୍ୱର ଫୁଟ୍‌ବଲ ଏବଂ କ୍ରିକେଟ ଲିଗ୍ ଆୟୋଜିତ ହେଉଥିଲା।

ଇନ୍‌ଡୋର ଗେମ୍ସ ଯଥା କ୍ୟାରମ୍, ଚେସ୍, ବ୍ରିଜ, ଟେବୁଲ ଟେନିସ୍ ପ୍ରଭୃତି ଦୁଇ ନମ୍ବରସ୍ଥିତ ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବରେ ଖେଳାଯାଉଥିଲା ଏବଂ ପ୍ରତିଯୋଗିତା ଆୟୋଜନ ହେଉଥିଲା।

କ୍ରୀଡ଼ା ସଙ୍ଗଠନ/କ୍ଲବ: ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ବା କ୍ଲବ ମଧ୍ୟରେ ଥିଲା ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ, ପୁରୁଣା ଭୁବନେଶ୍ୱରର ଟାଉନ କ୍ଲବ, ଏକନମ୍ବରସ୍ଥିତ କିଶୋର କ୍ଲବ, କ୍ୟାପିଟାଲ ସ୍ପୋର୍ଟ୍ସ କ୍ଲବ, ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବ, ଏଜି ରିକ୍ରିଏଶନ କ୍ଲବ, କପିଳେଶ୍ୱର –ସୁନ୍ଦରପଦା ଫୁଟବଲ କ୍ଲବ, ଯଦୁପୁର ଫୁଟବଲ ଆସୋସିଏଶନ ପ୍ରଭୃତି। ସେ ସମୟର ବିଶିଷ୍ଟ କ୍ରୀଡ଼ା ସଙ୍ଗଠକମାନେ ଥିଲେ ସ୍ୱର୍ଗତ ଗତିକୃଷ୍ଣ ପଣ୍ଡା (ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନର ପ୍ରତିଷ୍ଠାତା ସଭ୍ୟ ଏବଂ ସମ୍ପାଦକ), ରବି ରାୟ, ସାରଦା କାନୁନ୍‌ଗୋ, ଜୟଦେବ ମହାପାତ୍ର(ଟାଉନ କ୍ଲବ ସମ୍ପାଦକ), ଜୟନ୍ତ ମହାପାତ୍ର, ମନୋରଞ୍ଜନ ମହାନ୍ତି, ଜି.ସି. ଭୋଳ (ରିଜିଓନାଲ କଲେଜର କ୍ରୀଡ଼ା ଶିକ୍ଷକ), ବାସୁଦେବ ଗରାବଡ୍ଡୁ (ପୁରୁଣା ଭୁବନେଶ୍ୱର) ଏବଂ ରାମ ନାରାୟଣ ପଟ୍ଟନାୟକ ପ୍ରମୁଖ। ବର୍ତ୍ତମାନ ରାମନାରାୟଣ ପଟ୍ଟନାୟକଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ପରଲୋକ ଗମନ କରି ସାରିଛନ୍ତି।

୬୦ ଦଶକରେ ଭୁବନେଶ୍ୱର ସହରରେ ସବୁଠାରୁ ଲୋକପ୍ରିୟ ଖେଳ ଥିଲା ଫୁଟ୍‌ବଲ। ଶୁଭେନ୍ଦୁ ପଟ୍ଟନାୟକ ଭୁବନେଶ୍ୱରର ପ୍ରଥମ ଖେଳାଳି ଭାବେ ୧୯୬୫ରେ ରାଜ୍ୟ ସନ୍ତୋଷ ଟ୍ରଫି ଦଳର ସଦସ୍ୟ ହୋଇଥିଲେ। କ୍ୟାପିଟାଲ ସ୍ପୋର୍ଟସ କ୍ଲବର ଖେଳାଳିମାନଙ୍କ ମଧ୍ୟରେ ଥିଲେ– ଶୁଭେନ୍ଦୁ ପଟ୍ଟନାୟକ, ବ୍ରଜ, ନିଶି ମହାନ୍ତି, ଜୀବନାନନ୍ଦ ଆଚାର୍ଯ୍ୟ, ବୈକୁଣ୍ଠ ବେହେରା, ସୁବାସ ପାଣିଗ୍ରାହୀ, ସ୍ୱର୍ଗତ ମନୋରଞ୍ଜନ ମହାନ୍ତି, ବରେଶ ମହାପାତ୍ର, ପ୍ରମେଶ ମହାପାତ୍ର, ଅଶୋକ ମହାନ୍ତି (ମଣ୍ଟୁ), ମନମୋହନ ହୋତା, ମନ୍ମଥ ସାହୁ (ଗୁଣ), ଜୟନ୍ତ ସାହୁ (ଟୁକୁ), ସ୍ୱର୍ଗତ ବାଦଲ ପଟ୍ଟନାୟକ, ଭକ୍ତବତ୍ସଳ ଦାସ (ଗଟ୍ଟୁ), ସଞ୍ଜୟ ଦାସ (କଇଁ), ସ୍ୱର୍ଗତ ସତ୍ୟ ମହାନ୍ତି, ପତାକି (ସ୍ୱର୍ଗତ), ଆଶିଷ ପଟ୍ଟନାୟକ, ବସନ୍ତ ହୋତା ଏବଂ ଅଶୋକ ମହାନ୍ତି (ଲେଖକ) ପ୍ରମୁଖ। ପୁରୁଣା ଭୁବନେଶ୍ୱରର ନନି ଦତ୍ତ, ଗୋକୁଳାନନ୍ଦ ବେହେରା, ଶ୍ୟାମ ସାହୁ, ନରେନ୍ଦ୍ର ସେଠୀ, ଗୌର ଭଟ୍ଟାଚାର୍ଯ୍ୟ ଓ ରବି ନନ୍ଦ (କଳ୍ପନା ଟକିଜ୍‌ର ମାଲିକ) ପ୍ରମୁଖ ଖେଳାଳି ଥିଲେ। ଟେକ୍ସଟ୍ ବୁକ୍ ପ୍ରେସ୍ ନିର୍ଦ୍ଦେଶକ ଥିବା ଦିଲୀପ ଦାସମହାପାତ୍ର ଜଣେ ଉଚ୍ଚକୋଟୀର ଫୁଟ୍‌ବଲ ଖେଳାଳି ସହିତ ଭଲିବଲ (ରାଜ୍ୟକୁ ପ୍ରତିନିଧିତ୍ୱ), ଦୌଡ଼କୁଦ, କ୍ରିକେଟ ଏବଂ ଟେବୁଲ ଟେନିସ୍‌ରେ ଜଣେ ଶ୍ରେଷ୍ଠ ଖେଳାଳିର ମାନ୍ୟତା ପାଇଥିଲେ।

କ୍ରିକେଟ: ଦେବ ମହାପାତ୍ର ଭୁବନେଶ୍ୱରର ପ୍ରଥମ ଖେଳାଳି ଭାବେ ଓଡ଼ିଶା ରଣଜି ଦଳର ସଦସ୍ୟ ଭାବେ ରାଜ୍ୟକୁ ପ୍ରତିନିଧିତ୍ୱ କରିଥିଲେ। ଅନ୍ୟ ପ୍ରମୁଖ ଖେଳାଳିମାନଙ୍କ ମଧ୍ୟରେ ଥିଲେ ଏନ.ପି. ଦାସ (ଧିରୁ), ବନି (ସର୍ବଭାରତୀୟ ବନ ସେବା ଅଧିକାରୀ), ମିହିର (ଓୟୁଏଟି), ମିଷ୍ଟ୍ରି ସ୍ପିନର ଗୋପାଳ ଦାସ, ଉମା ତ୍ରିପାଠୀ, ସୁରଞ୍ଜନ କାନୁନ୍‌ଗୋ, ମିନୁ କାନୁନ୍‌ଗୋ, ସ୍ୱର୍ଗତ ବାଦଲ ପଟ୍ଟନାୟକ, ସ୍ୱର୍ଗତ ଫାଲ୍‌ଗୁନି ସିଂ, ଗୌରାଙ୍ଗ ପରିଡା, ଭବାନୀ ବ୍ରହ୍ମା, ସୁଭାଷ ମହାପାତ୍ର, ପ୍ରମେଶ ମହାପାତ୍ର, ରବି ମହାପାତ୍ର, ରୁଡ଼ି ବର୍ଗ (ତତ୍କାଳୀନ ମୁଖ୍ୟ ଶାସନ ସଚିବ ଏ.କେ. ବାରେନ୍‌ଙ୍କ ପୁତ୍ର), ଦୁର୍ଲଭ ବିଶ୍ୱାସ, ଦୁଇ ଭାଇ ପ୍ରଫୁଲ୍ଲ ଓ ରବି ପଟ୍ଟନାୟକ, ମନସୁର ଅଲ୍ଲୀ, ମକସୁଦ ଅଲ୍ଲୀ ପ୍ରମୁଖ।

ଭଲିବଲ: ଭୁବନେଶ୍ୱରର ଆଗଧାଡ଼ିର ଖେଳାଳିମାନେ ସେ ସମୟରେ ତତ୍‌କାଳୀନ ପରେଡ୍ ଗ୍ରାଉଣ୍ଡ (ବର୍ତ୍ତମାନ ଇନ୍ଦିରା ଗାନ୍ଧୀ ପାର୍କ) ଏବଂ ଏ.ଜି. ରିକ୍ରିଏଶନ ୪ ନଂ. ୟୁନିଟ୍ ପଡ଼ିଆରେ ଅଭ୍ୟାସ କରୁଥିଲେ। ପ୍ରମୁଖ ଖେଳାଳିମାନଙ୍କ ମଧ୍ୟରେ ଥିଲେ ଦିଲୀପ ଦାସ ମହାପାତ୍ର, ବଦ୍ରି ମହାପାତ୍ର, ବିମଳ ମହାପାତ୍ର, ପ୍ରସନ୍ନ ପଟ୍ଟନାୟକ, ଜୀବନ, ରଞ୍ଜନ ଏବଂ ମୂର୍ତ୍ତି ପ୍ରଭୃତି। ବିଜେବି କଲେଜରେ ଯେଉଁ ମହିଳାମାନେ ଖେଳୁଥିଲେ ସେମାନେ ହେଲେ ଶୈଳବାସିନୀ ମହାନ୍ତି, ମୀନାକ୍ଷୀ ଦାସ, ପ୍ରଭାତ ନଳିନୀ ଏବଂ ନିନା କପୁର ପ୍ରମୁଖ।

ଆଥ୍‌ଲେଟିକ୍ସ (ଦୌଡ଼କୁଦ): ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ୍ ଦ୍ୱାରା ପ୍ରତିବର୍ଷ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହେଉଥିଲା ପରେଡ୍ ଗ୍ରାଉଣ୍ଡରେ। ସେ ସମୟରେ ଉଚ୍ଚକୋଟୀର ଆଥ୍‌ଲେଟ୍ସଙ୍କ ମଧ୍ୟରେ ଥିଲେ ଜଗଦାନନ୍ଦ ମହାପାତ୍ର (ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଭଣଜା), ରବି ମହାପାତ୍ର, ରୁଡ଼ି ବର୍ଗ, ଜୟନ୍ତ ସାହୁ (ଟୁକୁ), ଆଶିଷ ପଟ୍ଟନାୟକ, ସଞ୍ଜୟ ଦାସ (କଇଁ), ସତ୍ୟ ମହାନ୍ତି, ନରେନ୍ଦ୍ର ସେଠୀ, ଆର୍ତ୍ତ ମହାନ୍ତି ପ୍ରଭୃତି।

ବ୍ୟାଡ୍‌ମିଣ୍ଟନ: ୨ ନମ୍ବର ୟୁନିଟ୍‌ରେ ପାଲଘେରା ହୋଇ ଫ୍ଲଡ୍ ଲାଇଟ୍‌ରେ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ପ୍ରମୁଖ ଖେଳାଳିମାନେ ଥିଲେ ବିଷ୍ଣୁ ମହାନ୍ତି, ବରେଶ ମହାପାତ୍ର, ପ୍ରମେଶ ମହାପାତ୍ର, ଅଶୋକ ମହାନ୍ତି (ମଣ୍ଟୁ), ମନମୋହନ ହୋତା, ପ୍ରତାପ ବେହେରା, ଜୟନ୍ତ ହୋତା, ରାଜୁ ସାହୁ, ଲକ୍ଷ୍ମୀକାନ୍ତ ମହାନ୍ତି, ଦେବାଶିଷ ମହାପାତ୍ର ପ୍ରମୁଖ। ବିଜେବି କଲେଜରେ ଯେଉଁ ଝିଅମାନେ ଟୁର୍ନାମେଣ୍ଟରେ ଭାଗ ନେଉଥିଲେ, ସେମାନେ ହେଲେ ନିନା କପୁର, ଜ୍ୟୋତ୍ସ୍ନା ବେହେରା, ମୀନାକ୍ଷୀ ଦାସ, ପ୍ରଭାତ ନଳିନୀ, ଶୈଳବାସିନୀ, ମିରା ସିଂ, ଶ୍ରୀଲେଖା ଭଞ୍ଜ ମିଶ୍ର।

ଚେସ୍ ଖେଳର ପ୍ରସାର ଦିଗରେ ସ୍ୱର୍ଗତ ଅରାତି ବିଜୟ ମହାନ୍ତି ଏବଂ କେଶବ ଚନ୍ଦ୍ର ଦାସ ପ୍ରୟାସ ଆରମ୍ଭ କରିଥିଲେ। ତାଙ୍କ ଉଦ୍ୟମରେ ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବ୍‌ରେ ନିୟମିତ ଚେସ୍ ଖେଳ ହେଉଥିବା ବେଳେ ପ୍ରତିଯୋଗିତା ଆୟୋଜନ ହେଉଥିଲା। ଅନ୍ୟ ଖେଳଗୁଡିକ ମଧ୍ୟରେ ୬୦ ଦଶକର ଶେଷ ଭାଗରେ ବାସ୍କେଟବଲ ଆରମ୍ଭ ହୋଇଥିଲା। କଟକର ମାରୱାଡି ସ୍କୁଲରୁ ଡିଏମ୍ ସ୍କୁଲକୁ ବଦଳି ହୋଇ ଆସିଥିବା ପୂର୍ବତନ ବାସ୍କେଟବଲ ଖେଳାଳି କ୍ରୀଡ଼ା ଶିକ୍ଷକ ହନାନ୍ ସାର୍‌ଙ୍କ ତତ୍ତ୍ୱାବଧାନରେ ମୋହନ କିନି, ଜୟଦୂତ ରହମନ, ମକବୁଲ ଅଲ୍ଲୀ ପ୍ରଭୃତି ଆଗଧାଡ଼ିର ଖେଳାଳି ଥିଲେ।

ବଡ଼ିବିଲ୍‌ଡିଂ ଓ ଭାରୋତ୍ତୋଳନ: ପୁରୁଣା ଭୁବନେଶ୍ୱରର ବଉଳଗଡ଼ ଜିମ୍‌ନାସିୟମ, ପୁରୁଣା ଷ୍ଟେଶନ ରୋଡ୍‌ରେ ଥିବା ଶକ୍ତି ସଂଘ, ୮ ନମ୍ବର ୟୁନିଟ୍‌ର ରୟାଲ ଜିମ୍‌ନାସିୟମ, ଏକ ନମ୍ବର କିଶୋର କ୍ଲବ, ୟୁନିଟ୍-୬ ଜିମ୍‌ନାସିୟମ, ୩ ନମ୍ବର ୟୁନିଟ୍‌ର ଉଷା ଆଲୋକ କ୍ଲବମାନଙ୍କରେ ନିୟମିତ ଭାବେ ଯୁବକମାନେ ବଡ଼ି ବିଲ୍‌ଡିଂ ଏବଂ ଭାରୋତ୍ତୋଳନ ଅଭ୍ୟାସ କରୁଥିଲେ ଏବଂ ପ୍ରତିଯୋଗିତାରେ ଭାଗ ନେଉଥିଲେ।

୨ ନଂ. ୟୁନିଟ୍‌ସ୍ଥିତ ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବ୍‌ରେ ନିୟମିତ ଟେବୁଲ ଟେନିସ ଖେଳାଯାଉଥିଲା ଏବଂ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେଉଥିଲା। ଦିଲୀପ ଦାସ ମହାପାତ୍ର, ସୁକାନ୍ତ ଘୋଷ, ଜଟଶୀର ରାଓ ଭ୍ରାତା, ସତିଶ ପଟ୍ଟନାୟକ, ଅର୍‌ନେଷ୍ଟ ଫ୍ଲୋଟ, ରାଜୁ ସାହୁ ପ୍ରମୁଖ ଉଚ୍ଚକୋଟୀର ଖେଳାଳି ଥିଲେ।

ଉନ୍ନତ ଭିତ୍ତିଭୂମିର ଅଭାବ, ସୀମିତ ସୁବିଧା ସୁଯୋଗ ସତ୍ତ୍ୱେ ଭୁବନେଶ୍ୱର ସହରରେ କ୍ରୀଡ଼ାର ଏକ ଅନୁକୂଳ ବାତାବରଣ ଥିଲା ଏବଂ ଯୁବତୀ ଯୁବକମାନେ କ୍ରୀଡ଼ାକୁ ଏକ ମନୋରଞ୍ଜନର ମାଧ୍ୟମ ଭାବେ ଉପଭୋଗ କରୁଥିଲେ।



ୟୁନିଟ୍-୧ ଗ୍ରାଉଣ୍ଡରେ ବଲ୍‌କୁ କିକ୍ କରି ଏକ ଫୁଟ୍‌ବଲ ମ୍ୟାଚର ଶୁଭାରମ୍ଭ କରିବା ଅବସରରେ ଶୁଭେନ୍ଦୁ ପଟ୍ଟନାୟକ

# ଓଡ଼ିଶା 'ଖୋ ଖୋ'ର ଗର୍ବ ମାଗାଇ

ଭୁବନେଶ୍ୱର, ୧୬।୧୦(ଅନାଦି କର)

'ଆମ ଆଦିବାସୀ ଗାଁରେ ସାଧାରଣତଃ ବଡ଼ ଆକାରରେ ଦୀପାବଳି ପାଳନ କରାଯାଏ ନାହିଁ। କିନ୍ତୁ ଏଥର ଏହାକୁ ଖୁବ ଆଡ଼ମ୍ବରରେ ପାଳନ କରାଯିବ। ମୋ ପାଇଁ ମୋ ଝିଅ ହିଁ ଲକ୍ଷ୍ମୀ। ସେ ନିଜର ଉପଲବ୍ଧି ବଳରେ ଏହି ଦୀପାବଳିକୁ ମୋ ପାଇଁ ସ୍ୱତନ୍ତ୍ର କରି ଦେଇଛି। ସେ ତା'ର ଗାଁ, ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛି। ତା' ବିଷୟରେ ଚିନ୍ତା କରି ମୋ ହୃଦୟ ଗର୍ବରେ ଭରି ଯାଉଛି'। ଭାରତର ସର୍ବ ପ୍ରଥମ ଖୋ ଖୋ ବିଶ୍ୱକପ୍ ଟ୍ରଫି ସହ ଓଡ଼ିଶା ଫେରିଥିବା ୨୧ ବର୍ଷୀୟା ମାଗାଇ ମାଝୀଙ୍କ ମା' ବୁଧବାରୀ ଲୁହଭରା ଆଖିରେ ଏହା କହିଛନ୍ତି। କିନ୍ତୁ ସଫଳତାର ଏହି ମୁହୂର୍ତ୍ତରେ ପହଞ୍ଚିବା ପାଇଁ ମାଗାଇଙ୍କୁ ଅନେକ ବାଧା, ସଂଘର୍ଷ, ଦ୍ୱନ୍ଦ୍ୱ ଦେଇ ଗତି କରିବାକୁ ପଡ଼ିଥିଲା।

୨୦୦୪ ଅଗଷ୍ଟ ୧୮ ତାରିଖରେ ରାୟଗଡ଼ା ଜିଲା, କାଶୀପୁର ବ୍ଲକ, ଚନ୍ଦ୍ରଗିରି ପଞ୍ଚାୟତର କାସନାଦାରା ଗାଁରେ ମାଗାଇଙ୍କ ଜନ୍ମ। ତାଙ୍କ ଜନ୍ମର ମାସକ ପରେ ତାଙ୍କ ବାପା ଦାମୁ ମାଝୀଙ୍କର ଅକାଳ ବିୟୋଗ ଘଟିଥିଲା। ତାଙ୍କ ବାପା ପେସାରେ ଚାଷୀ ଥିଲେ। ସେ ଜଣେ ବିଧବା ଓ ଏକ ନବଜାତ ଝିଅକୁ ପଛରେ ଛାଡ଼ି ଯାଇଥିଲେ। ଗରିବ ଅଧ୍ୟୁଷିତ କାଶୀପୁର ବ୍ଲକରେ ବୁଧବାରୀ ଝିଅକୁ ହଷ୍ଟେଲରେ ରଖିବାକୁ ନିଷ୍ପତ୍ତି ନେଇଥିଲେ, ଯାହାକି ତାଙ୍କର ଓ ତାଙ୍କ ଝିଅର ଜୀବନ ବଦଳାଇ ଦେଇଥିଲା।

୨୦୧୩ରେ ମାଗାଇ ୯ ବର୍ଷ ବୟସରେ ଖୋ ଖୋ ଖେଳିବା ଆରମ୍ଭ କରିଥିଲେ। ଭାରତର ଏହି ପୁରାତନ କ୍ରୀଡ଼ା ତାଙ୍କର ଅନ୍ତରାତ୍ମାକୁ ଜାଗ୍ରତ କରିଥିଲା। ସେ ଘରଠାରୁ ଖୁବ୍ ଦୂରରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ଖୋ ଖୋ ହାଇ ପର୍‌ଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଇଥିଲେ। ଟ୍ରେନିଂ ସେଣ୍ଟରରେ ସେ ମା'ଙ୍କଠାରୁ ଦୂରରେ ରହି କଠିନ ପରିଶ୍ରମ ଓ ଝାଳବୁହା ଅଭ୍ୟାସ କରିଥିଲେ। ୨୦୧୯ରେ ତାଙ୍କ ପ୍ରତିନିଧିତ୍ୱରେ ଓଡ଼ିଶା ୫୩ତମ ସିନିୟର ଜାତୀୟ ଖୋ ଖୋ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଓ ୨୦୨୨ରେ ୩୬ତମ ଜାତୀୟ ଗେମ୍ସରେ ଓଡ଼ିଶା ରୌପ୍ୟ ପଦକ ଜିତିଥିଲା। ୨୦୨୪ରେ ତାଙ୍କ ପ୍ରତିନିଧିତ୍ୱରେ ଓଡ଼ିଶା ଖେଲୋ ଇଣ୍ଡିଆ ସିନିୟର ମହିଳା ଖୋ ଖୋ ଲିଗ୍ ଫେଜ ୩ରେ ଚାମ୍ପିୟନ ହୋଇଥିଲା। ଏହାପରେ ତାଙ୍କୁ ଚଳିତ ବର୍ଷ ଜାନୁଆରୀରେ ଅନୁଷ୍ଠିତ ଖୋ ଖୋ ବିଶ୍ୱକପ୍ ଲାଗି ଭାରତୀୟ ମହିଳା ଦଳରେ ସାମିଲ କରାଯାଇଥିଲା। ପୂରା ଟୁର୍ନାମେଣ୍ଟରେ ଭାରତୀୟ ଦଳ ସମ୍ପୂର୍ଣ୍ଣ କାୟା ବିସ୍ତାର କରି ଖେଳିଥିଲା। ଲିଗ୍ ପର୍ଯ୍ୟାୟରେ ଦକ୍ଷିଣ କୋରିଆ, ଇରାନ, ମାଲେସିଆକୁ ହରାଇବା ପରେ ଭାରତୀୟ ଦଳ କ୍ୱାର୍ଟର ଫାଇନାଲରେ ବାଂଲାଦେଶ ଓ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା। ଶେଷରେ ଫାଇନାଲରେ ନେପାଳକୁ ୪୦-୭୮ ବ୍ୟବଧାନରେ ହରାଇ ଭାରତ ପ୍ରଥମ ମହିଳା ଖୋ ଖୋ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଥିଲା। ଏହାର ପ୍ରଭାବ ସ୍ୱରୂପ ତାଙ୍କ ଗାଁରେ ଖୋ ଖୋ କେବଳ ଏକ ଖେଳହୋଇ ରହି ନ ଥିଲା। ମାଗାଇ ଦେଖାଇ ଦେଇଥିଲେ ଯେ, ପରିଶ୍ରମ ଓ ଉଚିତ ମାର୍ଗଦର୍ଶନ ବଳରେ ଝିଅମାନେ ସବୁ କିଛି ହାସଲ କରିପାରିବେ। ଏହି ବିଜୟ କେବଳ ତାଙ୍କର ନ ଥିଲା ବରଂ କୌଣସି ବାଧାକୁ ଖାତିର ନ କରି ଆଗକୁ ବଢୁଥିବା ପ୍ରତ୍ୟେକ ଝିଅର ବିଜୟ ଥିଲା।

ଏବେ ଗାଁ ଲୋକଙ୍କ ଫୁସଫୁସ ପ୍ରଶଂସାରେ ପରିଣତ ହୋଇଛି। ଏ ସମ୍ପର୍କରେ ତାଙ୍କ ମା' ବୁଧବାରୀ କହିଛନ୍ତି, ମୋ ଗାଁ ଓ ଜିଲାର ଅନେକ ଲୋକେ ମୋତେ ପଚାରୁଛନ୍ତି ଯେ, ସେମାନେ କେଉଁ ଭଳି ସେମାନଙ୍କ ଝିଅକୁ ମୋ ଝିଅ ଭଳି କରିପାରିବେ। ପୂର୍ବରୁ ବାପା-ମା' ଖେଳକୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ। ଏବେ ଖେଳକୁ ସମୃଦ୍ଧ ଓ ଗୌରବର ମାର୍ଗ ଭଳି ଦେଖୁଛନ୍ତି। ଯେଉଁ ଝିଅର ଶର୍ଟ ପିନ୍ଧିବା ଓ ଖେଳିବାକୁ ନେଇ ପ୍ରଶ୍ନ କରାଯାଉଥିଲା, ସେହି ଝିଅ ଅନ୍ଧାରରେ ଆଲୋକ ହୋଇ ଅନେକଙ୍କୁ ବାଟ ଦେଖାଉଛି। ଖୋ ଖୋ ଆଦିବାସୀ ଓଡ଼ିଶାରେ ଏକ ଖେଳରୁ ଖୁବ ଅଧିକ ପାଲଟି ଯାଇଛି। ଏହି ଖେଳ ଏବେ ସମ୍ଭାବନାର ଏକ ପ୍ରତୀକ ପାଲଟି ଯାଇଛି।



ମା' ବୁଧବାରୀଙ୍କ ସହ ମାଗାଇ ମାଝୀ



ଫଷ୍ଟିନୋ ଓରୋ

# ୧୨ ବର୍ଷୀୟ ଫଷ୍ଟିନୋ ଚାମ୍ପିୟନ

ମୁମ୍ବାଇ, ୧୬।୧୦ (ପି.ଟି.)

**ଜିସିଏଲ୍ କଣ୍ଟେଣ୍ଡର୍ସ ଚେସ୍**

ଆର୍ଜେଣ୍ଟିନାର ୧୨ବର୍ଷୀୟ ବିସ୍ମୟ ଫଷ୍ଟିନୋ ଓରୋ ଏଠାରେ ଅନୁଷ୍ଠିତ ଜିସିଏଲ୍ କଣ୍ଟେଣ୍ଡର୍ସ ନକ୍‌ଆଉଟ ଚ୍ୟାଲେଞ୍ଜର୍ସ ରାଉଣ୍ଡ ଚେସ୍ ଟୁର୍ନାମେଣ୍ଟର ୨୧ ବର୍ଷରୁ କମ୍ ପ୍ରୋଡିଜି କାଟେଗୋରିରେ ଚାମ୍ପିୟନ ହୋଇଛନ୍ତି। ଅନ୍ୟପକ୍ଷରେ ଗ୍ରାଣ୍ଡମାଷ୍ଟର ଜୋସ୍ ମାର୍ଟିନେଜ୍ ଏବଂ ମହିଳା ଗ୍ରାଣ୍ଡମାଷ୍ଟର ମାଇ ନାର୍ଭା ଯଥାକ୍ରମେ ପୁରୁଷ ଓ ମହିଳା ଚାମ୍ପିୟନଶିପ୍ ଜିତିଛନ୍ତି। ବର୍ତ୍ତମାନ ଏହି ୩ଜଣ ଗ୍ଲୋବାଲ ଚେସ୍ ଲିଗ୍ (ଜିସିଏଲ୍) ତୃତୀୟ ସିଜନର ଅଫିସିଆଲ ବ୍ରାଣ୍ଡ ଆମ୍ବାସଡର ହେବେ। ଟେକ୍ ମହିନ୍ଦ୍ରା ଓ ଫିଡେର ମିଳିତ ଉଦ୍ୟମରେ ଏହି ଟୁର୍ନାମେଣ୍ଟ ମୁମ୍ବାଇରେ ଡିସେମ୍ବର ୧୩ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓରୋ 'ମେସି ଅଫ୍ ଚେସ୍' ଭାବେ ପରିଚିତ। ସେ ଏକ ରୋମାଞ୍ଚକ ଫାଇନାଲରେ ଭାରତୀୟ ଗ୍ରାଣ୍ଡମାଷ୍ଟର ପ୍ରଣବ ଆନନ୍ଦଙ୍କୁ ହରାଇ ଦେଇଥିବା ବେଳେ ଗ୍ରାଣ୍ଡମାଷ୍ଟର ଜୋସ୍ ମାର୍ଟିନେଜ୍ ଆମେରିକାନ୍ ଷ୍ଟ୍ରିମର ଓ ବ୍ଲିଜ୍ ସ୍ପେଶାଲିଷ୍ଟ ଅନ୍ତର୍ଜାତୀୟ ମାଷ୍ଟର ଆଣ୍ଡ୍ରୁ ଟଙ୍ଗ୍‌ଙ୍କୁ ପରାସ୍ତ କରିଛନ୍ତି। ଇସ୍ତୋନିଆର ନାର୍ଭା ୟୁକ୍ରେନର ମହିଳା ଗ୍ରାଣ୍ଡମାଷ୍ଟର ୟୁଲିଆ ଓସ୍‌ମାକ୍‌ଙ୍କ ବିପକ୍ଷରେ ବିଜୟ ହାସଲ କରିଛନ୍ତି।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୭/୨୦୨୫ Bhubaneswar, Friday, October 17/ 2025

# ଓଡ଼ିଶା ଇନିଂସ ୨୭୧ରେ ସୀମିତ

**ଭୁବନେଶ୍ୱର, ୧୬।୧୦ (ତପନ ସ୍ୱାଇଁ)**

ଚଳିତ ରଣଜୀ ଟ୍ରଫି ସିଜନ ଆରମ୍ଭରୁ ଓଡ଼ିଶାର ଦଳଗତ ବ୍ୟାଟିଂ ବିଫଳତା ପରିଲକ୍ଷିତ ହୋଇଛି। କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ବରୋଦା ବିପକ୍ଷ ରଣଜୀ ମ୍ୟାଚରେ ଏକଦା ୫ ଉଇକେଟ ହରାଇ ୨୫୦ ରନ କରିଥିବା ଓଡ଼ିଶା ଦଳର ପ୍ରଥମ ଇନିଂସ ୨୭୧ ରନ୍‌ରେ ସୀମିତ ରହି ଯାଇଛି। ଅର୍ଥାତ୍ ଅବଶିଷ୍ଟ ୨୧ ରନ ମଧ୍ୟରେ ଦଳ ୫ ଉଇକେଟ ହରାଇଛି। ଗୁରୁବାର ଦ୍ୱିତୀୟ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ବରୋଦା ପ୍ରଥମ ଇନିଂସରେ ୨

**ରଣଜୀ ଟ୍ରଫି**

**ବରୋଦା: ୧୨୭/୨**

ଉଇକେଟ ହରାଇ ୧୨୭ ରନ କରିଛି। ଜ୍ୟୋତ୍ସ୍ନିଲ ସିଂ ୧୨ ଓ ଶାଶ୍ୱତ ରାଓ୍ୱତ ୮ ରନକରି ଆଉଟ ହୋଇଥିବାବେଳେ ଶିଭାଲିକ ଶର୍ମା ୭୫ ଓ ସୁକୀର୍ତ୍ତ ପାଣ୍ଡେ ୩୨ ରନରେ ଅପରାଜିତ ରହିଛନ୍ତି। ବରୋଦା ଇନିଂସରେ ୬୧ ଓଭର ଖେଳ ହୋଇଥିଲେ ମଧ୍ୟ ଓଡ଼ିଶାର କୌଣସି ସ୍ପେଶାଲିଷ୍ଟ ବୋଲର ଗୋଟିଏ ହେଲେ ଉଇକେଟ ପାଇ ନାହାନ୍ତି। ଜ୍ୟୋତ୍ସ୍ନିଲ ରନ୍‌ଆଉଟ ହୋଇଥିବାବେଳେ ଅନ୍ୟ ଉଇକେଟଟି ସାମୟିକ ବୋଲର ଗୋବିନ୍ଦ ପୋଦ୍ଦାର ହାସଲ କରିଛନ୍ତି। ୮ ଉଇକେଟ ସୁରକ୍ଷିତ ଥିବାବେଳେ ବରୋଦା ଓଡ଼ିଶାର ପ୍ରଥମ ଇନିଂସ ସ୍କୋରଠାରୁ ଆଉ ୧୪୪ ରନ ପଛରେ ରହିଛି।



ଓଡ଼ିଶା ଓ ବରୋଦା ମଧ୍ୟରେ ଚାଲିଥିବା ମ୍ୟାଚ୍‌ର ଏକ ମୁହୂର୍ତ୍ତ।

## ଧୂପର ଶତକରୁ ବଞ୍ଚିତ

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୦୫/୫ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ଦିବସରେ ଆଉ ୬୬ ରନ ଯୋଗ କରିବାକୁ ସକ୍ଷମ ହୋଇଥିଲା। ଆତ୍ମବିଶ୍ୱାସର ସହ ଖେଳିଥିବା ରାଜେଶ ଧୂପର ଶତକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ସେ ୨୫୨ଟି ବଲ୍‌ର ସମ୍ମୁଖୀନ ହୋଇ ୭ ଚୌକା ଓ ୨ ଛକା ସହାୟତାରେ ୯୪ ରନ କରିଥିବାବେଳେ ଅତୀତ ସେଠ୍‌ଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ଆଉଟ ହୋଇଯାଇଥିଲେ। ଉଇକେଟ କିପର ଆଶୀର୍ବାଦ ସ୍ୱାଇଁ ୨୨ ରନର ଯୋଗଦାନ ଦେଇଥିବାବେଳେ ଲୋୟର ଅର୍ଡରରେ କୌଣସି ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବରୋଦା ବୋଲରଙ୍କ ମଧ୍ୟରେ ଅତୀତ ସେଠ୍ ୪ଟି, ରସିଖ ସଲାମ ୩ଟି, ଭାର୍ଗବ ଭଟ୍ଟ ୨ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୧/ଅଲ୍‌ଆଉଟ (ରାଜେଶ ଧୂପର–୯୪, ଶୁଭ୍ରାଂଶୁ ସେନାପତି–୭୯, ଅତୀତ ସେଠ୍–୪/୬୭, ରସିଖ ସଲାମ–୩/୬୬, ଭାର୍ଗବ ଭଟ୍ଟ–୨/୬୨)। ବରୋଦା ପ୍ରଥମ ଇନିଂସ: ୧୨୭/୨ (ଶିଭାଲିକ ଶର୍ମା–୭୫*, ସୁକୀର୍ତ୍ତ ପାଣ୍ଡେ–୩୨*, ଗୋବିନ୍ଦ ପୋଦ୍ଦାର–୧/୩୪)।

# ଅଭିଷେକ ପୁରୁଷ, ମନ୍ଧାନା ମହିଳା ପୁରସ୍କାର ବିଜେତା

**ଦୁବାଇ, ୧୬।୧୦ (ପି.ଟି.)**

ଭାରତର ଷ୍ଟାର ଓପନର ଅଭିଷେକ ଶର୍ମା ଓ ସ୍ମୃତି ମନ୍ଧାନା ସେପ୍ଟେମ୍ବର ମାସ ପାଇଁ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଜିତିଛନ୍ତି। ଅଭିଷେକଙ୍କୁ ଏସିଆ କପ୍‌ରେ ଏବଂ ସ୍ମୃତି ମନ୍ଧାନାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ମିଳିଛି। ସେପ୍ଟେମ୍ବର ମାସରେ ଅଭିଷେକ ଖେଳିଥିବା ୭ଟି ମ୍ୟାଚରେ ୪୪.୮୫ ଆଭରେଜରେ ୩୧୪ ରନ ସଂଗ୍ରହ କରିଥିଲେ। ତାଙ୍କର ଷ୍ଟ୍ରାଇକ୍ ରେଟ୍ ୨୦୦ ରହିଥିଲା। ଏହି ୨୫ ବର୍ଷୀୟ କ୍ରିକେଟର ଏସିଆ କପ୍‌ରେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ସେ ଆହୁରି ମଧ୍ୟ ଅନ୍ତର୍ଜାତୀୟ ଟି୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗରେ ସର୍ବାଧିକ ରେଟିଂ ପଏଣ୍ଟ ହାସଲ କରିଥିଲେ। ପୁରସ୍କାର ଦୌଡ଼ରେ ସେ ନିଜ ଦେଶର କୁଲଦୀପ ଯାଦବ ଓ ଜିମ୍ବାୱେର ବ୍ରାଏନ ବେନେଟ୍‌ଙ୍କୁ ପଛରେ ପକାଇ ଦେଇଥିଲେ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ମନ୍ଧାନାଙ୍କ ପ୍ରଦର୍ଶନ ଜବରଦସ୍ତ ରହିଥିଲା। ସେ ଏଥିରେ ୫୮, ୧୧୭ ଓ ୧୨୫ ରନ କରିଥିଲେ।

# ଟିଟ୍‌ମସଙ୍କ ଅବସର

**ବ୍ରିସ୍‌ବେନ୍, ୧୬।୧୦ (ଏପି):** ଅଲିମ୍ପିକ ଚାମ୍ପିୟନ ଆରିଆର୍ନ ଟିଟ୍‌ମସ ଏଲିଟ୍ ସୁଇମିଂରୁ ଅବସର ନେଇଛନ୍ତି। ସୋସିଆଲ ମିଡିଆରେ ଏନେଇ ସୂଚନା ଦେଇଛନ୍ତି। ଏହି ଖବର ଅଷ୍ଟ୍ରେଲୀୟ କ୍ରୀଡ଼ାପ୍ରେମୀମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ୨୫ବର୍ଷୀୟା ଟିଟ୍‌ମସ ହେଉଛନ୍ତି ୪ଥର ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା। ଟିଟ୍‌ମସ ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସ ୪୦୦ ମିଟର ଫ୍ରିଷ୍ଟାଇଲ ରେସ୍‌ରେ ତାଙ୍କ ଟାଇଟଲ ବଜାୟ ରଖିଥିଲେ।

# ସୁପର କପ୍‌ରୁ ଓହରିଲା ରିଅଲ କଶ୍ମୀର ଏଫ୍‌ସି

**ନୂଆଦିଲ୍ଲୀ, ୧୬।୧୦ (ପି.ଟି.)**

ଆଇ–ଲିଗ୍ ଦଳ ରିଅଲ କଶ୍ମୀର ଆସନ୍ତା ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରୁ ଓହରିଯାଇଛି। ସେମାନଙ୍କ ବିଦେଶୀ ଖେଳାଳିମାନଙ୍କୁ ଭିଜା ପ୍ରଦାନରେ ବିଳମ୍ବ ଘଟୁଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା କ୍ଲବ ତରଫରୁ କୁହାଯାଇଛି। ଗୋଆରେ ସୁପର କପ୍ ଫୁଟ୍‌ବଲ ଅକ୍ଟୋବର ୨୫ରୁ ଆରମ୍ଭ ହେବ। ରିଅଲ କଶ୍ମୀର ସ୍ଥାନରେ ଡେମ୍ପୋ ଏଫ୍‌ସି ଟୁର୍ନାମେଣ୍ଟରେ ସାମିଲ କରାଯାଇଛି। ଶ୍ରୀନଗର ଦଳ 'ଗ୍ରୁପ୍ ଅଫ୍ ଡେଥ୍' ରେ ମୋହନ ବାଗାନ ସୁପର ଜାଏଣ୍ଟ୍ସ, ଇଷ୍ଟ ବେଙ୍ଗଲ ଏଫ୍‌ସି ଓ ଚେନ୍ନାଇନ ଏଫ୍‌ସି ଦଳ ସହିତ ସ୍ଥାନ ପାଇଛି। ରିଅଲ କଶ୍ମୀର ଯଦି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥାନ୍ତା ତେବେ ଅକ୍ଟୋବର ୨୫ ସୁପର କପ୍ ଓପନରରେ ପ୍ରଥମେ ଇଷ୍ଟ ବେଙ୍ଗଲକୁ ଭେଟିଥାନ୍ତା। ଦଳ ପରେ ଗ୍ରୁପ୍ 'ଏ'ରେ ଅକ୍ଟୋବର ୨୮ରେ ମୋହନବାଗାନ ଏସ୍‌ଜି ଓ ଅକ୍ଟୋବର ୩୧ରେ ଚେନ୍ନାଇନ ଏଫ୍‌ସି ସହ ମୁକାବିଲା କରିଥାନ୍ତା।

# ବାବରଙ୍କ ପାଇଁ ଡ୍ରେସିଂ ରୁମ୍‌ରେ ପ୍ରଶଂସକ

**ଲାହୋର, ୧୬।୧୦(ପି.ଟି.):** ବାବର ଆଜମଙ୍କୁ ଭେଟିବା ପାଇଁ ଜଣେ ପ୍ରଶଂସକ ଗଦାଫି ଷ୍ଟାଡିୟମରେ ସୁରକ୍ଷା ବ୍ୟାରିକେଡ୍ ଡେଇଁ ପାକିସ୍ତାନ ଡ୍ରେସିଂ ରୁମ୍‌ରେ ପଶିବାକୁ ଚେଷ୍ଟା କରିଥିଲେ। ଉକ୍ତ ପ୍ରଶଂସକଙ୍କୁ ରିମାଣ୍ଡରେ ନିଆଯିବା ପରେ ପୋଲିସ ଛାଡ଼ି ଦେଇଛି। ଉକ୍ତ ଯୁବକଙ୍କ ନାମ ଓଭାଇସ। ଡବ୍ଲ୍ୟୁଟିସି ଚାମ୍ପିୟନ ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଚତୁର୍ଥ ଦିନ ଏହି ଘଟଣା ଘଟିଥିଲା।

# ଅଷ୍ଟ୍ରେଲିଆ ୧୦ ଉଇକେଟରେ ବିଜୟୀ

**ବିଶାଖାପାଟଣା, ୧୬।୧୦**

ଅଧିନାୟିକା ଆଲିସା ହିଲିଙ୍କ ଅପରାଜିତ ଶତକ ଓ ଫୋଏବେ ଲିଚ୍‌ଫିଲ୍ଡଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ଗୁରୁବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ମ୍ୟାଚ୍‌କୁ ୧୦ ଉଇକେଟରେ ଜିତି ନେଇଛି। ଏହା ଅଷ୍ଟ୍ରେଲିଆର ଚତୁର୍ଥ ବିଜୟ। ଏହି ବିଜୟ ସହ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ୫ ମ୍ୟାଚ୍‌ରେ ୯ ପଏଣ୍ଟ ସହ ଶୀର୍ଷକୁ ଫେରିଛି।

ଟସ୍ ଜିତି ବାଂଲାଦେଶ ୫୦

**ଆଇସିସି ମହିଳା ବିଶ୍ୱକପ୍**

ଓଭରରେ ୯ ଉଇକେଟ ହରାଇ ୧୯୮ ରନ କରିଥିଲା। ଦଳ ପାଇଁ ସୋଭନା ମୋଷ୍ଟାରୀ ଅପରାଜିତ ୬୬ (୯ ଚୌକା) ଓ ରୁବ୍ୟା ହାଇଦର ୪୪ (୮ ଚୌକା) ରନ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ଆଶଲେ ଗାର୍ଡନର, ଆଲାନା କିଙ୍ଗ, ଆବାବେଲ ସଦରଲାଣ୍ଡ ଓ ଜର୍ଜିଆ ୱାରେହମ ୨ ଲେଖାଏ ଉଇକେଟ ନେଇଥିଲେ। ଚଳିତ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଦଳକୁ ଅଲଆଉଟ୍ କରିବାରେ ପ୍ରଥମଥର ପାଇଁ ବିଫଳ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ୨୪.୫ ଓଭରରେ ବିନା ଉଇକେଟରେ ୨୦୨ ରନ କରି ମ୍ୟାଚ୍ ଜିତି ନେଇଥିଲା। ଅଧିନାୟିକା ହିଲି ୧୧୩ (୨୦ ଚୌକା) ଓ ଲିଚ୍‌ଫିଲ୍ଡ ୮୪ (୧୨ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ। ଏହା ହିଲିଙ୍କ ଚଳିତ ବିଶ୍ୱକପ୍‌ରେ ଦ୍ୱିତୀୟ ଶତକ ଥିଲା।



ମ୍ୟାଚ୍ ବିଜୟୀ ଭାଗୀଦାରି ପରେ ଆଲିସା ହିଲି ଓ ଫୋଏବେ ଲିଚଫିଲ୍ଡ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ: ୫୦ ଓଭରରେ ୧୯୮/୯(ସୋଭନା ମୋଷ୍ଟାରୀ–୬୬, ରୁବ୍ୟା ହାଇଦର –୪୪, ଆଲାନ କିଙ୍ଗ–୨/୧୮)। ଅଷ୍ଟ୍ରେଲିଆ: ୨୪.୫ ଓଭରରେ ୨୦୨/୦(ଆଲିସା ହିଲି–୧୧୩*, ଫୋଏବେ ଲିଚଫିଲ୍ଡ–୮୪*)।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ